NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
21 MARCH 2026
ଶନିବାର
୨୧ ମାର୍ଚ୍ଚ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 302 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୦୨ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର






ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ପର୍ବ ପବିତ୍ର ଇଦ୍-ଉଲ୍-ଫିତର୍ ଅବସରରେ ଓଡ଼ିଶାର ସମସ୍ତ ମୁସଲମାନ ଭାଇ ଭଉଣୀମାନଙ୍କୁ 'ନିତିଦିନ' ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

## ସ୍କିମାଟିକ୍ କନିଷ୍ଠ ଶିକ୍ଷକ ନିୟମିତ

**ଚାକିରିରେ ଯୋଗଦାନ ସମୟରୁ ନିୟମିତ ଘୋଷଣା**

**ଉପକୃତ ହେଲେ ୧୩ ହଜାରରୁ ଅଧିକ ଶିକ୍ଷକ**

ଭୁବନେଶ୍ୱର,୨୦।୩/ଏନ୍ଏନ୍ଏସ୍: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଚୁକ୍ତିଭିତ୍ତିକ ଭାବେ କାମ କରୁଥିବା ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିଛନ୍ତି। ୨୦୨୩-୨୪ ବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯାଇଛି। ଏହା ଦ୍ୱାରା ରାଜ୍ୟର ୧୩ ହଜାରରୁ ଅଧିକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନେ ଉପକୃତ ହୋଇଛନ୍ତି। ଏହି ଶିକ୍ଷକମାନେ ସେମାନଙ୍କର ଚାକିରିରେ ଯୋଗଦାନ

▶▶ ୬

## ବଢ଼ିଲା ପ୍ରିମିୟମ୍ ପେଟ୍ରୋଲ୍ ଦାମ୍

ନୂଆଦିଲ୍ଲୀ, ୨୦।୩/ଏଜେନ୍ସି: ମଧ୍ୟପ୍ରାଚ୍ୟ ଉତ୍ତେଜନା ମଧ୍ୟରେ ଶୁକ୍ରବାର ସରକାରୀ ତୈଳ କମ୍ପାନୀଗୁଡ଼ିକ ସ୍ପିଡ୍ ଏବଂ ପାୱାର ଭଳି ପ୍ରିମିୟମ୍ ପେଟ୍ରୋଲର ମୂଲ୍ୟ ପ୍ରତି ଲିଟର ପିଛା ୨.୦୯-ରୁ ୨.୩୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ନୂଆ ମୂଲ୍ୟ ଶୁକ୍ରବାର ଠାରୁ କାର୍ଯ୍ୟକାରୀ ହୋଇଛି। ଫଳରେ ଦେଶର ଅନେକ ସହରର ପେଟ୍ରୋଲ୍ ପମ୍ପଗୁଡ଼ିକରେ ଏବେ ପ୍ରିମିୟମ୍ ପେଟ୍ରୋଲ୍ ମୂଲ୍ୟରେ ବୃଦ୍ଧି ପରିଲକ୍ଷିତ ହୋଇଛି। ତେବେ ତୈଳ କମ୍ପାନୀଗୁଡ଼ିକ ଏହାରି ମଧ୍ୟରେ ସ୍ପଷ୍ଟ କରିଛନ୍ତି ଯେ, କେବଳ ପ୍ରିମିୟମ୍ ପେଟ୍ରୋଲ୍ ମୂଲ୍ୟରେ ସାମାନ୍ୟ ବୃଦ୍ଧି କରାଯାଇଛି କିନ୍ତୁ ନିୟମିତ ପେଟ୍ରୋଲର ମୂଲ୍ୟ ଅପରିବର୍ତ୍ତିତ ରହିଛି। ଅର୍ଥାତ୍ ପେଟ୍ରୋଲ୍ ପମ୍ପରେ ନିୟମିତ ପେଟ୍ରୋଲ୍ ପୂର୍ବ ମୂଲ୍ୟରେ ହିଁ ଉପଲବ୍ଧ ହେବ। ସରକାର ତଥେ ତୈଳ କମ୍ପାନୀ

▶▶ ୬

## ଜଳିଗଲା ୨୬ ପରିବାରର ୪୦ ବଖରା

ବ୍ରହ୍ମପୁର,୨୦।୩/ଏନ୍ଏନ୍ଏସ୍: ଗଞ୍ଜାମ ଜିଲ୍ଲା ସୋରଡା ଥାନା ଅଧିନ ବଡଗୋଛା ଗ୍ରାମର ହରିଜନ ସାହିରେ ଶୁକ୍ରବାର ମଧ୍ୟାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ୨୬ ପରିବାରର ପ୍ରାୟ ୪୦ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ୍ୟ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଶୁକ୍ରବାର ମଧ୍ୟାହ୍ନରେ ଗାଁର ଏକ ଚାଳ ଘରେ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ଗୋଟିଏ ପରେ ଗୋଟିଏ ଘରକୁ ନିଆଁ ମାଡ଼ି ଚାଲିଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁ ଲିଭିନଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଗ୍ରାମର ଭାବ ନାୟକ,

▶▶ ୬

# ବିରୋଧୀ ଅଟଳ, ଗୃହ ଅଚଳ

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି**

**ଉଠୁଛି ପଡୁଛି ବିଧାନସଭା**

ଭୁବନେଶ୍ୱର,୨୦।୩/ଏନ୍ଏନ୍ଏସ୍: ବିଧାନସଭାରେ ଏସ୍‌ସିବି ତାତି। ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ା. ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବିରେ ଅଟଳ ରହିଛନ୍ତି। ଫଳରେ କ୍ରମାଗତଃ ଚାରି ଦିନ ହେବ ଗୃହରେ ଅଚଳାବସ୍ଥା ଜାରି ରହିଛି। କଟକ ଏସସିବି ମେଡିକାଲ କଲେଜ ଅଗ୍ନିକାଣ୍ଡରେ ୧୩ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ଓଡିଶା ବିଧାନସଭାରେ ରାଜନୈତିକ ତାପମାତ୍ରା ଚରମ ସୀମାରେ ପହଞ୍ଚିଛି।

ଗତ ତିନି ଦିନ ଧରି ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ବିଧାନସଭା କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ବେଳେ ଆଜି ଚତୁର୍ଥ ଦିନରେ ମଧ୍ୟ ସେହି ପରିସ୍ଥିତି ରହିଥିଲା।



ଅନ୍ୟପକ୍ଷରେ ବାରମ୍ବାର ଗୃହ ମୁଲତବି ହେଉଛି। ଗୃହକୁ ସ୍ୱାଭାବିକ କରିବାକୁ ସର୍ବଦଳୀୟ ବୈଠକ ବସୁଥିଲେ ହେଁ ଫଳ ଶୂନ।

ଶୁକ୍ରବାର ଧାର୍ଯ୍ୟ ସାଢ଼େ ଦଶରେ ପ୍ରଶ୍ନକାଳକୁ ଆରମ୍ଭ କରିଥିଲେ ବାଚସ୍ପତି ସୁରମା ପାଢ଼ୀ। ପ୍ରାୟ ବାର୍ ମିନିଟ ଚାଲିଥିଲା। ପୂର୍ବ ତିନି ଦିନ ଭଳି ବିରୋଧୀ କଂଗ୍ରେସ ଏବଂ ବିଜେଡି ସଭ୍ୟ ଏସସିବି ଅଗ୍ନିକାଣ୍ଡ ପ୍ରସଙ୍ଗ ଉଠାଇ ଜୋର୍‌ଦାର୍ ହଟ୍ଟଗୋଳ କରିଥିଲେ। ଗୃହର ମଧ୍ୟଭାଗକୁ ଆସି ସେମାନେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବିରେ ହୋହାଲ୍ଲା ଏବଂ ନାରାବାଜି ଦେଇଥିଲେ। ବିଜେଡି ବିଧାୟକମାନେ ବିରୋଧକୁ ଅଧିକ ତୀବ୍ର କରିଥିଲେ। ଉକ୍ତ ଦଳର ସଦସ୍ୟ ପ୍ରଶାନ୍ତ ବେହେରା, ବିଶ୍ୱ ମଲ୍ଲିକ ଓ

▶▶ ୬

# ମହାନଦୀ ରିଭର୍ ଫ୍ରଣ୍ଟ୍ ପାଇଁ ୨୧୦ କୋଟି



**୪୨୬ ଏକର ପରିମିତ ଅଞ୍ଚଳରେ ସୌନ୍ଦର୍ଯ୍ୟକରଣ ଯୋଜନା**

**ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୨୦।୩/ଏନ୍ଏନ୍ଏସ୍: ଜାତୀୟସ୍ତରର ଏକ ଆକର୍ଷଣୀୟ ପର୍ଯ୍ୟଟନ ପ୍ରକଳ୍ପ ଭାବେ ବିକଶିତ ହେବ କଟକ ମହାନଦୀ ରିଭର ଫ୍ରଣ୍ଟ। ୨୧୦ କୋଟି ଟଙ୍କା ବ୍ୟୟରେ ୪୨୬ ଏକର ପରିମିତ ଅଞ୍ଚଳରେ କଟକ ମହାନଦୀ ତଟ ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ସମସ୍ତ ପ୍ରକ୍ରିୟା ଯଥାଶୀଘ୍ର ଶେଷ କରି ତୁରନ୍ତ କାର୍ଯ୍ୟାରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ଶୁକ୍ରବାର ଲୋକସେବା ଭବନ ଠାରେ କଟକ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ଉପରେ ଉଚ୍ଚସ୍ତରୀୟ ବୈଠକ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏଥିରେ ଅଧ୍ୟକ୍ଷତା କରି କହିଛନ୍ତି ଯେ, ୨୧୦ କୋଟି ଟଙ୍କା ବ୍ୟୟରେ କଟକ ମହାନଦୀ କୂଳର ୪୨୬ ଏକର ଅଞ୍ଚଳକୁ ଏହି ପ୍ରକଳ୍ପ ଜରିଆରେ ବିକଶିତ କରାଯିବ। ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁଯାୟୀ ୨୮୪ ଏକର ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯିବ ଏବଂ ଅବଶିଷ୍ଟ ୧୪୨ ଏକର ଅଞ୍ଚଳକୁ ପର୍ଯ୍ୟଟନ ଉପଯୋଗୀ କରାଯିବା ସହିତ ବିଭିନ୍ନ ଯାନିଯାତ୍ରା ପାଇଁ ମଧ୍ୟ ଉପଯୋଗୀ କରାଯିବ। ଏଥିରେ ଓଡ଼ିଶା ହାଟ, ହେରିଟେଜ ଭିଲେଜ, ପିକନିକ୍ ଏରିଆ, ଇଣ୍ଟରପ୍ରିଟେସନ ସେଣ୍ଟର, ଫୁଡ କୋର୍ଟ, ଲନ, ବଗିଚା, ମହାନଦୀ କୂଳ ସ୍ଥିତ ବିଭିନ୍ନ ୱାଟରବଡିର ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ରହିଛି। ଏସବୁ ନିର୍ମାଣ କାର୍ଯ୍ୟରେ ଗ୍ରୀନ ଟ୍ରିବ୍ୟୁନାଲ ଗାଇଡଲାଇନ ପାଳନ କରାଯିବ ।

▶▶ ୬

# ମଧ୍ୟପ୍ରାଚ୍ୟ ଅଭିମୁଖେ ତିନି ୟୁଏସ୍ ଯୁଦ୍ଧପୋତ

**ହର୍ମୁଜ୍ ପ୍ରଣାଳୀକୁ ଦଖଲ ସହ ଇରାନ୍‌ର ୟୁରାନିୟମ୍ ଭଣ୍ଡାରକୁ କବ୍‌ଜା ଟ୍ରମ୍ପଙ୍କ ଉଦ୍ଦେଶ୍ୟ**

ତେହରାନ୍, ୱାଶିଂଟନ୍, ୨୦।୩/ଏଜେନ୍ସି: ମିଡିଲ୍ ଇଷ୍ଟ (ମଧ୍ୟପ୍ରାଚ୍ୟ)ରେ ଆମେରିକା ନିଜ ସୈନ୍ୟ ଉପସ୍ଥିତିକୁ ଦ୍ରୁତଗତିରେ ବ୍ୟାପକ କରିବାରେ ଲାଗିଛି। ସିଏନ୍ଏନ୍ ରିପୋର୍ଟ ଅନୁସାରେ ସାଟେଲାଇଟ୍ ଇମେଜ୍‌ରୁ ଏସମ୍ପର୍କରେ ସୂଚନା ମିଳିଛି। ୩ଟି ଆମେରିକୀୟ ଯୁଦ୍ଧଜାହାଜ ସହ ମେରାଇନ୍ ସୈନିକ ଏବେ ମଧ୍ୟପ୍ରାଚ୍ୟ ମୁହାଁ ସାଜିଛନ୍ତି। ଏହି ୩ ଆମେରିକୀୟ ଯୁଦ୍ଧଜାହାଜଙ୍କ ମଧ୍ୟରେ ୟୁଏସ୍ଏସ୍ ତ୍ରିପୋଲୀ, ୟୁଏସ୍ଏସ୍ ସାନ୍ ଡିଏଗୋ ଏବଂ ୟୁଏସ୍ଏସ୍ ନ୍ୟୁ ଓରଲିୟନ୍ସ ଭଳି ଦୁର୍ଦ୍ଧର୍ଷ ଲଢୁଆ ଯୁଦ୍ଧପୋତ ସାମିଲ ଅଛନ୍ତି। ବଡ଼କଥା ହେଉଛି ଏସବୁ ଜାହାଜରେ ପ୍ରାୟ ୨୨୦୦ରୁ ଊର୍ଦ୍ଧ୍ୱ ମେରାଇନ୍ ସୈନିକ ବା ଆମେରିକାର ନୌସେନା ସୈନିକ ମୁତୟନ ଅଛନ୍ତି। ଏସମସ୍ତ ସୈନିକ ୩୧ ତମ ମେରାଇନ୍ ଏକ୍ସପେଡିସନାରୀ ୟୁନିଟ୍ (ଏମ୍ଇୟୁ)ର ଅଂଶ ଅଟନ୍ତି, ଯେଉଁମାନଙ୍କୁ ସାଧାରଣତଃ ସାମୁଦ୍ରିକ ଯୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରଖାଯାଇଥାଏ। ରିପୋର୍ଟ ଅନୁସାରେ ମଧ୍ୟପ୍ରାଚ୍ୟ ଅଭିମୁଖେ

▶▶ ୬








# ରତ୍ନଭଣ୍ଡାର ଗଣତି ମଣତି ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ବୈଠକ

**ପୁରୀ,୨୦।୩/ଏନ୍‌ଏନ୍‌ଏସ୍:** ରତ୍ନଭଣ୍ଡାର ଗଣତି ମଣତି ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଏସଓପି ଅନୁଯାୟୀ ହେବାକୁ ଥିବା ପ୍ରକ୍ରିୟା ସମ୍ପର୍କରେ ବୈଠକରେ ଆଲୋଚନ ହୋଇଥିଲା। ରତ୍ନଭଣ୍ଡାର ତଦାରଖ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ମାହେନ୍ଦ୍ର ବେଳା ମାର୍ଚ୍ଚ ୨୫ ଚୈତ୍ର ଶୁକ୍ଳ ସପ୍ତମୀ ତିଥି ୧୨.୧୨ ରୁ ୧.୪୫ ମଧ୍ୟରେ ହେବ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି। ସୂଚନା ଥାଉ ୧୯୭୮ ମସିହାରେ ୭୨ ଦିନ ଗଣତି ମଣତି ହୋଇଥିଲା। ଏହି ବୈଠକରେ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ, ଏସପି, ଶ୍ରୀମନ୍ଦିର ନୀତି ଓ ଉନ୍ନୟନ ପ୍ରଶାସକ, ପରିଚାଳନା କମିଟିର ୫ ଜଣ ସେବକ ପ୍ରତିନିଧି, ଛତିଶାନିଯୋଗ ମହାନାୟକ, ଭଣ୍ଡାର ମେକାପ, ତଢାଉକରଣ, ଦେଉଳକରଣ ବୈଠକରେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଚୂଡାନ୍ତ ଏସଓପି ଅନୁଯାୟୀ ଆସନ୍ତା ୨୫ ତାରିଖରୁ ଗଣତିମଣତି ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ କିଭଳି ଏହି ପ୍ରକ୍ରିୟା ରହିବ ସେନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜିର ବୈଠକରେ ଆଲୋଚନା ହୋଇଥିଲା। ତିନୋଟି ପର୍ଯ୍ୟାୟରେ ଅଳଙ୍କାର ଗଣତିମଣତି କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ସେହି ସମୟରେ ବାହାର କାଠରୁ ଭକ୍ତମାନେ ଦର୍ଶନ କରିପାରିବେ। ଶନିବାର, ରବିବାର ଗହଳି ଦିନ ସମେତ ବିଶେଷ ପର୍ବପର୍ବାଣି ସମୟରେ ଗଣତିମଣତି ବନ୍ଦ ରହିବ ବୋଲି କୁହାଯାଇଛି। ସେପଟେ ୧୯୭୮ ମସିହାର ଗଣତିମଣତି ରିପୋର୍ଟ ସହ ବର୍ତ୍ତମାନ ଭିତର ରତ୍ନଭଣ୍ଡାର ଭିତରେ ଥିବା ମହାପ୍ରଭୁଙ୍କ ଦୁର୍ମୂଲ୍ୟ ଅଳଙ୍କାର ମେଳକ କରାଯିବ। ସ୍ୱର୍ଣ୍ଣ ଅଳଙ୍କାର ହଳଦିଆ ରଙ୍ଗର ଭେଲଭେଟ କନାରେ ଗୁଡ଼ାଯାଇ ଟିଣ ବାକ୍ସ ଓ ପରେ ତାକୁ ସିନ୍ଦୁକରେ ରଖାଯିବ। ରୌପ୍ୟ ଅଳଙ୍କାର ଧଳା ବା ସିଲଭର ରଙ୍ଗ ଓ ଅନ୍ୟାନ୍ୟ ଅଳଙ୍କାର ଲାଲ ରଙ୍ଗ ଭେଲଭେଟ କନାରେ ଗୁଡ଼ାଯାଇ ରଖାଯିବ। କେବଳ ମେଳକ ,ଗଣତି କରାଯିବ। କୌଣସି ମୂଲ୍ୟାୟନ ହେବ ନାହିଁ। କେବେ ସଂପୂର୍ଣ୍ଣ ଗଣତି ମଣତି ସରିବ କହି ହେବ ନାହିଁ। ପାରମ୍ପରିକ ବସ୍ତ୍ର ପିନ୍ଧି ହେବ ଗଣତି ମଣତି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ପାଇଁ ସୁପରଭାଇଜିଙ୍ଗ ଟିମ ଓ ହ୍ୟାଣ୍ଡଲିଙ୍ଗ ଟିମ ଏହିଭଳି ଦୁଇଟି ଟିମ୍ ଗଠିତ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁପରଭାଇଜିଙ୍ଗ ଟିମ ର ଅଧକ୍ଷ ରହିଥିବାବେଳେ ରତ୍ନଭଣ୍ଡାର ତଦାରଖ କମିଟିର ଦୁଇ ଜଣ ସଦସ୍ୟ ,ଜଣେ ସେବାୟତ ସଦସ୍ୟ ରହିଛନ୍ତି। ସେହିପରି ହ୍ୟାଣ୍ଡଲିଙ୍ଗ ଟିମ ରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ, ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ , ତଢ଼ଉକରଣ, ଦେଉଳକରଣ, ଶ୍ରୀମନ୍ଦିର ବଣିଆ ସେବକ ,ଦୁଇ ଜଣ ସ୍ୱର୍ଣ୍ଣକାର, ଦୁଇ ଜଣ ଯେମଲୋଜିଷ୍ଟ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ଅଧିକାରୀ ପ୍ରମୁଖ ସାମିଲ ରହିବେ। ତେବେ ବିଶେଷ ଦିନ, ପର୍ବ ପର୍ବାଣୀ ,ଶନିବାର ଓ ରବିବାର ଦିନ ଗଣତି ମଣତି ହେବ ନାହିଁ। ପ୍ରତି ମାସର ସ୍ୱତନ୍ତ୍ର କ୍ୟାଲେଣ୍ଡର ପ୍ରସ୍ତୁତି ହେବ। ହାଇକୋର୍ଟ ଗଣତି ମଣତି ଶେଷ ପାଇଁ ୩ ମାସ ସମୟ ଦେଇଛନ୍ତି। ଏହାକୁ ଇ - କାଟାଲୋଗିଙ୍ଗ କରାଯିବ। ସଂପୂର୍ଣ୍ଣ ସ୍ୱଚ୍ଛତାର ଏହି ଗଣତି ମଣତି ହେବ। ଅଳଙ୍କାର ଓଜନ କରାଯିବ କିନ୍ତୁ ମୂଲ୍ୟାୟନ କରାଯିବନାହିଁ। ଭିତର ରତ୍ନଭଣ୍ଡାରର ଗଣତିମଣତି ଦିନ ଟ୍ରେଜେରୀରୁ ଚାବି ଆସିବ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋଲିବ ଏବଂ ବନ୍ଦ କରାଯିବ।




# ବିପୁଳ ପରିମାଣର କଫ୍‌ସିରପ୍ ଜବତ

**ଖୋର୍ଦ୍ଧା,୨୦।୩/ଏନ୍‌ଏନ୍‌ଏସ୍:** ଜଟଣୀ ବାଇପାସ୍ ନିକଟ ମୋଦି ପଡିଆ ଠାରେ ଚଢଉ କରି ଶିକ୍ଷାଞ୍ଚଳ ପୁଲିସ ବିପୁଳ ପରିମାଣର କଫସିରପ ସମେତ ନଗଦ ଲକ୍ଷାଧିକ ଟଙ୍କା ଜବତ କରିଛି । ଏଥିସହିତ ଘଟଣାସ୍ଥଳରୁ ୩ଟି କାର, ୩ଟି ବାଇକ୍ ଓ ୫ଟି ମୋବାଇଲକୁ ପୁଲିସ ଜବତ କରିଛି। ଏହି

## ମୁଖ୍ୟ ଅଭିଯୁକ୍ତ ସମେତ ୪ ଗିରଫ: ୩ କାର୍, ୩ ବାଇକ୍ ଓ ୫ ମୋବାଇଲ୍ ଜବତ



ଘଟଣାରେ ମୁଖ୍ୟ ଅଭିଯୁକ୍ତ ବେଗୁନିଆ ଥାନା କଡବର ରଞ୍ଜନ ପାଟ୍ଟଶାଣୀ (୨୫) ସମେତ ଆଦର୍ଶ ଥାନା କଂଟାଛକର ଜଗନ୍ନାଥ ପ୍ରଧାନ (୪୪), କଟକ ଜିଲ୍ଲା ନୂଆପଡା ବାଲିସାହିର ଜ୍ୟୋତିରଞ୍ଜନ ସାହୁ (୩୪) ଏବଂ ଶେକ୍ ବଜାରର ତ୍ରିଲୋଚନ ସାହୁ (୪୨)ଙ୍କୁ ପୁଲିସ ଗିରଫ କରିଛି ବୋଲି ଏସପି ଅଫିସରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ମୋଦି ପଡିଆ ଠାରେ ବଡଧରଣର କଫସିରପ କାରବାର ହେଉଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହି ସମୟରେ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ଏସପି ଶ୍ରୀ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗତକାଲି ରାତି ୮.୩୦ ସମୟରେ ଚଢଉ କରିଥିଲେ । ଚଢଉବେଳେ ଅଭିଯୁକ୍ତମାନେ ଖସିବାକୁ ଉଦ୍ୟମ କରିଥିଲେ। ମାତ୍ର ପୁଲିସ ସେମାନଙ୍କୁ କାବୁ କରିଥିଲା। ପୁଲିସ ସେମାନଙ୍କ ଠାରୁ ୮୫୦ ବୋତଲ କଫସିରଫ, ନଗଦ ୧,୨୭,୧୦୦ଟଙ୍କା, ଓଡି୦୨ ସିଆର-୧୩୩୩, ଓଡି.୦୨ ଟି୬୭୦୮, ଓଆର୦୨ ବିକ୍ୟୁ-୧୩୩୩ ନଂ ବିଶିଷ୍ଟ ୩ଟି କାର, ଓଡି୨୫ ଏସ୍ ୧୮୯୪ ଏବଂ ଓଡି୦୫ବିସି ୭୭୮୫ ନଂ ବିଶିଷ୍ଟ ଦୁଇଟି ବାଇକ୍ ଓ ଓଡି୦୨ ଡିଇ୬୪୪୨ନଂ ବିଶିଷ୍ଟ ସ୍କୁଟି ସମେତ ୫ଟି ମୋବାଇଲ ଫୋନକୁ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ତଦନ୍ତବେଳେ ହିମାଚଳ ପ୍ରଦେଶରୁ ମାଲ ଆସୁଥିବାବେଳେ ଏଠାରୁ ସେମାନେ ବିଭିନ୍ନ ଜିଲ୍ଲାକୁ ପଠାଉଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନଙ୍କୁ ପୁଲିସ ଏକ ମାମଲା ରୁଜୁକରି ଗିରଫ ପରେ କୋର୍ଟଚାଲାଣ କରିଛି ବୋଲି ଏସ୍‌ପି କହିଛନ୍ତି। ସମ୍ମିଳନୀରେ ଏସ୍‌ଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ଉମେଶ ସାହୁ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ପଖାଳ ଦିବସ ଉତ୍ସବ

**ପୁରୀ,୨୦।୩/ଏନ୍‌ଏନ୍‌ଏସ୍:** ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗରେ ପାନ୍ଥନିବାସରେ ଆଜି ପୁରୀ ଜିଲ୍ଲାସ୍ତରୀୟ ବିଶ୍ୱ ପଖାଳ ଦିବସ ପାଳିତ ହୋଇଥିଲା।



ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ମନ୍ତ୍ରୀ ମଣ୍ଡଳର ଅନ୍ୟାନ୍ୟ ସଦସ୍ୟ, ବିଧାୟକ ପ୍ରମୁଖ ପଖାଳ ଦିବସର ତାତ୍ପର୍ଯ୍ୟ ଓ ଓଡ଼ିଆ ଅସ୍ମିତା ସହ ପଖାଳର ସମ୍ପର୍କ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବିଦେଶର ଏକାଧିକ ରାଷ୍ଟ୍ର ସହ ଦେଶର ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ଏହି ଦିବସ ସହ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ସଂଯୁକ୍ତ ହୋଇ ଶୁଭେଚ୍ଛା ଜଣାଇଥିଲେ। ପୁରୀ ପାନ୍ଥନିବାସରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପଖାଳ ଆମ ପରମ୍ପରା ଓ ସଂସ୍କୃତି ସହ ଜଡିତ। ଏହା ସମସ୍ତ ବର୍ଗଙ୍କ ପାଇଁ ଏକ ସୁଖାଦ୍ୟ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କହିବା ସହ ପଖାଳ ମଧ୍ୟ ଖାଇଥିଲେ। ଅନ୍ୟମାନଙ୍କ ମଧ୍ୟ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଉପମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପୁରୀର ବିଭିନ୍ନ ସ୍ଥାନରେ ମଧ୍ୟ ବିବିଧ ଅନୁଷ୍ଠାନ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଥିଲା।

- **ଖୋର୍ଦ୍ଧା:** ପର୍ଯ୍ୟଟନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆଜି ଦିବା ୧୨ ଘଟିକା ସମୟରେ ଜିଲ୍ଲାପରିଷଦ କାର୍ଯ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଅମ୍ରିତ୍ ଋତୁରାଜଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ



ପଖାଳ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ରୁପଶ୍ରୀ ରାଣୀ ଗୁମାନ ସିଂହ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଉପସଭାପତି ଗୋପୀନାଥ ମହାରଣା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତିଶଙ୍କର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସଦର ମହକୁମା ପାନ୍ଥନିବାସରୁ ଆଭାସୀରେ ଯୋଡ଼ିହୋଇଥିଲେ। ପଖାଳ ଆମ ଓଡିଆଙ୍କ ଅସ୍ମିତାର ପରିଚୟ ବହନ କରେ ବୋଲି ଅଭିଭାଷଣ ରଖି ଏହାକୁ ବିଶ୍ୱର ସମଗ୍ର ଦେଶରେ ପରିଚିତ କରାଇ ଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁଙ୍କ ନୈବେଦ୍ୟ ପଖାଳ ପର୍ବକୁ ଆମ ଓଡିଶାର ଜନସାଧାରଣ ମାନେ ବିଶ୍ୱର କୋଣ ଅନୁକୋଣରେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲାସ୍ତରୀୟ ପଖାଳ ପର୍ବ ଦିବସକୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପରିଚାଳନା କରିଥିବା ବେଳେ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁସ୍ମିତା ପ୍ରଧାନ ସହଯୋଗ ପ୍ରଦାନ କରିଥିଲେ। ଜିଲ୍ଲାର ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ପଂଚାୟତ ସମିତି ଅଧକ୍ଷ ଅଧକ୍ଷା, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ଅଧକ୍ଷ ଅଧକ୍ଷା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବି ଡି ଓ ଏବଂ ତହସିଲଦାର, ସମସ୍ତ ଡେପୁଟୀ କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ଜିଲ୍ଲାପରିଷଦ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

- **ଭୁଷଣ୍ଡପୁର:** ସ୍ୱେଚ୍ଛାସେବୀ ସଂଗଠନ ଚାନ୍ଦପୁର କନ୍ଧନୟାଗଡ଼ ବିକାଶ ମଞ୍ଚ ଏବଂ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସହିତ କେରଣ୍ଡା ଟାଙ୍ଗୀ ପଞ୍ଚାୟତର ଉପେନ୍ଦ୍ରପୁର ବାଘମରା ବନ୍ଧ ନିକଟସ୍ଥ ଶାଗୁଆନ ବଗିଚାରେ ଉଭୟ ସଂଗଠନର ସଭ୍ୟମାନେ ନିଜେ ନିଜେ ପ୍ରସ୍ତୁତକରି ପଖାଳ ଦିବସ ପାଳନର ମଜା ଉଠାଇଥିଲେ। ସଜ ପଖାଳରେ ଦହି, କଞ୍ଚା ଲଙ୍କା ଓ ପୋଦିନା ପତ୍ର ମିଶାଇ ଏହାକୁ ରୁଚିକର କରାଯାଇଥିଲା। ଏହା ସହିତ ମାଛ ଭଜା, ଚିଙ୍ଗୁଡ଼ି ଭଜା, ଶାଗ ଭଜା, ବଡ଼ି ଚୁରା, ଆଳୁବାଇଗଣ ଟମାଟୋ ଭରତା ଓ ପଣସ ପକୋଡ଼ା ଇତ୍ୟାଦି ଅତ୍ୟନ୍ତ ସୁସ୍ୱାଦୁ ହୋଇଥିଲା। ଜଙ୍ଗଲ ପରିବେଶ ମଧ୍ୟରେ ଖୋଲା ପବନରେ ତଳେ ବସି ସମସ୍ତେ ଖୁସିମନରେ ପଖାଳ ଖାଇଥିଲେ। ବିକାଶ ମଞ୍ଚର ଅଜୟ ମହାନ୍ତି, ଦେବରାଜ ପରିଡା, ପ୍ରଶାନ୍ତ ଦାସ, ସୁଧୀର କୁମାର ବେହେରା ଓ ମାନସକୁମାର ସାହୁ ଓ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ପଦ୍ମନାଭ ବିଶ୍ୱାଳ, ମନୋଜ ପଟନାୟକ, ଦାମୋଦର ସାହୁ, ପ୍ରଦୀପ ମହାପାତ୍ର, ରଜନୀକାନ୍ତ ମିଶ୍ର ଓ ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ।

- **ବୋଲଗଡ଼:** ବୋଲଗଡ଼ ବ୍ଲକ ସଦର ମୁଖ୍ୟାଳୟସ୍ଥ ଆଞ୍ଚଳିକ ମହିଳା ମହାସଂଘ ପକ୍ଷରୁ ମାର୍ଚ୍ଚ ୨୦ ବିଶ୍ୱ ପଖାଳ ଦିବସ ଅବସରରେ ସଙ୍ଘ ଭବନ ଠାରେ 'ପଖାଳ



ଦିବସ' ଧୁମଧାମରେ ପାଳନ କରା ଯାଇଛି। ଏହି ପଖାଳ ଦିବସରେ ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରିଣୀ ସୁମନସୁଧା କୁଣ୍ଡୁ ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ରତିକାନ୍ତ ମିଶ୍ର, ଗଣମାଧ୍ୟମର ପତ୍ରକାର ନିରଞ୍ଜନ ନାୟକ, ଦେବବ୍ରତ ହୋତା, ପ୍ରଫୁଲ୍ଲ କୁମାର ସିଂହ,ସତ୍ୟ ନାରାୟଣ ବାରିକ, କାଶୀନାଥ ହୋତା ଓ ଦୀପକ ପାହାଡ଼ସିଂହ ପ୍ରମୁଖ ସାମିଲ ହୋଇ ପଖାଳ ଦିବସକୁ ପାଳନ କରିଥିଲେ। ମହିଳା ମହାସଂଘର ସଭାପତି ଶୈଳବାଳା ବାହିନୀପତି, ସମ୍ପାଦିକା ଗୀତାଞ୍ଜଳୀ ମହାନ୍ତି ପ୍ରମୁଖଙ୍କ ଆନୁକୂଲ୍ୟରେ ପଖାଳ ଦିବସ ପାଳନ ଅବସରରେ ସିଡିପିଓ,ବ୍ଲକ ପ୍ରୋଜେକ୍ଟ ସଂଯୋଜିକା, ବିପିଏମ, ବିଏଲସି ଓ ସୁପରଭାଇଜର (ଆଇସିଡିଏସ) ଉପସ୍ଥିତ ରହି ଏହି ଦିବସକୁ ପାଳନ କରିଥିବା ବେଳେ ବ୍ଲକ ଅନ୍ତର୍ଗତ ୧୯ଗୋଟି ପଂଚାୟତର ମହିଳା ସଭାନେତ୍ରୀ ଓ ସମ୍ପାଦିକାଙ୍କ ସମେତ ସମସ୍ତ ସଭ୍ୟାମାନେ ପଖାଳ ଦିବସରେ ସାମିଲ ହୋଇଥିଲେ।

- **କୋଣାର୍କ:** ଶୁକ୍ରବାର ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ଯାତ୍ରୀ ନିବାସ ଠାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ' ବିଶ୍ୱ ପଖାଳ ଦିବସ' ପାଳିତ ହୋଇଯାଇଛି। ପଖାଳ ହେଉଛି ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଓଡିଆ ମାନଙ୍କର ପ୍ରିୟ ଖାଦ୍ୟ ପଖାଳର ମହତ୍ୱ ଗୁରୁତ୍ୱ ବହନ କରିଥାଏ। ଓଡ଼ିଶାର ଅସ୍ତିତ୍ୱକୁ ବଜାୟ ରଖିବା ନିମନ୍ତେ ବିଗତ ବର୍ଷ ମାନଙ୍କ ଭଳି ଚଳିତ କୋଣାର୍କ ଯାତ୍ରୀନିବାସ ପରିଚାଳକ ବାପି ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ବିଶ୍ୱ ପଖାଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଦିବସରେ କୋଣାର୍କ ପରିଦର୍ଶନରେ ଆସିଥିବା ପର୍ଯ୍ୟଟକଙ୍କ ସମେତ ଯାତ୍ରୀନିବାସ ଠାରେ ଅବସ୍ଥାନ କରୁଥିବା କେତେକ ପର୍ଯ୍ୟଟକ ଯୋଗଦାନ କରି ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଶାର ଐତିହ୍ୟ ଓ ପରମ୍ପରା ଉଜ୍ଜୀବିତ ରଖିବା ପାଇଁ ଆୟୋଜିତ ହୋଇଥିବା ପଖାଳ ଦିବସର ତାତ୍ପର୍ଯ୍ୟ ଉପରେ ଟିକିନିଖି ପଚାରି ବୁଝିବା ସହ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ପଖାଳ ସହ ବଡ଼ିଚୁରା, ଶାଗ ଭଜା, ଆଳୁ ଭରତା ସମେତ ୧୫ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ଖାଇ ମଜା ଉଠାଇଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳନକୁ ନେଇ କୋଣାର୍କ ପରିଦର୍ଶନରେ ଆସିଥିବା ଶତାଧିକ ପର୍ଯ୍ୟଟକଙ୍କ ମହଲରେ ଏହା ଖୁବ ଆଦୃତ ଲାଭ କରିଥିଲା।




- **ସାଲେପୁର:** ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର ପଞ୍ଚାୟତ ସ୍ଥିତ ଗୋପୀନାଥପୁର ସାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପଖାଳ ଦିବସ ପାଳିତ ହୋଇଯାଇଛି। ଗୋପୀନାଥପୁର ସାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ତଥା ସମାଜସେବୀ ପ୍ରଶାନ୍ତ କୁମାର ଭୂୟାଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାଲେପୁର ମଧୁ ମାଟି ସାମ୍ବାଦିକ ସଂଘର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପରମ୍ପରା ମହାପ୍ରଭୁ ଜଗନ୍ନାଥଙ୍କ ସହ ଜଡ଼ିତ। ପଖାଳ ସହ ଜଡ଼ିତ ଆମ ବଡ଼ଠାକୁରଙ୍କର ଛପନ ଭୋଗ। ସାଧାରଣ ଲୋକଟି ଯେପରି ପଖାଳ ପ୍ରିୟ, ମହାପ୍ରଭୁ ସେମିତି ପଖାଳ ପ୍ରିୟ ବୋଲି କହିବା ସହ ଶ୍ରୀ ଗୁଣ୍ଡିଚା ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମୟକୁ ଛାଡି ଦେଲେ ବାକି ବର୍ଷର ସମସ୍ତ ଦିବସରେ ବଡ଼ସିଂହାର ଭୋଗରେ ପଖାଳ ଭୋଗ ଗ୍ରହଣକରି ମହାପ୍ରଭୁ ଆତ୍ମସନ୍ତୋଷ ଲାଭ କରିଥାନ୍ତି ବୋଲି ମତପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ବିଷ୍ଣୁ ଚରଣ ମିଶ୍ର, ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ଚନ୍ଦ୍ରମଣି ଭୂୟାଁ, ସମ୍ମାନିତ ଅତିଥି ଭାବେ ସଂଗଠକ କିରଣ କୁମାର ଭୂୟାଁ ପ୍ରମୁଖ ଯୋଗ ଦେଇ ବିଶ୍ୱ ଦରବାରରେ ଓଡ଼ିଆ ମାନଙ୍କର ଯଦି ସ୍ୱତନ୍ତ୍ର ପରିଚୟ ଥାଏ ତାହା ହେଉଛି ପଖାଳ। ବଡଦେଉଳ ଆଉ ଓଡ଼ିଆ ମାନଙ୍କର ଅତି ପ୍ରିୟ ପଖାଳ ପାଇଁ ବୋଲି ମତପ୍ରକାଶ କରିଥିଲେ।ପ୍ରାରମ୍ଭରେ ଅତିଥିମାନେ ଶ୍ରୀ ଜଗନ୍ନାଥ ଓ ବାବା ସତ୍ୟସାଇ ଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ସହିତ ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ଶାରଦା ପ୍ରସନ୍ନ ପଣ୍ଡା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହ ସ୍ୱାଗତ ଭାଷଣ ମାଧ୍ୟମରେ ପଖାଳ ଦିବସ ପାଳନର ତାତ୍ପର୍ଯ୍ୟ ଆଲୋକପାତ କରିଥିଲେ। ଇଞ୍ଜିନିୟର ଉଦ୍ଧବ ଚରଣ ନାୟକଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ ପରିଜା, ମଧୁମାଟି ସାମ୍ବାଦିକ ସଂଘର ସମ୍ପାଦକ ବିରଞ୍ଚି ନାରାୟଣ କର, ସାମ୍ବାଦିକ ନାରାୟଣ ଓଝା, ମଧୁମାଟି ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ଚିତ୍ତ ରଂଜନ ମୁଦୁଲି, ସଂଗଠକ ହେମନ୍ତ କୁମାର ନନ୍ଦ, ସାମ୍ବାଦିକ ସନ୍ତୋଷ କୁମାର ସାହୁ, ବାବୁଲି ବାରିକ, କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ପଖାଳ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରକ ବୋଲି କହିବା ସହ ସମ୍ବାଦ ସାହିତ୍ୟ ଘରର ବିଭିନ୍ନ ସମାଜ କଲ୍ୟାଣକାରୀ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉତ୍ତରୀୟ, ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୁରୁମା ଡଲି ଭୂୟାଁ, ମମତା ରାଉତ, ଲିଜା ରାଣୀ ସାହୁ, ପୁଷ୍ପାଞ୍ଜଳି ବେହେରା, ଲୋପାମୁଦ୍ରା ପ୍ରତାପ, ସୁଭାଷିନୀ ପଣ୍ଡା, ଜ୍ୟୋତିର୍ମୟୀ ଲେଙ୍କା, ମୋନାଲିସା ସାହୁ, ଶୁଭଶ୍ରୀ ଭୂୟାଁ, ଶ୍ରେୟାଶ୍ରୀ ଭୂୟାଁ, ରତ୍ନ ମଞ୍ଜରୀ ଶତପଥୀ, ଗୁରୁଜୀ ପବିତ୍ର କୁମାର ମଲ୍ଲିକ, ମାନସ କୁମାର ମଲ୍ଲିକ, କେଦାର ମଲ୍ଲିକଙ୍କ ସମେତ ପୁରାତନ ଓ ଅଧୁନା ଛାତ୍ରଛାତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଯୁବ ସାମ୍ବାଦିକ ତଥା ଇଞ୍ଜିନିୟର ସନ୍ତୋଷ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

- **ଫୁଲନଖରା:** କଟକ ସଦର ପ୍ରେସ କ୍ଲବ ଆନୁକୂଲ୍ୟରେ ପଖାଳ ଦିବସ ସଦର ଥାନା ଗଙ୍ଗେଶ୍ୱରସ୍ଥିତ ଚିନ୍ତାମଣି ଫାର୍ମରେ ପାଳିତ ହୋଇଛି। ଏହି ଉପଲକ୍ଷେ



ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାରଙ୍ଗ ବ୍ଲକ ଉପାଧକ୍ଷା ବିରାଜିନୀ ମଲିକଙ୍କ ପ୍ରତିନିଧି ଭରତ ସାମଲ ଓ ଯୁବ ସଂଗଠକ ବିଶ୍ୱରଞ୍ଜନ ସାହୁ ଅତିଥିରୂପେ ଯୋଗଦେଇ ପଖାଳ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ବାଦିକ ଅଜୟକୁମାର ଦାଶ, କାନନବିହାରୀ ନାୟକ, ରମେଶଚନ୍ଦ୍ର ପ୍ରଧାନ, ରାଜକିଶୋର ବେହେରା, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଆଦିତ୍ୟ ଛୋଟରାୟ, ବିଭୂତିଭୂଷଣ ତରାଇ, ଗଜେନ୍ଦ୍ରନାଥ ଦାସ ଓ ଅଜୟକୁମାର ପାତ୍ର ଉପସ୍ଥିତ ରହି ପଖାଳ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ଯେପରି ଜଡ଼ିତ ସେହିପରି ଏହା ଶରୀର ପାଇଁ ଅତ୍ୟନ୍ତ ହିତକରବୋଲି କହିଥିଲେ। ଏହି ଅବସରରେ ଦହିପଖାଳ ସହିତ ପାରମ୍ପରିକ ଓଡ଼ିଆ ଖାଦ୍ୟରେ ସମସ୍ତେ ଆପ୍ୟାୟିତ ହୋଇଥିଲେ। ପ୍ରେସ କ୍ଲବ ସମ୍ପାଦକ ପ୍ରତାପକେଶରୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

- **ବେଗୁନିଆ:** ବେଗୁନିଆ ସଦର ମହକୁମାରେ ଅବସ୍ଥିତ ମା' ପଦ୍ମାଳୟା ଗୃହିଣୀ ସମାଜ ଆନୁକୂଲ୍ୟରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଶୁକ୍ରବାର



ମଧ୍ୟାହ୍ନରେ ଆଦର୍ଶ କ୍ଲବ ସଭାଗୃହରେ ଅନୁଷ୍ଠିତ ସଭାରେ ଗୃହିଣୀ ସମାଜର ସଭାନେତ୍ରୀ ମମତା କୁମାରୀ ପ୍ରଧାନ ପୌରୋହିତ୍ୟ କରିଥିଲେ। ଗାୟକ ବସନ୍ତ କୁମାର ଦାସ ମଙ୍ଗଳା ଚରଣ ପାଠ ଓ ପଣ୍ଡିତ ଦୀନବନ୍ଧୁ ଦାଶ ମନ୍ତ୍ରୋଚ୍ଚାରଣ ପୂର୍ବକ ମହାପ୍ରଭୁଙ୍କୁ ପଖାଳକୁ ନୈବେଦ୍ୟ ଭାବେ ସମର୍ପଣ କରିଥିଲେ. କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଉପଦେଷ୍ଟା ପ୍ରଫେସର ଡ. ହରିପ୍ରସାଦ ଦାସ ଆଜି ଦିବସର ତାତପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବେଗୁନିଆ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଣ୍ଡା ମୁଖ୍ୟ ଅତିଥି, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ମୁଖ୍ୟ ବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ମହାପାତ୍ର ସମ୍ମାନିତ ଅଧିକାରୀ ରୂପେ ଯୋଗଦେଇଥିଲେ। କବୟିତ୍ରୀ ମାନସୀ ଦାସଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠରେ ଶିକ୍ଷାବିତ ଶରତ କୁମାର ପଣ୍ଡା, ସମାଜସେବୀ ପ୍ରଶାନ୍ତ କୁମାର ବାରିକ, କୈଳାସ ନାଥ ପଟ୍ଟନାୟକ, ଅଶ୍ୱିନୀ କୁମାର ପଟ୍ଟନାୟକ, କବିତା ରାଉତ ଓ ରାମଚନ୍ଦ୍ର ବେହେରା, ପାର୍ବତୀ ପାଲ, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି, ଶୁଭଲକ୍ଷ୍ମୀ ପ୍ରଧାନ ପ୍ରମୁଖ ବହୁ କବି, କବୟିତ୍ରୀ କବିତା ପାଠ କରିଥିଲେ। ଶେଷରେ ସଭ୍ୟା ସବିତା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

- **କୁଚେଇ:** କାକଟପୁର ବାଜପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, କାକଟପୁର ସରସ୍ୱତୀ ଶିଶୁ ମନ୍ଦିରର ପୂର୍ବତନ ସଭାପତି, ସମାଜସେବୀ ପ୍ରମୋଦ



କୁମାର ପୃଷ୍ଟିଙ୍କ ଘରେ ଆଜି ପାଳନ ହୋଇଯାଇଛି ପଖାଳ ଦିବସ। ପଖାଳରେ ଦହି ପକାଇ କଞ୍ଚାଲଙ୍କା, ଭୃସୁଙ୍ଗା ପତ୍ର ଆମ୍ବ କସି ଅଦା ଦେଇ ଛୁଙ୍କ ଦେଇ ପ୍ରସ୍ତୁତ କରାଯାଇଥିଲା। ପରେ ଏହାକୁ ପରିବାର ସହିତ ମିଶି ପଖାଳ ଖାଇବାର ମଜ୍ଜା ଉଠାଇଥିଲେ। ଏଥି ସହିତ ବିଭିନ୍ନ କ୍ଲବ୍ ଓ ଅନୁଷ୍ଠାନ ମାନଙ୍କରେ ଆଜି ଆନନ୍ଦଉଲ୍ଲାସର ସହ ପଖାଳ ଦିବସ ପାଳିତ ହୋଇଛି।

- **ନୟାଗଡ଼:** ନୟାଗଡ଼ ଜିଲ୍ଲାର ସବୁଠି ପଖାଳ ଖିଆର ଆସର ଜମିଥିବା ଦେଖିବାକୁ ମିଳିଛି। ଗାଁ ଠୁ ସହର ,ଏପରିକି ବିଭିନ୍ନ ସଂଗଠନ ପକ୍ଷରୁ ପଖାଳ ଦିବସର ଆୟୋଜନ ଉତ୍ସାହର ସହ ପାଳନ କରାଯାଇଛି। ପଖାଳ କଥା କହିଲେ ମନେ ପଡିଯାଏ କବି ଡ.କାଳୀଚରଣ ପଟ୍ଟନାୟକଙ୍କ ଗୀତ 'ଆସ ଜୀବନ ଧନ, ମୋର ପଖାଳ କଂସା'। ଅତି ରସାଳ ଢଙ୍ଗରେ ସୁଲଳିତ କଣ୍ଠରେ ଗୀତଟିକୁ ଗାନ କରିଥିଲେ ସଂଗୀତ ସୁଧାକର ବାଳକୃଷ୍ଣ ଦାସ। ପଖାଳ ଗୀତ ଗାୟନ କରି ପ୍ରତିଟି ଓଡ଼ିଆର ହୃଦୟକୁ ପଖାଳ ମଜାର ସ୍ପର୍ଶ ଦେଇ ଯାଇଛନ୍ତି କାହିଁ କେଉଁ ଦିନରୁ। ଓଡ଼ିଆ ଜାତିର ଅନ୍ୟତମ ପରିଚୟ ହେଉଛି ତା'ର ଲୋକଖାଦ୍ୟ ପଖାଳ। ଓଡ଼ିଆଣୀ ତା' ହାଣ୍ଡିଶାଳରେ ସବୁ ସମୟରେ ପଖାଳ ହାଣ୍ଡିଏ ରଖିଥାଏ, ତା' ମାଟି ହାଣ୍ଡି କେବେ ଫାଙ୍କା ନ ଥାଏ ।ଘରକୁ କେହି ବନ୍ଧୁବାନ୍ଧବ ଆସିଲେ ବା ଅତିଥି, ଅଭ୍ୟାଗତ କିମ୍ବା ଯୋଗୀ ଭିକାରି ଇତ୍ୟାଦି ପଖାଳରେ ଆପ୍ୟାୟିତ ହୁଅନ୍ତି ଓଡ଼ିଆ ଘରର ଏହି ପ୍ରିୟ ପଖାଳ ଖାଦ୍ୟ ଖାଇ। ଶୁଖିଲା ଭାତରେ ପାଣି ଭର୍ତ୍ତିକରି ବାସୀ ତୋରାଣୀ ସହ ଖାଇବାର ପରମ୍ପରା କେବଳ ଓଡ଼ିଆ ଘରର ହାଣ୍ଡିଶାଳେ ଦେଖିବାକୁ ମିଳେ। ପଖାଳ ଭାତର ପ୍ରିୟ ଚାହିଦା ହେଲା ତୋରାଣି। କେବେ ଗାଁର ଖାଦ୍ୟ କୁହାଯାଉଥିବା ଏହି ପଖାଳ ଏବେ ସବୁରି ପ୍ରିୟ। ଯେତେ ଯାହା ଖାଇଲେବି ଖାଇଁ ଖାଇଁ ଖରାରେ ପଖାଳର ଆତ୍ମତୃପ୍ତି ଆଉ କେଉଁ ଖାଦ୍ୟରୁ ମିଳେନାହିଁ। ତେବେ ଯୁଗେ ଯୁଗେ ରହିଛି ଏ ପଖାଳର ଚାହିଦା। ଏବେ ଅବଶ୍ୟ ପଖାଳର ଚାହିଦାକୁ ନେଇ ଭିନ୍ନ ଭିନ୍ନ ପ୍ରସ୍ତୁତିରେ ନାମକରଣ ହେଉଛି। ଯେମିତି ଦହି ପଖାଳ, ସଜ ପଖାଳ, ବାସି ପଖାଳ, ମିଠା ପଖାଳ ଓ ଚୁପୁଡା ପଖାଳ ଇତ୍ୟାଦି। କହିବାକୁ ଗଲେ ଆମ ମାଟିର ମହକ, ଆମ ମାଟିର ଗର୍ବ ଓ ଗୌରବ ପଖାଳର ପରମ୍ପରାରେ ଆମେ ସବୁବେଳେ ସୁବାସିତ।



- **ବାଲୁଗାଁ:** ଖରାଦିନ ଆସିବା ମାତ୍ରେ ପଖାଳ ସାଙ୍ଗକୁ ନାନାଦି ବ୍ୟଞ୍ଜନ ଓଡ଼ିଆଙ୍କ ପାଇଁ ତୃପ୍ତିଭରା ଆହାର। ପଖାଳର ସ୍ୱାଦ ବର୍ତ୍ତମାନ କେବଳ ଓଡିଶାରେ ସୀମିତ ହୋଇ ରହିନାହିଁ, ଏହା ଦେଶ ବିଦେଶରେ ମଧ୍ୟ ଆଦୃତ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଦେଶ ବିଦେଶରୁ ଚିଲିକା ପରିଭ୍ରମଣ ରେ ଆସୁଥିବା ପର୍ଯ୍ୟଟକଙ୍କୁ ପଖାଳର ସ୍ୱାଦ ଚଖାଇବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଶୁକ୍ରବାର ବଡକୁଳ ପାନ୍ଥନିବାସ ଠାରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ପରିଚାଳକ ଦିଲ୍ଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛୁଙ୍କ ପଖାଳ ସାଙ୍ଗକୁ ଓଡ଼ିଆ ଖାଦ୍ୟର ନିଆରା ସମ୍ଭାର ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥିଲା। ପଖାଳ ସାଙ୍ଗକୁ ବିଭିନ୍ନ କିସମର ସ୍ୱାଦିଷ୍ଟ ବ୍ୟଞ୍ଜନ ତଥା ବଡ଼ିଚୁରା, କଖାରୁ ଫୁଲ ପୀଠଉ, ଶାଗ ଭଜା, ଆଳୁସାରୁ ଚକଟା, ବାଇଗଣ ଭର୍ତ୍ତା,ପଣସ କସା, ଭେଣ୍ଡିଆଳୁ ଫ୍ରାଏ, ଛୁଇଁ ଆଳୁ ବେସର, ଆମ୍ବ ଛେଚା, ଆଚାର, ପାମ୍ପଡ଼, ସାଲାଡ଼ ଏବଂ ଆମିଷ ମଧ୍ୟରେ ମାଛ ଭଜା ଓ ଚିଙ୍ଗୁଡ଼ି ଛେଚା ଆଦି ମନଭରି ଖାଇଥିଲେ ପର୍ଯ୍ୟଟକ ସମେତ ଅଞ୍ଚଳବାସୀ। ନିରାମିଷ ଥାଳି ସର୍ବନିମ୍ନ ୧୮୦ ଏବଂ ସର୍ବାଧିକ ୩୫୦ ଟଙ୍କା ଥିବା ବେଳେ ଆମିଷ ଥାଳି ୪୫୦ ଟଙ୍କା ରହିଛି। ଗ୍ରୀଷ୍ମଋତୁ ଅବଧି ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ନିମନ୍ତେ ଏହି ପଖାଳ ବ୍ୟଞ୍ଜନ ବ୍ୟବସ୍ଥା ଜାରି ରହିବ ବୋଲି ପରିଚାଳକ ସାହୁ କହିଛନ୍ତି।

## ରାଜ୍ୟସ୍ତରୀୟ 'ପଖାଳ ପରବ'ରେ ମୁଖ୍ୟମନ୍ତ୍ରୀ

# 'ପଖାଳ କେବଳ ଖାଦ୍ୟ ନୁହେଁ, ପ୍ରତିଟି ଓଡ଼ିଆଙ୍କ ଆବେଗ'







## ଗିନିଜ୍ ୱାର୍ଲ୍ଡ ରେକର୍ଡରେ ଓଡ଼ିଶାର ପଖାଳ

**ଭୁବନେଶ୍ୱର,୨୦ ।୩ /ଏନ୍ଏନ୍ଏସ୍:** ଓଡ଼ିଶାର ପର୍ଯ୍ୟଟନ ବିଭାଗ ଏକ ଐତିହାସିକ ବିଶ୍ୱସ୍ତରୀୟ ସଫଳତା ହାସଲ କରିଛି। ଏକାସାଙ୍ଗରେ ୧,୧୭୭ କିଲୋଗ୍ରାମ ଓଜନର ପଖାଳ ପ୍ରସ୍ତୁତ କରି ଏବଂ ଏକ ବିଶାଳ ପାତ୍ରରେ ପରିବେଷଣ କରି 'ବୃହତ୍ତମ ଫର୍ମେଣ୍ଟେଡ୍ ରାଇସ୍ (ପଖାଳ) ପରିବେଷଣ' ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ଏହି ଅସାଧାରଣ କୃତି କେବଳ ଓଡ଼ିଶାର ସମୃଦ୍ଧ ରନ୍ଧନ ଶୈଳୀ ଓ ପରମ୍ପରାକୁ ସମ୍ମାନିତ କରୁନାହିଁ, ବରଂ ଓଡ଼ିଆ ସଂସ୍କୃତି ଓ ଦୈନନ୍ଦିନ ଜୀବନ ସହ ଜଡ଼ିତ ଆମର ପ୍ରିୟ 'ପଖାଳ'କୁ ଅନ୍ତର୍ଜାତୀୟ ସ୍ତରରେ ଏକ ନୂଆ ପରିଚୟ ଦେଇଛି। ଏହି ସଫଳତା ଓଡ଼ିଶାର ଦେଶୀ ଖାଦ୍ୟ ପରମ୍ପରାକୁ ବିଶ୍ୱ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପ୍ରଦାନ କରିଛି। ଏହା ପ୍ରମାଣିତ କରିଛି ଯେ କିଭଳି ପଖାଳ ଭାତ ଏକ ସାଧାରଣ ଖାଦ୍ୟରୁ ଆଜି ସାଂସ୍କୃତିକ ଗର୍ବ ଏବଂ ବିଶ୍ୱସ୍ତରୀୟ ମାନ୍ୟତାର ପ୍ରତୀକ ପାଲଟିଛି।




**ଭୁବନେଶ୍ୱର,୨୦।୩/ଏନ୍ଏନ୍ଏସ୍:** ପଖାଳ କେବଳ ଏକ ଆହାର ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପଖାଳ କେବଳ ଖାଦ୍ୟ ନୁହେଁ ପ୍ରତିଟି ଓଡ଼ିଆଙ୍କ ଆବେଗ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ ପାନ୍ଥନିବାସ ଠାରେ ରାଜ୍ୟସ୍ତରୀୟ 'ପଖାଳ ପରବ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ପଖାଳ ଦିବସର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆ ଖାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା। ଆଜିକାଲିର ପାଶ୍ଚାତ୍ୟ ଖାଦ୍ୟ ସଂସ୍କୃତି ଭିତରେ ଆମର ଏହି ପାରମ୍ପରିକ ଖାଦ୍ୟ ଯେପରି ହଜି ନଯାଏ, ସେଥିପାଇଁ ଏହି ଦିବସଟି ସମସ୍ତ ଓଡ଼ିଆଙ୍କୁ ଏକଜୁଟ କରିବାର ପ୍ରୟାସ କରିଥାଏ।ପଖାଳ କେବଳ ଗରିବର ଖାଦ୍ୟ ନୁହେଁ, ବରଂ ଏହା ମହାପ୍ରଭୁ ଜଗନ୍ନାଥଙ୍କର ମଧ୍ୟ ପ୍ରିୟ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ଟଙ୍କ ତୋରାଣି' ଏବଂ ପଖାଳ ଭୋଗ ଲାଗି ହୋଇଥାଏ। ଭଗବାନଙ୍କ ପାଖରେ ଏହି ସରଳ ଖାଦ୍ୟର ଅର୍ପଣ ଦର୍ଶାଏ ଯେ ସାଧାରଣ ଜୀବନଶୈଳୀ କେତେ ଶୁଦ୍ଧ। ପଖାଳର ସବୁଠାରୁ ବଡ଼ ଗୁଣ ହେଉଛି ଏହା 'ଜିରୋ ୱେଷ୍ଟ' ଖାଦ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଶ୍ୱ ପଖାଳ ଦିବସ ଆଜି ଆଉ କେବଳ ଓଡ଼ିଶାରେ ପାଳନ କରାଯାଉ ନାହିଁ। ଏହା ଏବେ ଏକ ବିଶ୍ୱସ୍ତରୀୟ ଉତ୍ସବ ପାଲଟିଛି। ଭାରତର ବିଭିନ୍ନ ସ୍ଥାନରେ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆମାନେ ଏହି ଦିନକୁ ଗର୍ବର ସହିତ ପାଳନ କରୁଛନ୍ତି। ପଖାଳ, ଦେଶ ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାଟି ସହିତ ଯୋଡ଼ି ରଖିବାର ଏକ ମାଧ୍ୟମ ହୋଇଛି। ଏହା ଆମକୁ ଗର୍ବିତ କରୁଛି ଯେ ଆମର ସଂସ୍କୃତି ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚି ପାରୁଛି। 'ପଖାଳ ପରବ' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱର ସମଗ୍ର ଚାଷୀ ସମାଜକୁ କୃତଜ୍ଞତା ଜଣାଇଥିଲେ ଏବଂ ଯୁବ ପିଢ଼ିଙ୍କୁ ଓଡ଼ିଆ ପରମ୍ପରାର ମୂଲ୍ୟ ବୁଝିବାକୁ ଅନୁରୋଧ କରିଥିଲେ ।

ପଖାଳ ଦିବସ ଆଜି ଆମ ସରକାରଙ୍କ 'ବିକଶିତ ଓଡ଼ିଶା' ସଂକଳ୍ପର ଏକ ଅବିଚ୍ଛେଦ୍ୟ ଅଙ୍ଗ। ନିଜର ପୁରାତନ ସଂସ୍କୃତିକୁ ସୁରକ୍ଷିତ ରଖି ଆଧୁନିକତା ଆଡ଼କୁ ଦୃଢ଼ ଭାବେ ଅଗ୍ରସର ହେବା ହିଁ ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ପଖାଳ ଦିବସ ମାଧ୍ୟମରେ ଓଡ଼ିଶାର ଐତିହ୍ୟକୁ ସମ୍ମାନ ଜଣାଇବା ଏବଂ ଏହାକୁ ଆଗାମୀ ପିଢ଼ି ପାଇଁ ସାଇତି ରଖିବା ପାଇଁ ଆମ ସରକାର ଯେଉଁ ନିରନ୍ତର ଉଦ୍ୟମ କରୁଛନ୍ତି, ତାହା ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଏକ ନୂତନ ଆଶା ଏବଂ ଗର୍ବ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

**ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ଼ ପାଇଁ ପର୍ଯ୍ୟଟନ ବିଭାଗର ଅଭିନବ ପ୍ରୟାସ**

**୮୫୦ କିଲୋଗ୍ରାମ ଚାଉଳରେ ପ୍ରସ୍ତୁତ ହେଲା ୧୧୭୭ କିଲୋଗ୍ରାମର ପଖାଳ**

ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଇଣ୍ଡୋନେସିଆ, ମାଲେସିଆ, ବାହାରିନ, ସିଙ୍ଗାପୁର, ସମେତ ୧୫ ଟି ରାଜ୍ୟରୁ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିବା ପ୍ରବାସୀ ଓଡ଼ିଆ ମାନଙ୍କ ସହ କଥା ହୋଇଥିଲେ। ଏହି ଅବସରରେ ବିଶ୍ୱସ୍ତର ଏବଂ ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଖାଦ୍ୟର ପ୍ରଚାର ପ୍ରସାର କରୁଥିବା ସେଫ୍‌ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ବିଶେଷକରି ଗିନିଜ ବୁକ ଅଫ ୱାର୍ଲଡ ରେକର୍ଡ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ୮୫୦ କିଲୋଗ୍ରାମ ଚାଉଳରେ ପ୍ରସ୍ତୁତ ୧୧୭୭ କିଲୋଗ୍ରାମର ପଖାଳ ସମସ୍ତଙ୍କୁ ଆକର୍ଷିତ କରିଥିଲା। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପଖାଳ, ଅବହେଳିତ ସମ୍ପ୍ରଦାୟର ୨୦୦୦ ରୁ ଊର୍ଦ୍ଧ୍ୱ ଜନସାଧାରଣ ମାନଙ୍କୁ ବଣ୍ଟା ଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାନ୍ଥନିବାସ ଠାରେ ସମସ୍ତ ଅତିଥି ମାନଙ୍କ ସହ ଓଡ଼ିଆ ଖାଦ୍ୟ ମେଳା ବୁଲି ଦେଖିଥିଲେ ଏବଂ ପ୍ରାୟ ୩୨୬ ପ୍ରକାର ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତିକୁ ଅନେକ ପ୍ରଶଂସା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ, ସମସ୍ତ ମାନ୍ୟଗଣ୍ୟ ଅତିଥିଙ୍କ ସହ ପଖାଳ ଖାଇଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ବିଧାୟକଗଣ ଏବଂ ବିଶେଷ ଅତିଥିଗଣ ଉପସ୍ଥିତ ଥିଲେ।





---

### ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ବଜେଟ୍ ପରିମାଣ ୩୧,୯୯୭ କୋଟିରୁ ଊର୍ଦ୍ଧ୍ୱ

## ଚଳିତ ବର୍ଷ ୨୦ ହଜାର ଶିକ୍ଷକ ପଦବୀ ପୂରଣ ନିମନ୍ତେ ଯୋଜନା

**ଭୁବନେଶ୍ୱର,୨୦।୩/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିମନ୍ତେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଆଜି ଖର୍ଚ୍ଚ ଦାବି ଆଲୋଚନା ବିଧାନସଭାରେ ଗୃହିତ ହୋଇଛି। ୩୧ ହଜାର ୯୯୭ କୋଟି ୨୩ ଲକ୍ଷ ୨୦ ହଜାର ଟଙ୍କାର ବିଶାଳ ବଜେଟ୍ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିମନ୍ତେ ଉପସ୍ଥାପିତ କରାଯାଇଥିଲା । ଏହି ବଜେଟ୍‌ରେ ପ୍ରଶାସନିକ ବ୍ୟୟ ପାଇଁ ୧୬,୧୪୭ କୋଟିରୁ ଅଧିକ ଏବଂ କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୫,୮୪୯ କୋଟିରୁ ଅଧିକ ରହିଛି ।

ଶୁକ୍ରବାର ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶିକ୍ଷାର ଗୁଣାତ୍ମକ ଉନ୍ନତି ଓ ଭିତ୍ତିଭୂମି ମଜବୁତ କରିବା ସରକାରଙ୍କ ପ୍ରାଥମିକତା ବୋଲି ମତ ପ୍ରକାଶ କରିଛନ୍ତି। ବଜେଟ୍‌ରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ପାଇଁ ୧୦୧୦ କୋଟି, ସମଗ୍ର ଶିକ୍ଷା ପାଇଁ ୧୧୩୧ କୋଟି ୨୨ ଲକ୍ଷ ୬୨ ହଜାର, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ପାଇଁ ୭୦୯ କୋଟି ୧୦ ଲକ୍ଷ ୪୯ ହଜାର ଏବଂ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ପାଇଁ ୭୩୧ କୋଟି ୨୨ ଲକ୍ଷ ୫୫ ହଜାର ଅର୍ଥ ବରାଦ ହୋଇଛି । ଏହାସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧୨୨୩ କୋଟି ୯୮ ଲକ୍ଷ ୩୫ ହଜାର ଓ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସାଇକେଲ, ପରିଧାନ ଓ ପାଠ୍ୟପୁସ୍ତକ ବଣ୍ଟନ ପାଇଁ ମଧ୍ୟ ଅର୍ଥ ବ୍ୟବସ୍ଥା କରାଯାଇଛି ।

**ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟ ପୁସ୍ତକ**

ମନ୍ତ୍ରୀ କହିଛନ୍ତି ଯେ, ଭିତ୍ତିଭୂମି ଉନ୍ନତି ପାଇଁ ୯୩୦ କୋଟିରୁ ଅଧିକ ଅର୍ଥ ବରାଦ କରାଯାଇଥିବାବେଳେ ଏଥିରେ ନୂତନ ଶ୍ରେଣୀଗୃହ, ଶୌଚାଳୟ, ବିଦ୍ୟାଳୟ ମରାମତି ଓ ଅନ୍ୟାନ୍ୟ ସୁବିଧା ଅନ୍ତର୍ଭୁକ୍ତ ଅଛି। ଗୁଣାତ୍ମକ ଶିକ୍ଷା ପାଇଁ ସରକାର ଶିକ୍ଷକ ନିଯୁକ୍ତିକୁ ତ୍ୱରାନ୍ୱିତ କରିଛନ୍ତି। ଏପର୍ଯ୍ୟନ୍ତ ୨୨,୫୦୨ ଜଣ ଶିକ୍ଷକ ନିଯୁକ୍ତ ହୋଇଥିବାବେଳେ ଚଳିତ ବର୍ଷ ଆଉ ୨୦,୦୦୦ ପଦବୀ ପୂରଣ ପାଇଁ ଯୋଜନା ରହିଛି। ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଯୋଗାଇ ଦେବା ପାଇଁ ସରକାରଙ୍କ ନିଷ୍ପତ୍ତି କ୍ରମେ, ୨୦୨୬ -୨୭ ଆର୍ଥିକ ବର୍ଷ ପାଇଁ ୫୧ କୋଟି ଟଙ୍କା ଅର୍ଥ ରାଶିର ବ୍ୟୟ ବରାଦ କରାଯାଇଛି। ଏହା ଦ୍ୱାରା ରାଜ୍ୟର ନବମ ଓ ଦଶମ ଶ୍ରେଣୀର ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରଛାତ୍ରୀ ଉପକୃତ ହେବେ। ଏହାସହ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ରାଜ୍ୟର ୧୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୋଷଣ ସହାୟତା ଯୋଗାଇ ଦିଆଯାଉଛି। ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା ମଧ୍ୟ ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ମନ୍ତ୍ରୀ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଏହି ବଜେଟ୍ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ଏବଂ ଛାତ୍ରଛାତ୍ରୀଙ୍କ ସମଗ୍ର ଉନ୍ନତିରେ ସହାୟକ ହେବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

---

### ଏପ୍ରିଲ୍ ୨ରେ 'ପ୍ରବେଶ ଉତ୍ସବ', 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ

## 'ଆସ ସ୍କୁଲ୍ ଯିବା ଅଭିଯାନ'ରେ ସବୁ ଶିଶୁଙ୍କୁ ସାମିଲ ଲକ୍ଷ୍ୟ

**ଭୁବନେଶ୍ୱର,୨୦।୩/ଏନ୍ଏନ୍ଏସ୍:** ନୂତନ ଶିକ୍ଷା ନୀତି (ଏନ୍ଇପି-୨୦୨୦)ର ସଫଳ ରୂପାୟନ କରିବାରେ ଓଡ଼ିଶା ଆଜି ଦେଶର ଅଗ୍ରଣୀ ରାଜ୍ୟ ସାଜିଛି। ଆସନ୍ତା ଏପ୍ରିଲ ୨ରେ ଆୟୋଜିତ ହେବ 'ପ୍ରବେଶ ଉତ୍ସବ' ଓ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ। 'ଆସ ସ୍କୁଲ ଯିବା ଅଭିଯାନ' ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ପ୍ରୟାସ ହେବ।

ଶୁକ୍ରବାର ସାମାଜିକ ଗଣମାଧ୍ୟମ ଏକ୍ସରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ଅଭିଯାନରେ ଗୁଣାତ୍ମକ ଶିକ୍ଷା ହେଉଛି ଆମର ସବୁଠାରୁ ବଡ଼ ସମ୍ବଳ। ଆମ ସରକାରଙ୍କ ଦ୍ୱାରା ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଆରମ୍ଭ କରାଯାଇଥିବା 'ଶିଶୁ ବାଟିକା' କେବଳ ଏକ ଶିକ୍ଷା କେନ୍ଦ୍ର ନୁହେଁ, ବରଂ ଆମ ପିଲାମାନଙ୍କର ଉଜ୍ଜ୍ୱଳ ଏବଂ ସୁରକ୍ଷିତ ଭବିଷ୍ୟତର ଏକ ମୂଳଦୁଆ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଏହା ସମ୍ଭବ ହୋଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆସନ୍ତା ଏପ୍ରିଲ ୨ ତାରିଖରେ ଆୟୋଜିତ ହେବାକୁ ଥିବା 'ପ୍ରବେଶ ଉତ୍ସବ' ଓ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ମୁଁ ସମସ୍ତ ଅଭିଭାବକଙ୍କୁ ଆହ୍ୱାନ କରୁଛି। 'ଆସ ସ୍କୁଲ ଯିବା ଅଭିଯାନ' ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ। ଓଡ଼ିଶାର କୁନି କୁନି ପାଦ ଆଗକୁ ବଢ଼ିବ, ସେବେ ହିଁ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ସାକାର ହେବ। ଏକ ଶିକ୍ଷିତ, ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଢ଼ିବା ପାଇଁ ସଂକଳ୍ପବଦ୍ଧ ହେବାକୁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

---

## ଜମି ନେଇ ଶିଳ୍ପ କରୁନଥିବା ୨୫ ଶିଳ୍ପାନୁଷ୍ଠାନକୁ କାରଣ ଦର୍ଶାଅ ନୋଟିସ୍

**ଭୁବନେଶ୍ୱର,୨୦।୩/ଏନ୍ଏନ୍ଏସ୍:** ଜମି ନେଇ ଶିଳ୍ପ କରୁନଥିବା ୨୫ଟି ଶିଳ୍ପାନୁଷ୍ଠାନକୁ ରାଜ୍ୟ ସରକାର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏପରିକି ନୋଟିସ ପରେ ୭ଟି ଶିଳ୍ପାନୁଷ୍ଠାନ ଜମି ଆବଣ୍ଟନ ରଦ୍ଦ କରାଯାଇଛି। ଏଥିସହ ୫ଟି ଶିଳ୍ପ ସଂସ୍ଥା ଜମି ଆବଣ୍ଟନ ରଦ୍ଦ ମାମଲା କୋର୍ଟରେ ବିଚାରାଧୀନ ରହିଛି। ବିଧାନସଭାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଲିଖିତ ଉତ୍ତର ରଖି ଏହି ସୂଚନା ଦେଇଛନ୍ତି।

ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ, ଇଡକୋ ମାଧ୍ୟମରେ ଆବଣ୍ଟିତ ହୋଇଥିବା ଜମି ମଧ୍ୟରୁ ୯୧୪ଟି ଶିଳ୍ପ ସଂସ୍ଥା ବନ୍ଦ ପଡ଼ିଛି। ସେମାନଙ୍କ ମଧ୍ୟରୁ ଇଡ୍‌କୋ ନିୟମ ଅନୁଯାୟୀ ୬୬୫ ଗୋଟି କାରଣ ଦର୍ଶାଅ ନୋଟିସ ଓ ସେଥିମଧ୍ୟରୁ ୨୬୭ଟି ଶିଳ୍ପ ସଂସ୍ଥା ମାନଙ୍କର ଆବଣ୍ଟନ ରଦ୍ଦ କରାଯାଇଛି। ସେହି ଆବଣ୍ଟନ ରଦ୍ଦ ମଧ୍ୟରୁ ୮୧ ଟି ଶିଳ୍ପ ସଂସ୍ଥା ବିରୁଦ୍ଧରେ ଇୟୁଓ କେସ ରୁଜୁ କରାଯାଇଛି। ୬ଟି ଶିଳ୍ପ ସଂସ୍ଥା ଜମି ଆବଣ୍ଟନ ବିରୋଧରେ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏଥିସହ ବିଭିନ୍ନ କାରଣରୁ ଜମି ନେଇ ୬୪୦ ଶିଳ୍ପ ସଂସ୍ଥା ନଚଳାଇ ପରିବାରୁ ଅନ୍ୟ ସଂସ୍ଥାକୁ ସେହି ଜମି ଲିଜ୍ ଆକାରରେ ଦିଆଯାଇଛି।

---

## କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ରଖିଲେ ବିଜେଡିର ୬ ବିଧାୟକ

**ଭୁବନେଶ୍ୱର,୨୦।୩/ଏନ୍ଏନ୍ଏସ୍:** ରାଜ୍ୟ ସଭା ନିର୍ବାଚନରେ କ୍ରସ ଭୋଟିଂ ନେଇ ବିଜେଡି ପକ୍ଷରୁ ୬ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କ୍ରସଭୋଟିଂ କରିଥିବା ଦେବୀରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟ ୫ଜଣ ବିଧାୟକଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରି ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଦେବୀରଞ୍ଜନ ଓ ଅନ୍ୟ ୫ଜଣ ବିଧାୟକ ଅତ୍ୟନ୍ତ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରି ନୋଟିସର ଜବାବ ଦେଇଛନ୍ତି। ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦେଇଥିବା କାରଣଦର୍ଶାଅ ନୋଟିସ୍ ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ,ମନମୁଖୀ ଓ ଅସମ୍ବିଧାନିକ ବୋଲି କହିବା ସହ ଏହି ନୋଟିସ୍ ତାଙ୍କୁ ଭୟଭୀତ କରିବା ଓ ନିର୍ବାଚନକୁ ଅଯଥା ପ୍ରଭାବିତ କରିବା ଉଦ୍ଦିଷ୍ଟ। ଯାହାକି ଭାରତୀୟ ନ୍ୟାୟ ସଂହିତା(ବିଏନଏସ)-୨୦୦୩ର ଧାରା ୧୭୧ ଓ ୧୭୪ ଅନ୍ତର୍ଗତ ଗମ୍ଭୀର ଦଣ୍ଡନୀୟ ଅପରାଧ। ଯଦି ଏହି ଅବୈଧ ନୋଟିସକୁ ତୁରନ୍ତ ପ୍ରତ୍ୟାହାର କରାନଯାଏ, ତା'ହେଲେ ଆଇନ ଅନୁଯାୟୀ ପ୍ରମିଳାଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ବାଧ୍ୟ ହେବେ ଓ ଏହି ଆଇନଗତ ଲଢ଼େଇ ପାଇଁ ସେମାନେ ପ୍ରସ୍ତୁତ ବୋଲି ଖୋଲାଖୋଲି ଚେତାବନୀ ଦେଇଛନ୍ତି। ଦେବୀରଞ୍ଜନ କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ କୌଣସି ରାଜନୀତିକ ଦଳ ନିଜ ସଭ୍ୟମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଭୋଟ୍ ଦେବା ପାଇଁ ହ୍ୱିପ୍ ଜାରି କରିପାରିବେ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ରାଜ୍ୟସଭା ନିର୍ବାଚନରେ ନିଜ ବିବେକାନୁମୋଦିତ ଭୋଟ୍ ଦେଲେ ସମ୍ବିଧାନର ଦଶମ ଅନୁସୂଚୀ ବା ଦଳବଦଳ ବିରୋଧୀ ଆଇନ ଲାଗୁ ହୁଏ ନାହିଁ। ଦେବୀଙ୍କ ଭଳି ନୋଟିସ୍ ପାଇଥିବା ଅନ୍ୟ ବିଧାୟକମାନେ ମଧ୍ୟ ଅନୁରୂପ ଜବାବ ଦେଇଛନ୍ତି। ଏନେଇ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ଆଇନ କ'ଣ କେବଳ ସେମାନଙ୍କୁ ଜଣା ଅଛି ନା କ'ଣ। ଆମକୁ ବି ଆଇନ ଜଣା ଅଛି।ସେମାନେ ଜାଣିଶୁଣି ଦଳ ବିରୋଧରେ ଭୋଟ୍ ଦେଲେ ଓ ଗୋଟିଏ ଏଜେଣ୍ଡା ନେଇ ଦଳ ବିରୋଧରେ ଭୋଟ୍ ଦେଇଛନ୍ତି ବୋଲି ପ୍ରମିଳା କହିଛନ୍ତି।

**ପ୍ରମିଳାଙ୍କୁ ବିଧାୟକଙ୍କ ଚେତାବନୀ**

**ନୋଟିସ୍ ନଫେରାଇଲେ ଫୌଜଦାରୀ ମାମଲା**

---

## ଗଛକୁ ପିଟିଲା କାର୍, ୨ ମୃତ

**କୋରାପୁଟ,୨୦।୩/ଏନ୍ଏନ୍ଏସ୍:** କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଫାୟାର ଷ୍ଟେସନ ପାଖରେ ଏକ କାର ଗଛରେ ପିଟି ହେବାରୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଉଛନ୍ତି ଗୋଲୁର ଗାଁର ଲବ ଖରା ଓ ଖୁଡୁବୁ ଗାଁର ଅନନ୍ତ ପାଙ୍ଗି। ଗତକାଲି ବିଳମ୍ବିତ ରାତିରେ ସେମାନେ ନନ୍ଦପୁରରୁ ନିଜ ଗାଁ ଅଭିମୁଖ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

---

### ଅଗ୍ନି ସୁରକ୍ଷା ସମ୍ପର୍କିତ ଉଚ୍ଚସ୍ତରୀୟ ସମୀକ୍ଷା

## ସତର୍କତା ପାଇଁ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୦ ।୩ /ଏନ୍ଏନ୍ଏସ୍:** ଭୁବନେଶ୍ୱର ପ୍ରିୟଦର୍ଶିନୀ ମାର୍କେଟ୍ କମ୍ପ୍ଲେକ୍ସରେ ଆଜି ଘଟିଥିବା ଅଗ୍ନିକାଣ୍ଡ ପରେ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହକାରେ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ଅଗ୍ନି ସୁରକ୍ଷା ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଏ ସଂପର୍କରେ ବିଭିନ୍ନ ପଦକ୍ଷେପ ନେଇ ସଂପୃକ୍ତ ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦେବା ସହିତ ଜନସାଧାରଣଙ୍କୁ ଅଗ୍ନି ନିରାପତ୍ତା ପ୍ରସଙ୍ଗରେ ଯଥେଷ୍ଟ ସଚେତନ ଓ ସତର୍କତା ଅବଲମ୍ବନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଗୃହ, ଶିଳ୍ପ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅଗ୍ନିଶମ ସେବା ପୁଲିସ୍ ମହାନିର୍ଦ୍ଦେଶକ ଡ଼ଃ. ସୁଧାଂଶୁ ଷଡ଼ଙ୍ଗୀ, ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଶକ୍ତି , ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଭୁବନେଶ୍ୱର ମହାନଗର ନିଗମ କମିଶନର ଚଞ୍ଚଳ ରାଣାଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବୈଠକରେ ମୁଖ୍ୟ ଶାସନ ସଚିବ ଅଗ୍ନି ନିରାପତ୍ତା ପ୍ରତି ସରକାରଙ୍କ ତରଫରୁ ରହିଥିବା ପ୍ରସ୍ତୁତି ଓ ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଅଗ୍ନି ସୁରକ୍ଷା ସମ୍ପର୍କିତ ନିୟମିତ ଯାଞ୍ଚ ସହିତ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ଅଭିଯାନ ଆରମ୍ଭ କରି ଏହାକୁ ବ୍ୟାପକ କରାଯିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନ, ହାଉସିଂ ସୋସାଇଟି, ବଡ ବଡ କୋଠା ଆଦି ଅଗ୍ନି ସୁରକ୍ଷା ମାର୍ଗଦର୍ଶିକା ଅନୁପାଳନ କରିବା କଥା, ସେମାନଙ୍କୁ ବୈଧ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ରଖିବାକୁ ପରାମର୍ଶ ଦିଆଯାଇଛି। ପ୍ରସ୍ତୁତି ସ୍ୱରୂପ ବିଭିନ୍ନ ପ୍ରତିଷ୍ଠାନମାନେ ନିଜ ନିଜର କର୍ମଚାରୀ ବା ରହିଥିବା ମାନବ ସମ୍ବଳଙ୍କ ମଧ୍ୟରୁ ଅଗ୍ନି ସୁପରଭାଇଜର ନିୟୋଜିତ କରିବେ। ସେମାନଙ୍କୁ ଅଗ୍ନିଶମ ସେବା ଦ୍ୱାରା ପ୍ରଶିକ୍ଷଣ ଦିଆଯିବ। ଏହା ସହିତ ବିଭିନ୍ନ କୋଠାଗୁଡିକରେ ବିଦ୍ୟୁତ୍ ବ୍ୟବସ୍ଥାର ନିୟମିତ ଯାଞ୍ଚକୁ ଗୁରୁତ୍ୱ ଦିଆଯାଇଛି। ଅଗ୍ନିକାଣ୍ଡ ଧନ ଜୀବନକୁ ବିପଦରେ ପକାଉଥିବାରୁ ପ୍ରତ୍ୟେକ ନାଗରିକଙ୍କର ଏ ଦିଗରେ ସଚେତନ ହେବା ଓ ସୁରକ୍ଷା ନିୟମ ମାନିବା ଅତ୍ୟାବଶ୍ୟକ। ଅଗ୍ନିଶମ ସେବା ଡିଜି ଡଃ. ଷଡ଼ଙ୍ଗୀ ବିଭିନ୍ନ ପରାମର୍ଶ ସମ୍ପର୍କରେ ଆଲୋଚନା କରିବା ସହିତ ଜରୁରୀକାଳୀନ ସ୍ଥିତିରେ ଜନସାଧାରଣ ୧୧୨ ହେଲ୍ପଲାଇନ୍‌କୁ ତୁରନ୍ତ ଫୋନ୍ କରି ସହାୟତା ନେବାକୁ ଅନୁରୋଧ କରିଛନ୍ତି। ଟିଭି, ରେଡିଓ, ସାମାଜିକ ଗଣମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯିବ ଏବଂ ବିଭିନ୍ନ କାର୍ଯ୍ୟକ୍ରମରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସହଯୋଗ ନିଆଯିବା ନେଇ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି। ଅଗ୍ନିଶମ ସେବା, ପୂର୍ତ୍ତ ବିଭାଗ, ବିଦ୍ୟୁତ୍ ବିଭାଗ ଓ ସଂପୃକ୍ତ ବିଭାଗଙ୍କ ସମନ୍ୱୟରେ ତୁରନ୍ତ ଏକ ସଦ୍ୟ ମାର୍ଗଦର୍ଶିକା (ଏସ୍‌ଓପି) ପ୍ରସ୍ତୁତି କରିବା ଏବଂ ତଦନୁସାରେ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ସହରରେ ବିଶେଷ କରି ହୋଟେଲ୍ ଓ ଜନ ଗହଳି ରହୁଥିବା ଅଞ୍ଚଳମାନଙ୍କରେ ଥିବା କୋଠାଗୁଡିକରେ ଅଗ୍ନି ନିରାପତ୍ତା ଯାଞ୍ଚ ଅଭିଯାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ହୋଟେଲଠୁ ଘର ସବୁଠି ତୋରାଣିର ମହକ

## ଓପିଜିସି



**ଇବ୍ ଥର୍ମାଲ୍, ୨୦।୩/ଏନ୍ଏନ୍ଏସ୍:** ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ୍‌ର ଝାରସୁଗୁଡା ଜିଲ୍ଲା ବନହରପାଲିଠାରେ ଅବସ୍ଥିତ ଇବ ଥର୍ମାଲ ପାୱାର ଷ୍ଟେସନ୍‌ଠାରେ ଆଜି ବିଶ୍ୱ ପଖାଳ ଦିବସ ହର୍ଷ ଉଲ୍ଲାସରେ ପାଳିତ ହୋଇଯାଇଛି । ସ୍ଥାନୀୟ ଇବ୍ କ୍ଲବ୍‌ଠାରେ ଆଜି ଅପରାହ୍ଣ ୧ଟାରେ ଆୟୋଜିତ ଏହି ଉତ୍ସବରେ ଓପିଜିସିର ନିର୍ଦ୍ଦେଶକ ଅପେରସନ ଅଞ୍ଜନା ରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଇବ୍ କ୍ଲବର ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ । କ୍ଲବର ସାଧାରଣ ସମ୍ପାଦକ ସେନାପତି ପ୍ରଧାନ, ସହ ସମ୍ପାଦକ ଅକ୍ଷୟ ହାତୀ ସାଂସ୍କୃତିକ ସମ୍ପାଦକ ମକରଧ୍ୱଜ ସା, କ୍ରୀଡ଼ା ସମ୍ପାଦକ ଦିଲ୍ଲୀପ ପଧାନ ଓ କୋଷାଧ୍ୟକ୍ଷ ଲଖମନ ପଧାନ ପ୍ରମୁଖ ସହଯୋଗ କରିଥିଲେ । ମଞ୍ଚ କାର୍ଯ୍ୟକ୍ରମ ସମାପନ ପରେ ପରେ ଇବ୍ ଥର୍ମାଲର ସମସ୍ତ କର୍ମଚାରୀ ତାଙ୍କ ପରିବାର ସଦସ୍ୟମାନଙ୍କ ସହ ପ୍ରାୟ ୭୦୦ ବ୍ୟକ୍ତି ପାରମ୍ପରିକ ପଖାଳ ଭୋଜନର ଆନନ୍ଦ ନେଇଥିଲେ ।

## ଦୁର୍ଗା ପୂଜା ସମିତି



**ଭୁବନେଶ୍ୱର, ୨୦।୩/ଏନ୍ଏନ୍ଏସ୍:** ଆଜି ସହିଦନଗରର ସ୍ଥିତ ସହିଦନଗର ଦୁର୍ଗା ପୂଜା ସମିତି ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସହିଦନଗର ଦୁର୍ଗା ପୂଜା ସମିତି ପକ୍ଷରୁ ଦିନ ୧୨ଟାରୁ ପ୍ରଥମେ ମା'ଙ୍କ ପାଖରେ ଦିନ ଭୋଗ ଅର୍ପଣ କରାଯାଇଥିଲା । ସେଥିରେ ମଧ୍ୟ ଆଜି ଦହି ପଖାଳ ଓ ବିଭିନ୍ନ ପ୍ରକାର ଶାଗ ଭଜା, ଭଜା, ଫୁଲ ବଡ଼ି ଭଜା, ବଢି ଚୁରା, କଖାରୁ ଫୁଲ ଭଜା, ପଣଷ ପିଠଉ, ବିଭିନ୍ନ ପ୍ରକାର ଚଟଣି, ଆଳୁ ଭର୍ତ୍ତା, ବାଇଗଣ ଭର୍ତ୍ତା, ଛୁଇ ବେସର ଓ ଅନେକ ପ୍ରକାରର ଖାଦ୍ୟ ପ୍ରସାଦ ସମର୍ପଣ କରାଯଇଥିଲା । ଏହା ପରେ ସମିତି ପ୍ରାଙ୍ଗଣରେ ସର୍ବସାଧାରଣଙ୍କ ପାଇଁ ପଖାଳ ଖାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା । ପାଖାପାଖି ୧୫୦୦ରୁ ଉର୍ଦ୍ଧ୍ୱ ଭକ୍ତ ପଖାଳର ମଜା ନେଇଥିଲେ । ସୌମ୍ୟରଞ୍ଜନ ପଟ୍ଟନାୟକ, ଅରୂପ ପଟ୍ଟନାୟକ, ବିଧାୟକ ଉପାସନା ମହାପାତ୍ର, ମେୟର ସୁଲୋଚନା ଦାସ, ଡେପୁଟି ମେୟର, କର୍ପୋରେଟର୍ ବୃନ୍ଦ, ପୂର୍ବତନ ବିଜେପି ରାଜ୍ୟସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୃଥ୍ୱୀରାଜ ପଟ୍ଟନାୟକ, ଶିବାନନ୍ଦ ରାୟ, ଦୁର୍ଗା ପୂଜା ସମିତିର ଉପଦେଷ୍ଟା ମନୋରଞ୍ଜନ ଦାଶ, ହେମନ୍ତ ପରିଡ଼ା, ସୁଧିର ଶତପଥି, ଚନ୍ଦନ ପାଳିତ, ଦିଲ୍ଲୀପ ଦାଶ, ସଭାପତି ବିଶ୍ୱପ୍ରସାଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପାତ୍ର, ସଚ୍ଚିନନ୍ଦନ ନାୟକ, ଉପସଭାପତି ରାଜକିଶୋର ଦାସ, ଆଶିଷ ମହାପାତ୍ର, ବିଭୁଦତ୍ତ ଦାସ, ସମ୍ପାଦକ ହରିଶ ପ୍ରସାଦ ରଥ, ସହ ସମ୍ପାଦକ ଗୋପାଳ କୃଷ୍ଣ ମହାନ୍ତି, ସ୍ମୃତିରଞ୍ଜନ ଜେନା, ରଞ୍ଜନ ମହାପାତ୍ର, ସୀତାକାନ୍ତ ମହାପାତ୍ର, ଦୀପଙ୍କର ମହାପାତ୍ର, କୋଷାଧ୍ୟକ୍ଷ ମହେନ୍ଦ୍ର ତ୍ରିପାଠୀ, ସହକୋଷାଧ୍ୟକ୍ଷ ସୁଦର୍ଶନ ସାହୁ, ଅନୁଷ୍ଠାନର ସମସ୍ତ କାର୍ଯ୍ୟକାରୀ ସଭ୍ୟ ହେମନ୍ତ ମଲିଆ, ଆଦର୍ଶ ପଟ୍ଟନାୟକ, ଶକ୍ତି ପ୍ରସାଦ ଜି, ସନ୍ଦୀପ ବେହେରା, ବିଷ୍ଣୁ ପ୍ରସାଦ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଦେବାଶିଷ ସାହୁ, ସବ୍ୟସାଚୀ ମହାପାତ୍ର, ରାମନାରାୟଣ ମହାପାତ୍ର, ଜିତେନ୍ଦ୍ର ରାଓ, ଅମରେନ୍ଦ୍ର ମିହାପାତ୍ର, ଅଭିଷେକ ପ୍ରଧାନ, କୁବେର ସାହୁ, ସିଦ୍ଧେଶ୍ୱର ମହାରଣା, ସୁନୀଲ ସେଠୀ, ସୁବ୍ରତ ସିଂହ ସମୂହ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମାପନ କରିଥିଲେ ।

## ୱି ଫର୍ ଭୁବନେଶ୍ୱର

ଭୁବନେଶ୍ୱର: ୱି ଫର ଭୁବନେଶ୍ୱର ପକ୍ଷରୁ ଆଜି ପଖାଳ ଦିବସ ପାଳନ କରାଯାଇଛି । ଓଡ଼ିଶାର ଲୋକଖାଦ୍ୟ ପଖାଳ ଉପରେ ଏକ ଆଲେଖ୍ୟ ଆଲୋଚନା ହୋଇଥିଲା । ସର୍ବୋପରି ଭୁବନେଶ୍ୱରର ଅଗ୍ରଣୀ ଅନୁଷ୍ଠାନ ୱି ଫର ଭୁବନେଶ୍ୱରର ଓଡ଼ିଆ ସଂସ୍କୃତି ପରମ୍ପରାକୁ ଜାଗରଣ କରିବାର ଭୂମିକାକୁ ମୁଖ୍ୟବକ୍ତା ପଦ୍ମନାଭ ଦାସ ଭୂରି ଭୂରି ପ୍ରଶଂସା କରିଥିଲେ । ପ୍ରତିବର୍ଷ ଭଳି ନିଆରା ପରମ୍ପରାରେ ଟେରାକୋଟା ପ୍ରସ୍ତୁତ ପଖାଳ ଥାଳି ସମସ୍ତଙ୍କୁ ଆକର୍ଷିତ କରିଥିଲା । ଓଡ଼ିଆ ମାଟି ଅସ୍ମିତାର ଖାଦ୍ୟକୁ ମାଟି ପାତ୍ରରେ ଖାଇବା ମଜା ନିଆରା ଥିଲା । ଏହି ଅବସରରେ ବିଜୟ ପରିଡ଼ା, ସଂଯୁକ୍ତ ମହାନ୍ତି, ଲକ୍ଷ୍ମୀଧର ବେହେରା, ଆବାହକ ଅମରେଶ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହା ସହ ଆବାହକ ଅମରେଶ ଜେନା, ସମ୍ପାଦକ ନରେନ୍ ସାହୁ, ସହ ସମ୍ପାଦକ ଉମାନାଥ ମିଶ୍ର ପ୍ରମୁଖ ପଖାଳ ଦିବସକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

## ବୃନ୍ଦାବନରେ ଅତ୍ୟାଧୁନିକ କର୍କଟ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ

# ରାଷ୍ଟ୍ରପତିଙ୍କ ଦ୍ୱାରା ନୂତନ ବିଭାଗ ଶୁଭାରମ୍ଭ



**ବୃନ୍ଦାବନ, ୨୦।୩/ଏନ୍ଏନ୍ଏସ୍:** ଭାରତର ଅଗ୍ରଣୀ ମ୍ୟୁଚୁଆଲ୍ ଫଣ୍ଡ ସଂସ୍ଥା ଏଚ୍.ଡି.ଏଫ୍.ସି. ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍ ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଅଧୀନରେ ବୃନ୍ଦାବନସ୍ଥିତ ରାମକୃଷ୍ଣ ଚାରିଟେବୁଲ୍ ହସ୍ପିଟାଲରେ ଏକ ଅତ୍ୟାଧୁନିକ ରେଡିଓଥେରାପି ୟୁନିଟ୍ ପ୍ରତିଷ୍ଠା କରିଛି । ଏହି ନୂତନ ଅନକୋଲୋଜି ବ୍ଲକ୍‌କୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ଏହି ପଦକ୍ଷେପ ଦ୍ୱାରା ଉତ୍ତର ଭାରତର କର୍କଟ ରୋଗୀମାନେ ଉନ୍ନତମାନର ଚିକିତ୍ସା ସୁବିଧା ପାଇପାରିବେ । ଏଚ୍.ଡି.ଏଫ୍.ସି. ଏଏମ୍‌ସି ଏହି କେନ୍ଦ୍ର ପାଇଁ ଉଚ୍ଚ ସଠିକତା ବିଶିଷ୍ଟ ରେଡିଓଥେରାପି ଯନ୍ତ୍ରପାତି ଯୋଗାଇ ଦେଇଛି, ଯାହା ସୁସ୍ଥ କୋଷଗୁଡ଼ିକୁ କ୍ଷତି ନପହଞ୍ଚାଇ କେବଳ କର୍କଟ କୋଷକୁ ନଷ୍ଟ କରିବାରେ ସହାୟକ ହେବ । ଏହି ସୁବିଧା ଦ୍ୱାରା ମୁଖ୍ୟତଃ ଉତ୍ତର ପ୍ରଦେଶ, ଦିଲ୍ଲୀ ଏବଂ ରାଜସ୍ଥାନର ରୋଗୀମାନେ ଉପକୃତ ହେବେ, ଯେଉଁମାନେ ପୂର୍ବରୁ ଅଧିକ ଖର୍ଚ୍ଚ କିମ୍ବା ଭିତ୍ତିଭୂମି ଅଭାବରୁ ଉତ୍ତମ ଚିକିତ୍ସା ପାଇପାରୁନଥିଲେ । ଏହି ଅବସରରେ ଏଚ୍.ଡି.ଏଫ୍.ସି. ଏଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନବନୀତ ମୁନୋଟ କହିଛନ୍ତି ଯେ, ସମସ୍ତଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଭାରତର ସାମଗ୍ରିକ ବିକାଶ ପାଇଁ ଅପରିହାର୍ଯ୍ୟ । ରାମକୃଷ୍ଣ ଚାରିଟେବୁଲ୍ ହସ୍ପିଟାଲରେ ଏହି ଭିତ୍ତିଭୂମି ସୃଷ୍ଟି କରି ଆମେ ଗର୍ବିତ । ଏହି ପଦକ୍ଷେପ କର୍କଟ ରୋଗୀଙ୍କ ପରିବାର ଉପରୁ ଆର୍ଥିକ ଓ ମାନସିକ ବୋଝ କମାଇବାରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ସେ ମହାମହିମ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ୨୦୧୭ ମସିହାରେ ପ୍ରତିଷ୍ଠିତ ରାମକୃଷ୍ଣ ଚାରିଟେବୁଲ୍ ହସ୍ପିଟାଲର ଅନକୋଲୋଜି ବିଭାଗ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି । ଏଠାରେ କେମୋଥେରାପି, ଇମ୍ୟୁନୋଥେରାପି ଏବଂ ଜଟିଳ ଅସ୍ତ୍ରୋପଚାର ଭଳି ଅତ୍ୟାଧୁନିକ ଚିକିତ୍ସା ସୁବିଧା ଉପଲବ୍ଧ । ଏହି ବିଭାଗ ଏପର୍ଯ୍ୟନ୍ତ ୪୫ ହଜାରରୁ ଅଧିକ ବହିଃ ବିଭାଗ ରୋଗୀ ଏବଂ ୧୨,୦୦୦ରୁ ଅଧିକ ଅନ୍ତଃ ବିଭାଗ ରୋଗୀଙ୍କୁ ସେବା ଯୋଗାଇ ଦେଇଛି, ଯେଉଁଥିରେ ଅସହାୟ ରୋଗୀଙ୍କୁ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ମଧ୍ୟ ଅନ୍ତର୍ଭୁକ୍ତ । ନୂତନ ଅନକୋଲୋଜି ବ୍ଲକ୍‌ରେ ଦୁଇଟି ରେଡିଓଥେରାପି ବଙ୍କର୍, ଏକ ବ୍ରାଚିଥେରାପି ବଙ୍କର୍, ସିଟି ସିମୁଲେଟର ଏବଂ ଅତ୍ୟାଧୁନିକ ପରୀକ୍ଷାଗାର ଭଳି ସୁବିଧା ରହିଛି ।

## ସିଆର୍‌ପି ମହାବୀର କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ

# ଜଳିଗଲା କସ୍‌ମେଟିକ୍ସ ଷ୍ଟୋର୍, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ





**ଭୁବନେଶ୍ୱର, ୨୦।୩/ଏନ୍ଏନ୍ଏସ୍:** ରାଜଧାନୀର ଅନ୍ୟତମ ବ୍ୟସ୍ତବହୁଳ ବାଣିଜ୍ୟିକ କେନ୍ଦ୍ର ସିଆରପି ଛକ ନିକଟସ୍ଥ ମହାବୀର ମାର୍କେଟ୍ କମ୍ପ୍ଲେକ୍ସରେ ଶୁକ୍ରବାର ସକାଳେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏହି ଅଘଟଣରେ କମ୍ପ୍ଲେକ୍ସର ପ୍ରଥମ ମହଲାରେ ଥିବା ପ୍ରସିଦ୍ଧ 'ବନିତା କସମେଟିକ୍ସ ଷ୍ଟୋର୍' ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିବା ବେଳେ ପାଖରେ ଥିବା ଏକ ବହି ଦୋକାନ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏଟିଏମ୍ ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ପ୍ରାଥମିକ ଯାଞ୍ଚରୁ ବୈଦ୍ୟୁତିକ ସର୍ଟସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବାହିନୀ ଅନୁମାନ କରୁଛି ।

ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୧୦ଟା ବେଳେ କମ୍ପ୍ଲେକ୍ସର ସମସ୍ତ ଦୋକାନ ବନ୍ଦ ହୋଇଥିଲା । ଶୁକ୍ରବାର ସକାଳ ପ୍ରାୟ ୧୦ଟା ସମୟରେ ବ୍ୟବସାୟୀମାନେ ନିଜ ନିଜ ଦୋକାନ ଖୋଲିବାକୁ ପହଞ୍ଚିବା ବେଳେ ବନିତା ଷ୍ଟୋର୍ ଭିତରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ । ସ୍ଥାନୀୟ ଦୋକାନୀମାନେ ତୁରନ୍ତ ଦୋକାନ ମାଲିକ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଦେଖୁ ଦେଖୁ ଷ୍ଟୋରରେ ଥିବା ସମସ୍ତ ଦାମୀ ପ୍ରସାଧନ ସାମଗ୍ରୀ ଓ ଉପହାର ସାମଗ୍ରୀ ଜଳିଯାଇଥିଲା । ଏପରିକି ଷ୍ଟୋରକୁ ଲାଗି ମାଲିକଙ୍କର ଏକ ନୂଆ ଦୋକାନ ନିର୍ମାଣ ଚାଲିଥିବା ବେଳେ ତାହା ମଧ୍ୟ ନିଆଁ କବଳରୁ ବର୍ତ୍ତି ପାରିନାହିଁ । ଏହି ଅଘଟଣରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ହରାଇ ମାଲିକ ଜିତେନ୍ଦ୍ର କୁମାର ପାଟଶାଣି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ଖବର ପାଇ ଭୁବନେଶ୍ୱର (କଳ୍ପନା) ଅଗ୍ନିଶମ କେନ୍ଦ୍ରର ଆସିଷ୍ଟାଣ୍ଟ ଫାୟାର ଅଫିସର୍ ମନୋରଞ୍ଜନ ରାଉତଙ୍କ ନେତୃତ୍ୱରେ ଏକ ବିଶାଳ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ନିଆଁକୁ ଆୟତ୍ତ କରିବା ପାଇଁ ତମାଣ୍ଡୋ, ସଚିବାଳୟ, ଭୁବନେଶ୍ୱର ଷ୍ଟେସନ ଏବଂ ଷ୍ଟ୍ରାଇକିଙ୍ଗ୍ ଫାୟାର ଫୋର୍ସର ଏକାଧିକ ଗାଡ଼ି ନିୟୋଜିତ ହୋଇଥିଲେ । ପ୍ରାୟ ଏକ ଘଣ୍ଟାର କଠିନ ପରିଶ୍ରମ ପରେ ନିଆଁକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇଥିଲା । ଶ୍ରୀ ରାଉତ କହିଛନ୍ତି ଯେ, ଦୋକାନ ବନ୍ଦ ଥିବା ସମୟରେ ଭିତରେ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଛି । ତେବେ ମାର୍କେଟ୍ କମ୍ପ୍ଲେକ୍ସରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲା କି ନାହିଁ, ସେ ନେଇ ବିଧିବଦ୍ଧ ତଦନ୍ତ କରାଯିବ । ଲକ୍ଷାଧିକ ଟଙ୍କାର କସମେଟିକ୍ସ ସାମଗ୍ରୀ ଜଳିଯିବା ଯୋଗୁଁ ଅଞ୍ଚଳର ବ୍ୟବସାୟୀମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

## ପିଆର୍‌ପି ଆଇନ୍‌ର କାର୍ଯ୍ୟକାରିତା ନେଇ ମତବିନିମୟ

# ପାରଦର୍ଶିତା ଉପରେ ପିଆର୍‌ଜିଆଇଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୨୦।୩/ଏନ୍ଏନ୍ଏସ୍:** ଓଡ଼ିଶାର ବିଭିନ୍ନ ମୁଦ୍ରିତ ଗଣମାଧ୍ୟମ ସଂସ୍ଥାର ମୁଦ୍ରାକର, ପ୍ରକାଶକ, ସମ୍ପାଦକ ଓ ପରିଚାଳକମାନଙ୍କୁ ନେଇ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭାରତୀୟ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ (ପିଆରଜିଆଇ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ମତ ବିନିମୟ କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ 'ପ୍ରେସ୍ ସେବା ପୋର୍ଟାଲ'ର ସଫଳ ଉପଯୋଗ ଏବଂ 'ପ୍ରେସ୍ ଓ ପତ୍ରିକା ପଞ୍ଜିକରଣ (ପିଆରପି) ଆଇନ, ୨୦୨୩'ର ନୂତନ ନିୟମାବଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ନୂଆଦିଲ୍ଲୀରୁ ଆସିଥିବା ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ସନ୍ତୋଷ କୁମାର ଏବଂ ଏନଆଇସିର ସହାୟକ ନିର୍ଦ୍ଦେଶକ ଗୌରବ ଶର୍ମା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ବାଦପତ୍ର ଓ ପତ୍ରପତ୍ରିକାର ପଞ୍ଜିକରଣ, ପ୍ରକାଶନ ସଂଖ୍ୟା ଯାଞ୍ଚ ଏବଂ ସଂଶୋଧିତ ନିୟମାବଳୀ ଉପରେ ଆଲୋକପାତ କରିଥିଲେ । ବିଶେଷ କରି ପ୍ରକାଶନ ଯାଞ୍ଚ ଅଡିଟ୍‌କୁ କିପରି ଅଧିକ ପାରଦର୍ଶୀ କରାଯାଇପାରିବ, ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରେସ୍ ସେବା ପୋର୍ଟାଲ ବ୍ୟବହାର ସମୟରେ ପ୍ରକାଶକମାନେ ସମ୍ମୁଖୀନ ହେଉଥିବା ବୈଷୟିକ ତ୍ରୁଟି ଓ ସମସ୍ୟା ସମ୍ପର୍କରେ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ମତାମତ ସଂଗ୍ରହ କରିଥିଲେ । ଏହି ଆଲୋଚନାର ନିଷ୍କର୍ଷ ନୂତନ ଆଇନକୁ ଅଧିକ ସୁଗମ ଭାବେ କାର୍ଯ୍ୟକାରୀ କରିବାରେ ସହାୟକ ହେବ ବୋଲି ଶ୍ରୀ ସନ୍ତୋଷ କୁମାର ପ୍ରକାଶ କରିଥିଲେ । ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓଡ଼ିଶାର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଏହି ମତବିନିମୟ କାର୍ଯ୍ୟକ୍ରମକୁ ସ୍ୱାଗତ କରି କହିଥିଲେ ଯେ, ରାଜ୍ୟସ୍ତରରେ ଏଭଳି ଆୟୋଜନ ଦ୍ୱାରା ଆଞ୍ଚଳିକ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ପାଇଁ ଆଇନଗତ ପ୍ରକ୍ରିୟା ବୁଝିବା ସହଜ ହେବ । ଏହା ସମ୍ବାଦପତ୍ର ଓ ପତ୍ରିକା ପ୍ରକାଶନ କ୍ଷେତ୍ରରେ ଅଧିକ ଦକ୍ଷତା ଏବଂ ସ୍ୱଚ୍ଛତା ଆଣିବ ବୋଲି ସେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇ ନିଜର ସମସ୍ୟା ଓ ମତାମତ ଉପସ୍ଥାପନ କରିଥିଲେ ।

# 'ବସନ୍ତ ଏକ ଋତୁ ନୁହେଁ, ଏହା ଏକ ଅନନ୍ୟ ଅନୁଭବ'

**ଭୁବନେଶ୍ୱର, ୨୦।୩/ଏନ୍ଏନ୍ଏସ୍:** ପ୍ରାଚୀନରୁ ମଧ୍ୟଯୁଗୀୟ ଓ ମଧ୍ୟଯୁଗୀୟରୁ ଆଧୁନିକ ଏବଂ ଅତ୍ୟାଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରତିଟି କବିର ଦୃଷ୍ଟିରେ ବସନ୍ତକୁ ଋତୁରାଜ ଭାବେ ବର୍ଣ୍ଣନା କରିଛନ୍ତି । ଗୀତାରେ ସ୍ୱୟଂ ଶ୍ରୀକୃଷ୍ଣ କହିଛନ୍ତି ଋତୁମାନଙ୍କ ମଧ୍ୟରେ ମୁଁ କୁସୁମାକର ବସନ୍ତ । କବିକୁଳ ସେଇ ବସନ୍ତ ଋତୁରେ ଧରଣୀକୁ ପଲ୍ଲବ ବସନରେ ସଜାଇ ପିକର କୁହୁଧ୍ୱନୀକୁ ବେଦମନ୍ତ୍ର ଭାବେ ବର୍ଣ୍ଣନା କରି ସ୍ଥାବରଜଙ୍ଗମ ସର୍ବତ୍ର ମଧୁମୟ କରି ବସନ୍ତ ଋତୁକୁ ଶ୍ରେଷ୍ଠ ଆସନରେ ବସାଇଥାନ୍ତି । ବସନ୍ତ ହେଉଛି ସୃଷ୍ଟି ସମୟର ଆରମ୍ଭ, କ୍ଷେତରେ ସୋରିଷ ଫୁଲ, ପରିବେଶରେ ସାମାନ୍ୟ ଆର୍ଦ୍ରତା ଓ ମଳୟର ପହିଲି ସ୍ପର୍ଶ ଶରୀରକୁ କରେ ଆମୋଦିତ । ଏଇ ବସନ୍ତ କବିମାନଙ୍କୁ କରିଦିଏ ବିଭୋର ବୋଲି କହିଛନ୍ତି ବିଭିନ୍ନ ବକ୍ତାଗଣ । 'ଓଡ଼ିଶା ଲେଖକ ସମବାୟ ସମିତି'ର ମାସିକ ଆଲୋଚନାଚକ୍ର 'ଓଡ଼ିଆ ସାହିତ୍ୟରେ ଋତୁ ବସନ୍ତ' ଶୀର୍ଷକରେ ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବକ୍ତାଗଣ ଆଦିକବି ବାଲ୍ମିକୀଙ୍କଠାରୁ କାଳିଦାସଙ୍କ ଋତୁସଂହାର, ଅଭିଜ୍ଞାନ ଶକୁନ୍ତଳମ୍ ତଥା ଜୟଦେବଙ୍କ ଗୀତଗୋବିନ୍ଦରୁ ଲଳିତ



ଲବଙ୍ଗ ଲତା ପଦ୍ୟ ଆବୃତ୍ତି କରି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀ ଗଙ୍ଗାଧର ମେହେରଙ୍କ କିଚକ ବଧ, ଦୀନକୃଷ୍ଣଙ୍କ କବିତା ଇତ୍ୟାଦିର ଉଦାହରଣ ଦେଇ ବସନ୍ତ ଋତୁରେ କବିମାନଙ୍କର ବର୍ଣ୍ଣନା ଚାତୁରୀର ଉଦାହରଣ ଦେଇଥିଲେ । ସାହିତ୍ୟିକ ଓ ଗବେଷକ ଶ୍ରୀ ପ୍ରଭାତ କୁମାର ନନ୍ଦ, ଡକ୍ଟର ଆରତି କର, ମିନତୀ ଷଡ଼ଙ୍ଗୀ, ଡ. ସିଦ୍ଧାର୍ଥ କାନୁନ୍‌ଗୋ, ଶ୍ରୀ ମନୋଜ କୁମାର ଜେନା, ବିରଞ୍ଚି ନାରାୟଣ ଶତପଥୀ, କୈଳାସ ଚନ୍ଦ୍ର ରଥ, ବିରଜା ପ୍ରସାଦ ଶତପଥୀ, ବିଜୟ କୁମାର ମହାନ୍ତି ଓ ଇଂ. ଗଣେଶ ଚନ୍ଦ୍ର ପଣ୍ଡା ବସନ୍ତ ଋତୁ ବର୍ଣ୍ଣନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରୁ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ସମ୍ପାଦକ ସୁକାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ । ସଭା ଆରମ୍ଭରେ ସମିତ କୁମାର ରାଉତ ଭକ୍ତିସଂଗୀତ ପରିବେଷଣ କରିଥିଲେ ।

# ମହିଳା ଚାଷୀଙ୍କୁ ମିଶ୍ରିତ ଚାଷ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୦।୩/ଏନ୍ଏନ୍ଏସ୍:** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ 'ଓୟୁଏଟି କୃଷକ ମେଳା-୨୦୨୬' ଅନୁଷ୍ଠିତ ହୋଇଯାଇଛି । 'ମହିଳା କୃଷି ଉଦ୍ୟୋଗୀ ଓ ବିକଶିତ କୃଷି' ଶୀର୍ଷକ ଏହି ମେଳାକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଆଜିର ଚାଷୀ କେବଳ ଚାଷୀ ନୁହେଁ ବରଂ ଜଣେ ଜଣେ କୃଷି ଉଦ୍ୟୋଗୀ । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମହିଳାମାନଙ୍କୁ ମିଶ୍ରିତ ଚାଷ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ । କୃଷି ବିଭାଗ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ବିକଶିତ ଭାରତ ଗଠନରେ ମହିଳାଙ୍କ ଭୂମିକା ଉପରେ ଗୁରୁତ୍ୱ ଦେଇଥିବା ବେଳେ କୁଳପତି ପ୍ରଫେସର ଡକ୍ଟର ପ୍ରଭାତ କୁମାର ରାଉଳ ବିଶ୍ୱବିଦ୍ୟାଳୟର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଓ ପ୍ରଫେସର ନିରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ । ଏହି ଅବସରରେ ସଫଳ ମହିଳା ଚାଷୀଙ୍କୁ ସମ୍ମାନିତ କରାଯିବା ସହ ତିନୋଟି କୃଷି ପୁସ୍ତକ ଉନ୍ମୋଚିତ ହୋଇଥିଲା । ୧୫ରୁ ଅଧିକ ଷ୍ଟଲ୍ ମାଧ୍ୟମରେ ଚାଷୀମାନେ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଅବଗତ ହୋଇଥିଲେ ।

## ନୀଳଶୈଳର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

# ଓଡ଼ିଆ ସଂସ୍କୃତିକୁ ବିଶ୍ୱବିଦିତ କରିବାକୁ ନିରନ୍ତର ପ୍ରୟାସ କରାଯିବ: ସଂସ୍କୃତି ମନ୍ତ୍ରୀ




**ଭୁବନେଶ୍ୱର, ୨୦।୩/ଏନ୍ଏନ୍ଏସ୍:** ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ପ୍ରତିଷ୍ଠାନ ନୀଳଶୈଳର ବର୍ଷ ବ୍ୟାପୀ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନ ଏହାର ଭୁବନେଶ୍ୱର କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଗୀତ ଗୋବିନ୍ଦ ସଦନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନୀଳଶୈଳ ଅନୁଷ୍ଠାନର ଏହି ସାଂସ୍କୃତିକ ଧାରାକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ଉପଦେଷ୍ଟା ସହଦେବ ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ରଜନୀ କାନ୍ତ ପଣ୍ଡା ସମ୍ପାଦକୀୟ ଉପସ୍ଥାପନା କରି ନୀଳଶୈଳର ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟର ସୂଚନା ଦେଇଥିଲେ ।

ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ଓ ପ୍ରଶାସକ ଡ. ରବିନାରାୟଣ ସେନାପତି, ସମ୍ମାନିତ ଅତିଥି ଭାବେ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପଦ୍ମଶ୍ରୀ ସାବରମତୀ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ଼. ପ୍ରସନ୍ନ କୁମାର ସ୍ୱାଇଁ, ସଂଗୀତ ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢ଼ୀ, ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ନୀଳଶୈଳର ଯଥେଷ୍ଟ ଅବଦାନ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଅତିଥିମାନେ ନୀଳଶୈଳର ମୁଖପତ୍ର ପତିତପାବନର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ ଉନ୍ମୋଚନ କରିଥିଲେ । ଏହି ଅବସରରେ ବର୍ଷ ୨୦୨୫-୨୬ ପାଇଁ ବିଶିଷ୍ଟ ସଂଗୀତ ଗବେଷକ ଡ଼. କୀର୍ତ୍ତନ ନାରାୟଣ ପାଢ଼ୀଙ୍କୁ ନୀଳଶୈଳ କଳା ସଙ୍ଗୀତ ସମ୍ମାନ ଓ ଔପନ୍ୟାସିକା ପୁଷ୍ପାଞ୍ଜଳି କରଙ୍କୁ ତାଙ୍କ ଉପନ୍ୟାସ ଅହଲ୍ୟା ପାଇଁ ନୀଳଶୈଳ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ପୂର୍ବତନ ସମ୍ପାଦକ ରବି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ବିଜେତମାନଙ୍କୁ ପୁରସ୍କାର ଓ ପମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଯୁବ ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ଓ ପରିଚାଳନା କରିଥିଲେ ଅନୁଷ୍ଠାନର କର୍ମକର୍ତ୍ତା ଲଳିତ ମୋହନ ପଟ୍ଟନାୟକ, ବ୍ରଜେନ୍ଦ୍ର ମହାନ୍ତି, ତେଜେଶ୍ୱର ପଟ୍ଟନାୟକ, ଗୋକୁଳି ଜେନା, ବ୍ରହ୍ମାନନ୍ଦ ଭଞ୍ଜଦେଓ, ଆଲୋକ କୁମାର ମହାପାତ୍ର, ବିଜୟ ଲକ୍ଷ୍ମୀ ମହାନ୍ତି, ଅନୁପମା ମହାପାତ୍ର ଓ ମିନତୀ ମିଶ୍ର । ସମାରୋହରେ ନାଲ୍‌କୋର ପ୍ରାକ୍ତନ ମାନବ ସମ୍ବଳ ନିର୍ଦ୍ଦେଶକ ସଞ୍ଜୟ ମିଶ୍ର, କର୍ଣ୍ଣେଲ ସୌମିତ୍ରା ଦାଶ, ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ମହାପ୍ରବନ୍ଧକ ସୁରେଶ ଷଡ଼ଙ୍ଗୀ, ଅନୁଷ୍ଠାନର ଅନ୍ୟତମ ଉପଦେଷ୍ଟା ଭଗବାନ ପ୍ରସାଦ ଦାସ, ପ୍ରାକ୍ତନ ସୂଚନା କମିଶନର ଦିଲ୍ଲୀପ ବିଶୋୟୀ, ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ପ୍ରାରମ୍ଭରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଓଡ଼ିଶୀ ସଂଗୀତ ଗୁରୁ ଅଧ୍ୟାପକ ଡ଼ଃ. ଧୀରଜ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା ।

# ୨୬ରେ ଗଡ଼ିବ ରୁକୁଣା ରଥ



**ଭୁବନେଶ୍ୱର, ୨୦।୩/ଏନ୍ଏନ୍ଏସ୍:** ମହାପ୍ରଭୁ ଲିଙ୍ଗରାଜଙ୍କ ପ୍ରସିଦ୍ଧ ଅଶୋକାଷ୍ଟମୀ ରଥଯାତ୍ରାର ସୁପରିଚାଳନା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ମାର୍ଚ୍ଚ ୨୬ରେ ରଥଯାତ୍ରା ଏବଂ ୩୦ରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ । ନୀତି ନିର୍ଘଣ୍ଟ ଅନୁଯାୟୀ, ରଥଯାତ୍ରା ଦିନ ଭୋର ୪ଟାରୁ ମଙ୍ଗଳ ଆଳତି ଓ ଅବକାଶ ନୀତି ପରେ ୫ଟାରୁ ସାହାଣମେଲା ଦର୍ଶନ ହେବ । ପରେ ପହଣ୍ଡି ଓ ରଥ ପୂଜା ଶେଷ ହୋଇ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ରଥଟଣା ଆରମ୍ଭ ହେବ ବୋଲି ସମୟ ସ୍ଥିର ହୋଇଛି । ଏହି ଅବସରରେ ଏକାମ୍ର ବିଧାୟକ ବାବୁ ସିଂ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିବା ବେଳେ ଜିଲ୍ଲାପାଳ ବିଭିନ୍ନ ବିଭାଗକୁ ନିଜ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାନୀୟ ଜଳ, ଆଲୋକୀକରଣ, ସଫେଇ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଭୁବନେଶ୍ୱର ମହାନଗର ନିଗମ, ୱାଟକୋ ଓ ଅଗ୍ନିଶମ ବିଭାଗକୁ ନିୟୋଜିତ କରାଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଉପ-ଜିଲ୍ଲାପାଳ ଡକ୍ଟର ମନୋରଞ୍ଜନ ସାହୁ, ଲିଙ୍ଗରାଜ ମନ୍ଦିର ଅତିରିକ୍ତ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ଭରିମାଲ୍ଲ ଏବଂ ବିଭିନ୍ନ ନିଯୋଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ନିତିଦିନ NITIDIN

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**କୋଣାର୍କ,୨୦।୩/ଏନ୍‌ଏନ୍‌ଏସ୍:** ଗୋପ ମେଳଣ ଦେଖି ରାମଚଣ୍ଡୀ ଥାନା ଅଧୀନ ଛଇତନା ନିକଟ ନିଜ ଗ୍ରାମ ଆଳସଙ୍ଖା ନିଜ ଘରକୁ ରାତିରେ ଫେରୁଥିଲା ବେଳେ ନିଜ ଘର ସମ୍ମୁଖରେ ଥିବା ଏକ ତେନ୍ତୁଳି ଗଛରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ଆଲୋକ ଭୋଇ(୩୦) ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ଏଥି ସହ ତାଙ୍କ ସହ ଥିବା ଅନ୍ୟ ଜଣେ ସାଥି ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି।



# କଟକ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘର ବୈଠକ

**କଣ୍ଟାପଡ଼ା,୨୦।୩/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘ (ଙ୍କଟଡଓ଼ି)ର ବୈଠକ କଣ୍ଟାପଡ଼ା ବ୍ଲକ ଓଲଟପୁର ବାଇରୋଇ ସ୍ଥିତ ସୌଦାମିନୀ ପାଠାଗାର ସମ୍ମିଳନୀ କକ୍ଷରେ ଜିଲ୍ଲା ସଭାପତି ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ଓ ସର୍ବଭାରତୀୟ ସ୍ତରୀୟ ସାମ୍ବାଦିକ ସଂଘର ସାଧାରଣ ସଂପାଦକ ସୁଜ୍ଞାନ ଚୌଧୁରୀ, ରାଜ୍ୟ ସାଧାରଣ ସମ୍ପାଦକ ପବିତ୍ର କୁମାର ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ ନନ୍ଦ, ବୟାଳିଶ ମୌଜା ସାମ୍ବାଦିକ ସଂଘର ସଭାପତି ଅନିଲ କୁମାର ଦାସ ଓ ଅମିତ୍ କୁମାର ପରିଜା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ଏପ୍ରିଲ ମାସ ଶେଷ ସୁଦ୍ଧା କଟକ ଜିଲ୍ଲାର ବାର୍ଷିକ ଉତ୍ସବ ପାଳନ



କରାଯିବା ନିମନ୍ତେ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ସମସ୍ତ ସଭ୍ୟସଭ୍ୟା ମାନେ ବାର୍ଷିକ ଉତ୍ସବ ଅତି ସରସ ସୁନ୍ଦର କରିବା ପାଇଁ ମତପ୍ରକାଶ କରିଥିଲେ। ଉତ୍ସବରେ ଏକ ମୁଖପତ୍ର ପ୍ରକାଶ ପାଇବା ପାଇଁ ସମସ୍ତେ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ, ବିଧାୟକମାନଙ୍କୁ ଡାକିବାକୁ ସର୍ବସମ୍ମତି ପ୍ରସ୍ତାବ ଦେଇଥିଲେ। ଆସନ୍ତା ମାସରେ ଆଉ ଏକ ବୈଠକ କରାଯାଇ ବାର୍ଷିକ ଉତ୍ସବର ସ୍ଥାନ ନିରୂପଣ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଏଥିରେ କୋର୍ କମିଟି, ଅଭ୍ୟର୍ଥନା କମିଟି ଓ ବଜେଟ୍ ନିରୂପଣ କରାଯିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ଶଶିଭୂଷଣ ଦାଶ, ପୂର୍ଣ୍ଣଚନ୍ଦ୍ର ଦଳାଇ, ଚିନ୍ମୟ ମହାରଣା, ଦୀପ୍ତିରଞ୍ଜନ ଶତପଥୀ, ଗୌରାଙ୍ଗ ଚରଣ ରାଉତ, ପ୍ରତାପ କୁମାର ମଲ୍ଲିକ, ମହେଶ୍ୱର ପାତ୍ର, ଦୁଃଶାସନ ସାହୁ, ବିଶ୍ୱରଂଜନ ଦାସ, ସୁଧୀର କୁମାର ଶତପଥୀ, ଶିବାନୀ ମୁଦୁଲି, ବିନୋଦ ଭୋଇ, ରାକେଶ ହୋତା, ହେମନ୍ତ କୁମାର ମଲ୍ଲିକ, ରାଜକିଶୋର ଦାଶ, ବୁଲୁ ପାତ୍ର, କୈଳାଶ ଚନ୍ଦ୍ର ସ୍ୱାଇଁ, ଶୈଳଜା ମହାପାତ୍ର, ସନ୍ତୋଷ ମିଶ୍ର, ଜୀବନ ଦାସ ପ୍ରମୁଖ ସାମ୍ବାଦିକ ଯୋଗଦେଇଥିଲେ।

## ଦୋକାନକୁ ଯାଇଥିବା ନାବାଳିକାକୁ ଅପହରଣ

**ବଲଙ୍ଗା,୨୦।୩/ଏନ୍‌ଏନ୍‌ଏସ୍:** ବଲଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଦୋକାନକୁ ଯାଇଥିବା ଜଣେ ନାବାଳିକାକୁ ଅପହରଣ କରଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସୁଚନା ମୁତାବକ ଗତ ଏକ ମାସ ତଳେ ମାଟ୍ରିକ ପରୀକ୍ଷା ଦେବାକୁ ଯାଇଥିଲା ବେଳେ ସେଠାରୁ କୁଆଡେ ପଳାଇଥିଲା ବେଳେ ଘଟଣା ଦିନ ସନ୍ଧ୍ୟାରେ ଘରକୁ ଫେରିଥିଲେ। ନାବାଳିକା ଜଣଙ୍କ ଘରେ ଥିଲା ବେଳେ ଗତକାଲି ଅପରାହ୍ନରେ ନବାଳକିକା ମାଙ୍କୁ କେହିଜଣେ ଫୋନ୍ କରି ତାଙ୍କ ଝିଅକୁ ଉଠାଇ ନେବାକୁ ଧମକ ଦେଉଥିଲେ। ପରେ ନାବାଳିକା ଜଣଙ୍କ ଗ୍ରାମରେ ଥିବା ଦୋକାନକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁତ ଖୋଜ ଖବର ନେବାରେ ତାର କୌଣସି ସନ୍ଧାନ ପାଇ ନଥିଲେ ବୋଲି ନାବାଳିକା ମା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ

**ଗଣିଆ,୨୦।୩/ଏନ୍‌ଏନ୍‌ଏସ୍:** ଗଣିଆ ବ୍ଲକ ବେଲପଡ଼ା ପାଟଣା ପଞ୍ଚାୟତ ରାଉତପଡ଼ା ନୂଆସାହି ଗ୍ରାମରେ ଶୁକ୍ରବାର ସର୍ଟ ସର୍କିଟ ରୁ ଅଗ୍ନିକାଣ୍ଡ ଘଟି ୨ ବଖରା ଚାଳଘର ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡରେ ଗ୍ରାମରେ ଶାନ୍ତିଲତା ସାହୁଙ୍କ ୧ ବଖରା ଓ ପ୍ରତାପ ସାହୁଙ୍କ ୧ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଏଥିସହ ଘରେଥିବା ସମସ୍ତ ଧାନ, ଚାଉଳ, ଲୁଗାପଟା, ଆସବାବ ପତ୍ର ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଗଣିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ କୌଣସି ଜିନିଷ ଉଦ୍ଧାର ହୋଇପାରି ନଥିଲା। ଖବର ପାଇ ବେଲପଡ଼ା ପାଟଣା ସରପଞ୍ଚ ସୁକାନ୍ତ ଗଣ୍ଡିଆ ୪ ହଜାର ଟଙ୍କା ସହାୟତା ଦେବାସହ ଏକ ସପ୍ତାହ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଗଣିଆ ବିଡିଓ ୫ହଜାର ଟଙ୍କା ଓ ଗଣିଆ ଭାଜପା ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପ୍ରତି ଅଗ୍ନି ବିପନ୍ନ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୧୦ହଜାର ଲେଖାଁଏ ଆର୍ଥିକ ସହାୟତା ଓ ଜରିପାଲ ଯୋଗାଇଦେବାକୁ ଗଣିଆ ତହସିଲଦାର ସୂଚନା ଦେଇଛନ୍ତି।

## ମା' ବରୁଣେଇ ଗ୍ରୀଷ୍ମକାଳୀନ କ୍ରିକେଟ ମ୍ୟାଚ୍

**କଣ୍ଟିଲୋ,୨୦।୩/ଏନ୍‌ଏନ୍‌ଏସ୍:** ମା ବରୁଣେଇ ଅନୁଷ୍ଠାନ ଆନୁକୁଲ୍ୟରେ ଚାଲିଥିବା ଗ୍ରୀଷ୍ମକାଳୀନ ଟି-୨୦ କ୍ରିକେଟ ମ୍ୟାଚ୍ ର ଚତୁର୍ଥ ଦିବସରେ ରାଣୀଛେଲି କ୍ରିକେଟ ଟିମ୍ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ୱିକେଟ ବିନିମୟରେ ୯୭ ରନ୍ କରିଥିବା ବେଳେ ନୂଆଗାଁ ଟିମ୍ ୯.୩ ଓଭର ରେ ୫ ୱିକେଟ ବିନିମୟରେ ୯୮ ରନ୍ ସଂଗ୍ରହ କରି ଆଜିର ବିଜୟୀ ଦଳ ଘୋଷିତ ହୋଇଛନ୍ତି। ଆଜିର ଏହି ୧୫ଓଭର ବିଶିଷ୍ଟ ମ୍ୟାଚ୍‌କୁ ସମୀର ଦଳେଇ ଓ ଶୁଭମ୍ ବାରିକ ପରିଚାଳନା କରିଥିବାବେଳେ ଧାରା ବିବରଣୀ ଆଶୁତୋଷ ବାରିକ ଓ ସ୍କୋରର ଭାବେ ଅନିରୁଦ୍ଧ ବେହେରା କାର୍ଯ୍ୟ ତୁଲାଇଥିଲେ। ଆସନ୍ତାକାଲି ପ୍ରଥମ ସେମିଫାଇନାଲ ମ୍ୟାଚ୍ ନୂଆଗାଁ ଓ ଗୋଲା ବୋଦଶା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ସତ୍ୟନାରାୟଣ ବିଦ୍ୟାପୀଠରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**କୁଣ୍ଡେଇ,୨୦।୩/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧିନସ୍ଥ ଶୁକପାଖରୀ ସତ୍ୟନାରାୟଣ ବିଦ୍ୟାପୀଠର ୨୦୦୨ ମସିହା ପୁରାତନ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ସୁଧୀର, ଧନଞ୍ଜୟ, ମୋହନ ଏବଂ କାର୍ତ୍ତିକଙ୍କ ତତ୍ତ୍ୱାବଧାନରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମ ରାମଚଣ୍ଡୀଙ୍କ ପୀଠରେ ଏକ ଭବ୍ୟ ଓ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନେ ସେମାନଙ୍କର ପରିବାର ସହିତ ଯୋଗଦେଇ ଭାବ ଆଦାନ ପ୍ରଦାନ କରି ଅନେକ ଖୁସି ସାଉଁଟିଥିବାବେଳେ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ ସାଙ୍ଗକୁ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେବାପାଇଁ ଶପଥ ନେଇଥିଲେ। ଅତୀତର ସ୍କୁଲ ଜୀବନର ସ୍ମୃତିକୁ ମନେପକାଇବା ସହିତ ଦିବଂଗତ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରି ସମସ୍ତ ଛାତ୍ରଛାତ୍ରୀମାନେ ବେଶ ଭାବବିହ୍ୱଳ ହୋଇଥିଲେ। ଶେଷରେ ସମସ୍ତ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ସହ ଭୋଜି ଆୟୋଜନ କରିଥିଲେ।

## ମାଘମେଳାର ଆୟବ୍ୟୟ ସାର୍ବଜନୀନ

**କଣ୍ଟିଲୋ,୨୦।୩/ଏନ୍‌ଏନ୍‌ଏସ୍:** ଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ ରେ କାହିଁ କେଉଁ ମାନ୍ଧାତା ଅମଳରୁ ଅନୁଷ୍ଠିତ ହୋଇ ଆସୁଥିବା ଭୈମୀ ଏକାଦଶୀ ମାଘ ମେଳାର ଆୟ ବ୍ୟୟ କାହିଁ କେବେ ସାର୍ବଜନୀନ ହୋଇ ଥିବାର କୌଣସି ନଜିର ନାହିଁ। କିନ୍ତୁ ବିଗତ ଦୁଇ ବର୍ଷ ହେଲା ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ଭାବେ ଯୋଗ ଦେଇଥିବା ବିଶ୍ୱବିସ୍ମୃତ ତ୍ରିପାଠୀଙ୍କ ସ୍ୱଚ୍ଛତା, କାର୍ଯ୍ୟ ଦକ୍ଷତା ଓ ଆପ୍ରାଣ ଚେଷ୍ଟା ବଳରେ, ପୂର୍ବର ସେହି ନୀତିକୁ ଭୁଲ ପ୍ରମାଣିତ କରି ଶ୍ରୀ ଜିଉଙ୍କ ବିଗତ ଦୁଇ ବର୍ଷ ମାଘ ମେଳାର ଆୟ ବ୍ୟୟ ସାର୍ବଜନୀନ କରି ଧନ୍ୟବାଦ୍ ପାଇବା ସହିତ ସର୍ବସାଧାରଣରେ ପ୍ରଶଂସିତ ହୋଇଛନ୍ତି।

## ୧୨ତମ ଅମୃତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



**ବୋଲଗଡ଼,୨୦।୩/ଏନ୍‌ଏନ୍‌ଏସ୍:** ବୋଲଗଡ଼ ସଦର ମୁଖ୍ୟାଳୟସ୍ଥ ବାରପଲ୍ଲୀ ଦ୍ୱାରା ଆୟୋଜିତ ଐତିହ ପନ୍ଦରଦୋଳ ଯାତ୍ରା ମୈଦାନ ଠାରେ ୧୨ତମ ଅମୃତ ମହୋତ୍ସବ ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାକୁ ରୋଚକ କରିଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଆଇନଜୀବୀ ଚିତ୍ତରଞ୍ଜନ ପରିଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ବିଜେପି ନେତା ପ୍ରକାଶ ବିଜୁଳି ଯୋଗଦେଇ ବୋଲଗଡ଼ ଐତିହ୍ୟ ସମ୍ପର୍କରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଥାନା ଆଇଆଇସି ସୁକାନ୍ତ ଦଳାଇ ଯୋଗଦେଇ ବୋଲଗଡ଼ ଏକ ପାଇକ ମାଟି ବୋଲି ସମ୍ବୋଧନ କରିଥିଲେ ଓ ଅଞ୍ଚଳର ଆଇନ ତଥା ସାଇବର ଫ୍ରଡ଼ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁସ୍ଥ ବାତାବରଣ ମଧ୍ୟରେ ରଖିବା ନିମନ୍ତେ ଆଇନ ପ୍ରଶାସନକୁ ସହଯୋଗ କରିବାକୁ ଜନ ସାଧାରଣଙ୍କୁ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ସେହିପରି ସମ୍ମାନୀତ ଅତିଥି ଭାବେ ସମାଜସେବୀ ତଥା ସୁସଂଗଠକ ବ୍ରଜବନ୍ଧୁ ସୁବୁଦ୍ଧି, ବିଜେପି ନେତା ତଥା ଖୋର୍ଦ୍ଧା ଜିଲ୍ଲା ବିଜେପି ସମ୍ପାଦକ ବାସୁଦେବ ସାହୁ, ମଣ୍ଡଳ ବିଜେପି ନେତା ଦୀପନ ବିଶ୍ୱାଳ ଓ ଅମୃତ ମହୋତ୍ସବ ସାଧାରଣ ସମ୍ପାଦକ ମନୋଜ କୁମାର ପଣ୍ଡା ଯୋଗଦେଇ ବୋଲଗଡ଼ ମାଟିର ଅହେତୁକ ଉନ୍ନତି ସହ ମହୋତ୍ସବର ଉତ୍ତୋରତର କାମନା କରିଥିଲେ।ସ୍ଥାନୀୟ ବଂଶୀଧର ସଂଗୀତ ମହାବିଦ୍ୟାଳୟ ଅଧକ୍ଷ ଅବିନାଶ ସୁବୁଦ୍ଧିଙ୍କ ପକ୍ଷରୁ ବିଭିର୍ଣ୍ଣ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା।ଏଥିରେ ପତ୍ରକାର ଓ ଅନ୍ୟାନ୍ୟ କଳା ଆଦି କ୍ଷେତ୍ରରେ କୃତି ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କର୍ମଯୋଗୀ ଧନେଶ୍ୱର ରଥଙ୍କ ୧୦୮ତମ ଜୟନ୍ତୀ ସମାରୋହ

**ମାହାଙ୍ଗା,୨୦।୩/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଉଦା ପଞ୍ଚାୟତ ସ୍ଥିତ ମଧୁସୂଦନ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶିଷ୍ଟ ସମାଜସେବୀ, କର୍ମଯୋଗୀ ସ୍ୱର୍ଗତ ଧନେଶ୍ୱର ରଥଙ୍କ ୧୦୮ ତମ ଜୟନ୍ତୀ ସମାରୋହ ଧନେଶ୍ୱର ରଥ ଜୟନ୍ତୀ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ଭାବେ ଡ୍ରିମସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଡଃ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥିଭାବେ ମାହାଙ୍ଗା ମଣ୍ଡଳ ଶିକ୍ଷାଧିକାରୀ ମୋନାଲିସା ସରକାର, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ମାଧବ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ଜୀବନା ଦର୍ଶୀ ଉପରେ ଆଲୋଚନା କରିଥିଲେ। ଡ୍ରିମସ ବିଶ୍ୱବିଦ୍ୟାଳୟ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦୀପ୍ତ ଚନ୍ଦ୍ର ରଥ ,ଡଃ ସଚ୍ଚିଦାନନ୍ଦ ମିଶ୍ର, ବିମଳ କୁମାର ପାଣ୍ଡେ,ତ୍ରୈଲୋକ୍ୟ ରଞ୍ଜନ ମିଶ୍ର, ଇଂ ଦୁର୍ଗା ପ୍ରସାଦ ରଥ,ଶାନ୍ତନୁ କୁମାର ମିଶ୍ର, ବିଚିତ୍ରାନନ୍ଦ ମିଶ୍ର,ରସାନନ୍ଦ ବାରିକ, ଶାନ୍ତନୁ କୁମାର ଶତପଥି,ଗୋପାଳ କୃଷ୍ଣ ମହାନ୍ତି, ରଞ୍ଜନ କୁମାର ପ୍ରହରାଜଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଭ୍ୟସଭ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ। ବିଦ୍ୟାଳୟର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନୟାହାଟ,୨୦।୩/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୁମାଳ ପଞ୍ଚାୟତର ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ଆମେରିକା, ବ୍ରିଟେନ, ଚାଇନା, ଜାପାନ ଦେଶରେ ଯେଉଁ ଉନ୍ନତ ଶିକ୍ଷା ଭାରତ ବର୍ଷରେ ତା' ତୁଳନାରେ ବହୁ କମ୍, ତାଙ୍କ ସହ ସମାନହେବାକୁ ହେଲେ ବାପ, ମା' ଓ ଗୁରୁଜନ, ଶିକ୍ଷକ ସମସ୍ତେ ଦାୟିତ୍ୱବାନ୍ ହେଲେ ଶିକ୍ଷାର ଅଗ୍ରଗତି ହୋଇପାରିବ ବୋଲି କହିଥିଲେ। ତାଙ୍କ ନିକଟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପାଇଁ ଘର ଓ ପିଲାଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ ନଥିବା ଦୃଷ୍ଟି ଆକର୍ଷଣ କରିବା ପରେ ସେ ଏହା ପୁରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥ। ମୁଖ୍ୟବକ୍ତା ମଙ୍ଗଳା ଟ୍ରଷ୍ଟ ବୋଡ଼ର କୈଳାସ ଚନ୍ଦ୍ର ଦାସ, ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର, ସମ୍ମାନିତ ଅତିଥି ଭାବେ ୧୪ନମ୍ବର ଜୋନ ର ଜିଲ୍ଲାପରିଷଦ ସଭ୍ୟା ସାଗରିକା ନାୟକ, ଧୁମାଳ ସରପଞ୍ଚ ମୋନାଲିସା ସିଂହ, ସମିତି ସଭ୍ୟା ଭାନୁମତୀ ମାଣିକ, ଗୋପ ବ୍ଲକ୍‌ର ସହମଣ୍ଡଳ ଶିକ୍ଷାଧିକାରୀ ସମ୍ରାଟ ଭଞ୍ଜ ଭୋଇ, ସାମାଜିକ କର୍ମୀ ଅଭିମନ୍ୟୁ ସିଂହ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଶିବଦତ୍ତ ନାୟକ, ଅଜୟ କୁମାର ରଥ, ପବିତ୍ର ମୋହନ ନାୟକ, ବିଦ୍ୟାଳୟର ସଭାପତି କାହ୍ନୁ ଚରଣ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ପତିତପାବନ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ର। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ।

## ବିଦ୍ୟାଳୟରେ ବିଶ୍ୱ ଘରଚଟିଆ ଦିବସ

**ଓଡ଼ଗାଁ,୨୦।୩/ଏନ୍‌ଏନ୍‌ଏସ୍:** ଓଡଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପକ୍ଷୀବସା ସେହି ନିରୀହପକ୍ଷୀ ହେଉଛି ଘରଚଟିଆ। ସେମାନଙ୍କ ବଂଶରକ୍ଷା ସହିତ ପିଲାଙ୍କ ମନରେ ପକ୍ଷୀମାନଙ୍କ ପାଇଁ ନିଜେବଞ୍ଚି ଅନ୍ୟକୁ ବଞ୍ଚାଇବାକୁ ମନୋଭାବ ସୃଷ୍ଟି



ସାଙ୍ଗକୁ ପକ୍ଷୀମାନଙ୍କ ପାଇଁ ଖାଦ୍ୟ ଓ ମାଠିଆରେ ପାନୀୟଜଳ ଦେଇ ଗଛମାନଙ୍କରେ ଝୁଲାଯାଇଥିଲା। ସବୁଠାରୁ ଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷ ଜାତି ନିଜର ଭୋଗବିଳାସ ଜୀବନ ପାଇଁ ନୂଆନୂଆ ଯନ୍ତ୍ର ଉଦ୍ଭାବନ କରି ବାୟୁମଣ୍ଡଳକୁ ଦୂଷିତ କରିବା ସହିତ ଅନ୍ୟର ଘର ଓ ବଂଶନିପାତ କରୁଛି। କରାଇଥିଲେ ବିଦ୍ୟାଳୟର ଶିକ୍ଷକ ପ୍ରକୃତିବନ୍ଧୁ ସନ୍ତୋଷ କୁମାର ସାହୁ। ତା' ସହିତ ନଡ଼ିଆ କତାରେ ପିଲାଙ୍କ ସହଯୋଗରେ ପକ୍ଷୀବସା କରାଇ ସେମାନଙ୍କୁ ଖାଦ୍ୟ ଓ ମାଠିଆରେ ପାଣି ଦେଇଗଛରେ ଝୁଲାଇଥିଲେ। ସମସ୍ତ କାର୍ଯ୍ୟକୁ ବିଦ୍ୟାଳୟର କ୍ରୀଡାଶିକ୍ଷକ ଆଲୋକ ନାୟକ ପରିଚାଳନା କରିଥିବା ଜଣା ପଡ଼ିଛି।

## ବେଆଇନ୍ ବାଲି ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ

**ବାରଙ୍ଗ,୨୦।୩/ଏନ୍‌ଏନ୍‌ଏସ୍:** ସାରା ରାଜ୍ୟରେ ବେଆଇନ୍ ବାଲି ଚାଲିଣ ଉପରେ କଟକଣା ସହ ଧରପଗଡ ହେଉଛି। କିନ୍ତୁ ଭୁବନେଶ୍ୱର ତହସିଲ ଅନ୍ତର୍ଗତ କଲ୍ୟାଣପୁର ରାଜସ୍ୱ ନିରୀକ୍ଷକ ଅଧିନସ୍ଥ କଲ୍ୟାଣପୁର ପଞ୍ଚାୟତ କୁଆଖାଇ ବାଲି ଘାଟରେ ବେଆଇନ୍ ଭାବରେ ଅଧିକ ବାଲି ଉତ୍ତୋଳନ ହେଉଥ ?ିବା ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୁଆଖାଇ ନଦୀ କଲ୍ୟାଣପୁର ବାଲି ଘାଟ ନିଲାମ ଦିଆଯାଇଛି। ନିୟମାନୁଯାୟୀ, ନିଲାମଧାରୀ ବାର୍ଷିକ ୧୫ହଜାର ସିଏମ୍ ବାଲି ଉତ୍ତୋଳନ ପାଇଁ ଅନୁମତି ପାଇଛନ୍ତି।କିନ୍ତୁ ସମସ୍ତ ନିୟମକୁ ଉଲଂଘନ କରି ବାଲି ଘାଟର ସୀମା ଓ ନିର୍ଦ୍ଧାରିତ ଗଭୀରତା ଠାରୁ ଅଧିକ ବାଲି ଖନନ ହେଉଛି।ଏହା ସହ ବିନା କେ ଫର୍ମରେ ବାଲି ଚାଲାଣ ହେଉଛି।ଫଳରେ ଦୈନିକ ଶତାଧିକ ଟ୍ରାକ୍ଟର ଓ ହାଇୱା ଗାଡି ଯୋଗେ ବାଲି ଚାଲାଣ ହେଉଛି। ଅଧିକ ଭାରୀଯାନ ଚଳାଚଳ ଫଳରେ ହଂସପାଳ ଛକରୁ କାନପୁର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାରେ ବାଲି ବିଛେଇ ହୋଇ ପଡିବା ସହ ଦୁର୍ଘଟଣା ଘଟୁଛି। ଏଥିସହ ପରିବେଶ ପ୍ରଦୂଷଣ ହେବା ସହ ରାସ୍ତା ଖରାପ ହେଉଛି। ଗ୍ରାମବାସୀ, ପଥଚାରୀ ତଥା ଛାତ୍ରଛାତ୍ରୀମାନେ ଯିବା ଆସିବାରେ ସମସ୍ୟା ସୃଷ୍ଟି ହେଉଛି। ଏହି ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ ବିଭାଗୀୟ ମନ୍ତ୍ରୀ, ଖଣି ନିଗମ, ଶାସନ ସଚିବଙ୍କୁ ଡାକଯୋଗେ ଅଭିଯୋଗ କରିଛନ୍ତି। ତୁରନ୍ତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଗ୍ରାମବାସୀମାନେ ରାଜରାସ୍ତାକୁ ଓହ୍ଲାଇ ଶାନ୍ତିପୂର୍ଣ୍ଣ ଭାବେ ଧାରଣାଦେବାକୁ ବାଧ୍ୟ ହେବେ ବୋଲି କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ ସୂଚନା ଦେଇଛନ୍ତି।

## 'ରସମଞ୍ଜରୀ' ଉତ୍ସବରେ କୁନି ପ୍ରତିଭାଙ୍କ ଝଲକ

**ବାରଙ୍ଗ,୨୦।୩/ଏନ୍‌ଏନ୍‌ଏସ୍:** ନରାଜ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ଶ୍ରୀ ଶ୍ରୀ ଏକାଡେମୀର ବାର୍ଷିକୋତ୍ସବ 'ରସମଞ୍ଜରୀ' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହା ଶ୍ରୀ ଶ୍ରୀ ଏକାଡେମୀର ତୃତୀୟ ବାର୍ଷିକ ଉତ୍ସବ ହୋଇଥିବା ବେଳେ ଚଳିତ ବର୍ଷ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଅଞ୍ଜନ କୁମାର ମାଣିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ତେଜପ୍ରତାପ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ଏକାଡେମୀ ଅଧ୍ୟକ୍ଷା ଡ. ସବିତା ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପ୍ରଶାସନିକ ମୁଖ୍ୟ ଗାୟତ୍ରୀ ଧୁମେ କାପୁରିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମାଣିକ କହିଥିଲେ, ଆମ ପ୍ରାଚୀନ ପୁରାତନ ସଭ୍ୟତା ଶିକ୍ଷାର ଭିତ୍ତିଭୂମି ଭାବରେ ବେଶ୍ ଜଣାଶୁଣା। ଏହି ପଥ ଅନୁସରଣ କରି ବିଦ୍ୟାର୍ଥୀମାନେ ନିଜ ଭବିଷ୍ୟତ ଗଢ଼ିବା ଉଚିତ୍। ସେପଟେ ପ୍ରଫେସର ଡ. ତେଜପ୍ରତାପ କହିଥିଲେ, କେବଳ ଅଧିକ ନମ୍ବର ଆଣିବାଠାରୁ ପ୍ରତ୍ୟେକ ବିଦ୍ୟାର୍ଥୀ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରି ତା'କୁ ବାହାରକୁ ଆଣିବା ଆବଶ୍ୟକ। ସେଥିପାଇଁ ଭବିଷ୍ୟତର ଶିକ୍ଷାକୁ ସେହିପରି ଭାବରେ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ସେ ଉପସ୍ଥିତ ଅଭିଭାବକମାନଙ୍କୁ 'ହେଲିକପ୍ଟର ପ୍ୟାରେଣ୍ଟ' ନ ହେବାକୁ ପରାମର୍ଶ ଦେଇଥିଲେ। ପିଲାମାନେ ଇଚ୍ଛା କରିବା ସଙ୍ଗେ ସଙ୍ଗେ ସବୁକିଛି ଯୋଗାଇଦେବା ସେମାନଙ୍କ ଭବିଷ୍ୟତକୁ ନଷ୍ଟ କରିବ ବୋଲି ଚେତାଇ ଦେଇଥିଲେ। ସଭାପରେ କୁନି କୁନି ପିଲାମାନଙ୍କର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗଣେଶ ବନ୍ଦନାଠାରୁ ଆରମ୍ଭ ହୋଇ ଏହି କାର୍ଯ୍ୟକ୍ରମ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। କାର୍ଯ୍ୟକ୍ରମର ବିଭିନ୍ନ ସୋପାନରେ କୁନି କୁନି ପିଲାମାନଙ୍କ ଆଙ୍କର୍ଟିଂ ଖୁବ୍ ଚିତ୍ତାକର୍ଷକ ହୋଇଥିଲା। ବିଶେଷକରି ଇନ୍ଦ୍ରଧନୁ ରଂଗର ଥିମକୁ ନେଇ ପିଲାମାନେ ଖୁବ୍ ସୁନ୍ଦର ନୃତ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ତିନିହଜାର ଅଭିଭାବକ ଓ ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।



## ଲକ୍ଷାଧିକ ଟଙ୍କାର ମଦ ଓ ଭାଙ୍ଗ ଜବତ, ୨ ଗିରଫ

**ବାଲୁଗାଁ,୨୦।୩/ଏନ୍‌ଏନ୍‌ଏସ୍:** ବାଲୁଗାଁ ଅବକାରୀ ଟିମ ଶୁକ୍ରବାର ଚଢ଼ାଉକରି ଲକ୍ଷାଧିକ ଟଙ୍କାର ମଦ ଏବଂ ଭାଙ୍ଗ ଜବତ କରିଥିବା ବେଳେ ସମ୍ପୃକ୍ତ ୨ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ବାଣପୁର ଥାନା ହାତୀମୁଣ୍ଡା ଗ୍ରାମର ଗୋବିନ୍ଦ ରାଉତ ଏବଂ ନାଚୁଣୀ ଗ୍ରାମର ଯୋଗୀ ପୃଷ୍ଟି। ବାଲେଡି ଛକ କେନାଲ ରୋଡ଼ରୁ ଗୋବିନ୍ଦଠାରୁ ଏକ ବାଇକ ସମେତ ୫୨ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ନାଚୁଣୀ ଗ୍ରାମର ଯୋଗୀ ପୃଷ୍ଟିଙ୍କ ଘରବାରି ପାର୍ଶ୍ୱରୁ ୧୦କେଜି ଭାଙ୍ଗ ଓ ଏକ ଗ୍ରାଇଣ୍ଡର ଜବତ ହୋଇଛି। ଜବତ ମଦ ଓ ଭାଙ୍ଗର ମୂଲ୍ୟ ୧ ଲକ୍ଷ ୯ ହଜାର ଟଙ୍କା ହେବ ବୋଲି ବିଭାଗୀୟ ପକ୍ଷରୁ ଆକଳନ କରାଯାଇଛି। ଦୁଇଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଚଢ଼ଉରେ ଏଏସ୍‌ଆଇ ରାମଚନ୍ଦ୍ର ଜେନା, କନେଷ୍ଟବଳ ଅଶେଷ ପ୍ରଧାନ, ରଞ୍ଜିତ ପଟେଲ, ସୁନିତା ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

## ନିମ୍ନମାନର କାର୍ଯ୍ୟକରି ବିଲ୍ ହାତେଇବା ଉଦ୍ୟମକୁ ଠିକାଦାର ମହାସଂଘର ବିରୋଧ

**କଣ୍ଟାପଡ଼ା,୨୦।୩/ଏନ୍‌ଏନ୍‌ଏସ୍:** ଓଡିଶା ସରକାରଙ୍କ ଜଳସଂପଦ ବିଭାଗ ଅନ୍ତର୍ଗତ ପ୍ରାଚୀ ଡିଭିଜନ କଣ୍ଟାପଡ଼ାସେକ୍ସନ ଅଧିନସ୍ଥ ନିଆଳୀ ଡିଷ୍ଟ୍ରିବ୍ୟୁଟାରୀର ୩ କିଲୋମିଟରରୁ ୫ କିଲୋମିଟର ୮୦ମିଟର ଜଳସଂପଦ ବିଭାଗର କେନାଲରୋଡ଼କୁ ମେଟାଲ୍ ମୋରମ୍ କରାଯିବା ନିମନ୍ତ ଜଳସଂପଦ ବିଭାଗ ପକ୍ଷରୁ କିଛିଦିନ ତଳେ ଟେଣ୍ଡର ଆହ୍ୱାନ କରାଯାଇଥିଲା। କିନ୍ତୁ ଉକ୍ତ ଟେଣ୍ଡରକୁ ସରକାରୀ ଅନୁମୋଦିତ ଅର୍ଥରାଶି ଧାର୍ଯ୍ୟଠାରୁ କମ୍ ମୂଲ୍ୟରେ ଟେଣ୍ଡର ଆହ୍ୱାନ କରି ଜନୈକ ଠିକାଦାର ଉକ୍ତ କାର୍ଯ୍ୟକୁ ଲଟେରୀ ମାଧ୍ୟମରେ ହାତେଇଛନ୍ତି। କିନ୍ତୁ ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ ଢ଼ଙ୍ଗରେ କାର୍ଯ୍ୟ ସାରି ବିଲ୍ କରାଇ ନେବା ଉଦ୍ଦେଶ୍ୟରେ ଅତ୍ୟନ୍ତ ନିମ୍ନମାନର ମେଟାଲ ଓ ମୋରମ୍‌କୁ କାର୍ଯ୍ୟସ୍ଥଳ ନିକଟରେ ମହଜୁଦ ରଖି ତରବରିଆ ଭାବରେ କାର୍ଯ୍ୟ ସାରିବାକୁ ଉଦ୍ୟମ କରୁଥିଲାବେଳେ ହଠାତ ନିଆଳୀ ନିର୍ବାଚନ ମଣ୍ଡଳୀସ୍ତରୀୟ ଠିକାଦାର ମହାସଂଘର କର୍ମକର୍ତ୍ତାମାନେ କାର୍ଯ୍ୟର ଗାଇଡ୍ ଲାଇନ୍ ଅନୁଯାୟୀ ମହଜୁଦ



ଥିବା ସାମଗ୍ରୀ ଉପଯୁକ୍ତ ମାନର ନୁହେଁ ବୋଲି ଦୃଢ଼ ପ୍ରତିବାଦ କରିଥିଲେ। ଏଥି ସହିତ ବିଭାଗୀୟ ଅତିରିକ୍ତ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଟେଲିଫୋନ ଓ ଭିଡିଓ ବାର୍ତ୍ତା ଜରିଆରେ ପ୍ରତିବାଦ ଜଣାଇଛନ୍ତି। ଯଦି ଏହିଭଳି ନିମ୍ନମାନର ସାମଗ୍ରୀକୁ ନେଇ ଉକ୍ତ ରାସ୍ତାକାର୍ଯ୍ୟ ନିର୍ମାଣ କରାଯାଏ ତେବେ ଉକ୍ତ କାର୍ଯ୍ୟକୁ ନିଆଳୀ ଠିକାଦାର ମହାସଂଘ ପକ୍ଷରୁ ଦୃଢ଼ ବିରୋଧ କରାଯିବ ଓ ଏଭଳି କାର୍ଯ୍ୟର ମାନ ପରୀକ୍ଷା ନିମିତ୍ତ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଭାଗୀୟ ସଚିବଙ୍କୁ ଦରଖାସ୍ତ ଆହ୍ୱାନ କରାଯିବାକୁ ନେଇ ଚେତାବନୀ ଦେଇଛନ୍ତି। ସୂଚନାଥାଉ କି ବିଗତ କିଛି ମାସ ହେବ ନିଆଳୀ ନିର୍ବାଚନ ମଣ୍ଡଳୀସ୍ତରୀୟ ସମସ୍ତ ଠିକାଦାର ବନ୍ଧୁମାନଙ୍କୁ ନେଇ ଠିକାଦାର ମହାସଂଘ ଗଠନ କରାଯାଇଛି। ସମସ୍ତ ଠିକାଦାର ସରକାରଙ୍କ ଅନୁମୋଦିତ ଧାର୍ଯ୍ୟ ଅର୍ଥରାଶି ମୁତାବକ ଟେଣ୍ଡର ପେପର୍ ଆହ୍ୱାନ କରିବା ନିମିତ୍ତ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କିନ୍ତୁ କିଛି ଅମାନିଆ ଠିକାଦାର ଓ ବାହାରର ଠିକାଦାର ସଂଘ ନିଷ୍ପତ୍ତିରୁ ଓହରି ସରକାରୀ ଧାର୍ଯ୍ୟ ଅନୁମୋଦନ ଅର୍ଥରାଶି ଠାରୁ କମ୍ ମୂଲ୍ୟରେ ଟେଣ୍ଡର ଆହ୍ୱାନ କରି ନିମ୍ନମାନର କାର୍ଯ୍ୟକରି ପ୍ରଚୁର ଲାଭ ଉଠାଇବା ନିମିତ୍ତ ପ୍ରୟାସ ଆରମ୍ଭ କରିଛନ୍ତି ତାକୁ ସଂଘ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି।

ନିତି ଭାରତୀ

ଜଣେ ନିଜେ ଠିକ୍ ଥିଲେ ତାଙ୍କୁ ନିନ୍ଦା କି ପ୍ରଶଂସା, କିଛିହେଲେ ବିଚଳିତ କରି ପାରିବ ନାହିଁ, କାରଣ ସେ କ'ଣ, ତାହା ସେ ଜାଣିଥିବେ। - ମଦର ଟେରେସା

ନିତିଦିନ NITIDIN
ଶନିବାର, ୨୧ ମାର୍ଚ୍ଚ ୨୦୨୬

# ଗୁରୁତ୍ୱପୂର୍ଣ୍ଣ ଜଳପଥ: ହର୍ମୁଜ୍ ପ୍ରଣାଳୀ



ନିକୁଞ୍ଜ ବିହାରୀ ସାହୁ

ସଂପ୍ରତି ୨୦୨୬ ମଧ୍ୟପ୍ରାଚ୍ୟ ବିବାଦର ଘନଘଟା ମଧ୍ୟରେ, ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଇରାନ୍ ଦ୍ୱାରା ଧମକ ଏବଂ ଆକ୍ରମଣ ଜାରି ରହିଛି। ଫଳରେ ଏହି ମାର୍ଗ ଦେଇ ଯାତାୟାତରେ ପ୍ରାୟ ୯୭ ପ୍ରତିଶତ ହ୍ରାସ ଘଟି ବିଶ୍ୱ ତୈଳ ଯୋଗାଣରେ ଗୁରୁତର ବାଧା ସୃଷ୍ଟି ହେବା ସାଙ୍ଗକୁ ବିଶ୍ୱ ବଜାରରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀର ମୂଲ୍ୟ ଆଶାତୀତ ଭାବରେ ବୃଦ୍ଧି ପାଇଛି। ଏହାର ପ୍ରଭାବ ଭାରତ ଉପରେ ପଡ଼ି ଆମ ଦେଶରେ ବିଶେଷକରି ରନ୍ଧନ ଗ୍ୟାସ୍‌ର ଘୋର ଅଭାବ ପରିଲକ୍ଷିତ ହୋଇଛି ଏବଂ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଆମେ ଏଠାରେ ଆଲୋଚନା କରିବା ଏହି ହର୍ମୁଜ ପ୍ରଣାଳୀ କ'ଣ ଏବଂ ଏହା ବାଣିଜ୍ୟିକ ଦୃଷ୍ଟିକୋଣରୁ ଏତେ ଗୁରୁତ୍ୱପୂର୍ଣ୍ଣ କାହିଁକି।

ହର୍ମୁଜ ପ୍ରଣାଳୀ (ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍): ପଶ୍ଚିମରେ ପାରସ୍ୟ ଉପସାଗର ଏବଂ ଦକ୍ଷିଣପୂର୍ବରେ ଓମାନ୍ ଉପସାଗର ତଥା ଆରବ ସାଗର ମଧ୍ୟରେ ଅବସ୍ଥିତ ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ। ଭାରତ ମହାସାଗରକୁ ପ୍ରଶାନ୍ତ ମହାସାଗର ସହିତ ସଂଯୋଗ କରୁଥିବା ମାଲାକ୍କା ପ୍ରଣାଳୀ ପରେ ହର୍ମୁଜ୍ ପ୍ରଣାଳୀ ବିଶ୍ୱ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଜଳପଥ। ଏହି ପ୍ରଣାଳୀ ଇରାନ୍ ଏବଂ ଓମାନ୍ ଦେଶ ମଧ୍ୟରେ ବିସ୍ତୃତ ଏକ ସଂକୀର୍ଣ୍ଣ ଜଳପଥ, ଯାହା ଦେଇ ବିଶ୍ୱର ଏକ-ପଞ୍ଚମାଂଶ ପେଟ୍ରୋଲିୟମ୍ ତୈଳ ଜାହାଜ ଦ୍ୱାରା ପରିବହନ ହୋଇଥାଏ। ପେଟ୍ରୋଲିୟମ୍ ତୈଳ ସମୃଦ୍ଧ ମଧ୍ୟପ୍ରାଚ୍ୟର ଉପସାଗରୀୟ ଦେଶଗୁଡ଼ିକରୁ ଭାରତକୁ ରନ୍ଧନ ଗ୍ୟାସ୍ (ଏଲ୍‌ପିଜି) ଏବଂ ତୈଳ ଆମଦାନୀ ପାଇଁ ଏହି ପଥ ଏକ ଜୀବନରେଖା ସଦୃଶ।

ନାମକରଣ: ଏହି ପ୍ରଣାଳୀର ନାମକରଣ ସମ୍ପର୍କରେ ଅନେକ ମତବାଦ ରହିଛି। ଗତ ଦଶମରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ଐତିହାସିକ 'ଓର୍ମୁଜ' ସାମ୍ରାଜ୍ୟ ଏଠାରେ ଗଢ଼ି ଉଠିଥିଲା। ଓର୍ମୁଜ ସମ୍ଭବତଃ ଏକ ପାର୍ସି ଶବ୍ଦ 'ହର୍ମୋଘ'ର ଅପଭ୍ରଂଶ, ଯାହାର ଅର୍ଥ 'ଖଜୁରୀର ଦେଶ'। ସୁତରାଂ, ଏକ ମତବାଦ ଅନୁଯାୟୀ ଏହି 'ହର୍ମୋଘ' ଶବ୍ଦରୁ ହିଁ ପ୍ରଣାଳୀର 'ହର୍ମୁଜ' ନାମକରଣ ହୋଇଥିବା ବିଶ୍ୱାସ କରାଯାଏ। ଷୋଡ଼ଶରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଏହି ପ୍ରଣାଳୀ ବିଦେଶୀ ପର୍ତ୍ତୁଗୀଜମାନଙ୍କ ନିୟନ୍ତ୍ରଣରେ ରହିଥିଲା।

ଅର୍ଥନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ: ବିଶ୍ୱ ତୈଳ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ୍ ରପ୍ତାନିର ପ୍ରାୟ ୨୦ ପ୍ରତିଶତରୁ ଅଧିକ ଭାଗ ଏହି ପ୍ରଣାଳୀ ଦେଇ ପରିବହନ ହୁଏ। ଏହି ପଥ ତୈଳ ସମୃଦ୍ଧ ବିଭିନ୍ନ ଉପସାଗରୀୟ ଦେଶ, ଯଥା ଇରାନ୍, ଇରାକ୍, କୁଓ୍ୱେତ୍, କ୍ୱାତାର ଏବଂ ସଂଯୁକ୍ତ ଆରବ ଏମିରେଟ୍ସରୁ ପେଟ୍ରୋଲିୟମଜାତ ସାମଗ୍ରୀର ରପ୍ତାନି ନିମନ୍ତେ ପ୍ରାଥମିକ ଜଳମାର୍ଗ ରୂପେ କାର୍ଯ୍ୟ କରେ। ଅବଶ୍ୟ ସଂଯୁକ୍ତ ଆରବ ଏମିରେଟ୍ସ ଏହାର ଅଧିକାଂଶ ତୈଳ ରପ୍ତାନିକୁ ଓମାନ୍ ଉପସାଗରରେ ଥିବା ନିଜର ଫୁଜୈରାହ ଅଞ୍ଚଳ ଦେଇ ସ୍ଥାନାନ୍ତର କରିବାର କ୍ଷମତା ରଖିଥାଏ। ଯଦିଓ ଏହି ରପ୍ତାନିର ପ୍ରାୟ ଚାରି-ପଞ୍ଚମାଂଶ ଭାଗ ଏସିଆ ମହାଦେଶର ଦେଶଗୁଡ଼ିକୁ, ବିଶେଷକରି ଚୀନ୍, ଭାରତ, ଜାପାନ ଏବଂ ଦକ୍ଷିଣ କୋରିଆକୁ ଯାଇଥାଏ, ପେଟ୍ରୋଲିୟମ୍ ଉତ୍ପାଦଗୁଡ଼ିକର ମୂଲ୍ୟର ସ୍ୱଳ୍ପ ନମନୀୟତା କାରଣରୁ ଏହି ଯୋଗାଣର ପରିମାଣ ବିଶ୍ୱବ୍ୟାପି ତୈଳ ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାକୁ ଗୁରୁତର ଭାବରେ ପ୍ରଭାବିତ କରିଥାଏ।

ଭୌଗୋଳିକ ସ୍ଥିତି: ଏହି ପ୍ରଣାଳୀଟି ୧୬୭ କି.ମି. ଲମ୍ବ ଏବଂ ୫୫ରୁ ୯୫ କି.ମି. ପ୍ରସ୍ଥବିଶିଷ୍ଟ ଏକ ସଂକୀର୍ଣ୍ଣ ଜଳପଥ, ଯାହା ଉତ୍ତରରେ ଥିବା ଇରାନ୍‌କୁ ଦକ୍ଷିଣସ୍ଥ ଆରବୀୟ ଉପଦ୍ୱୀପରେ ଥିବା ଓମାନ୍‌ର ମୁସାଣ୍ଡାମ ସହିତ ସଂଯୋଗ କରେ। ଏହାର ଉତ୍ତର ଉପକୂଳରେ ଆର୍ଥିକ ଏବଂ ସାମରିକ ଗୁରୁତ୍ୱ ବିଶିଷ୍ଟ ଏକ ଇରାନୀ ବନ୍ଦର 'ବନ୍ଦର ଆବାସ' ଅବସ୍ଥିତ। ଏହି ପ୍ରଣାଳୀ ନିକଟରେ ଅନେକ ଇରାନୀ ଦ୍ୱୀପପୁଞ୍ଜ, ଯଥା କେଶ୍ମ, ହରମୁଜ୍, ହେଙ୍ଗାମ ଏବଂ ଲାରାକ୍ ଅବସ୍ଥିତ। ସଂଯୁକ୍ତ ଆରବ ଏମିରେଟ୍ସ ସୀମା ମଧ୍ୟ ଏହି ପ୍ରଣାଳୀ ନିକଟରେ, ଅର୍ଥାତ୍ ମୁସାଣ୍ଡାମ ଉପଦ୍ୱୀପର ଉଭୟ ପାର୍ଶ୍ୱରେ ପ୍ରଣାଳୀର ସଂକୀର୍ଣ୍ଣ ବିନ୍ଦୁଠାରୁ ପ୍ରାୟ ୬୫ରୁ ୮୦ କି.ମି. ଦୂରତାରେ ବିସ୍ତୃତ। ଆମେରିକା ନୌସେନାର ପଞ୍ଚମ ନୌବାହିନୀ ୧୯୯୫ ମସିହାଠାରୁ ଅନତିଦୂରସ୍ଥ ବାହାରିନ୍‌ଠାରେ ଅବସ୍ଥାପିତ ଏବଂ ଏହା ମୁଖ୍ୟତଃ ପ୍ରଣାଳୀରେ ଜାହାଜଗୁଡ଼ିକର ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବାରେ ଭୂମିକା ଗ୍ରହଣ କରିଥାଏ।

ସୁଗମ ଜଳମାର୍ଗ: ଏହି ପ୍ରଣାଳୀ ଦେଇ ମାଲବାହୀ ତୈଳ ଜାହାଜଗୁଡ଼ିକର ସୁଗମ ପ୍ରବେଶ ଓ ପ୍ରସ୍ଥାନ ଯାତ୍ରା ନିମନ୍ତେ ୩ କି.ମି. ପ୍ରସ୍ଥବିଶିଷ୍ଟ ଦୁଇଟି ସ୍ୱତନ୍ତ୍ର ଜାହାଜ ମାର୍ଗର ବ୍ୟବସ୍ଥା ଅଛି ଏବଂ ନିରାପଦ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ୫ କି.ମି. ପ୍ରସ୍ଥର ଏକ ବଫର୍ ଜୋନ୍ ଏ ଦୁଇ ମାର୍ଗକୁ ପୃଥକ୍ କରିଥାଏ। ଏହି ଜାହାଜ ମାର୍ଗଗୁଡ଼ିକ ମୁଖ୍ୟତଃ ଓମାନୀ ଏବଂ ଇରାନୀ କ୍ଷେତ୍ରୀୟ ଜଳ ସୀମାରେ ଅବସ୍ଥିତ ଥିଲେ ସୁଦ୍ଧା ସେଗୁଡ଼ିକ ମିଳିତ ଜାତିସଂଘର ସମୁଦ୍ର ଆଇନ ସମ୍ବନ୍ଧୀୟ ସମ୍ମିଳନୀ (ୟୁଏନ୍‌ସିଏଲ୍‌ଓଏସ୍) ଭଳି ଆନ୍ତର୍ଜାତିକ ବୁଝାମଣାର ବ୍ୟବସ୍ଥା ଅନୁଯାୟୀ ନିୟନ୍ତ୍ରିତ। ଇରାନ୍ ସାଧାରଣତଃ ଜାହାଜ ମାର୍ଗର ଉତ୍ତରରେ ଥିବା ପ୍ରଣାଳୀକୁ ନିୟନ୍ତ୍ରଣ କରୁଥିଲା ବେଳେ ପ୍ରଣାଳୀର ଦକ୍ଷିଣସ୍ଥ ଭାଗ ପଡ଼ୋଶୀ ଦେଶ ଓମାନ୍ ଅଧୀନରେ ରହିଥାଏ। ଇରାନ୍‌ର ଯଦିଓ ଏହି ପ୍ରଣାଳୀରେ ଜାହାଜ ପରିବହନ ବ୍ୟବସ୍ଥାରେ ବାଧା ସୃଷ୍ଟି କରିବାର କ୍ଷମତା ରହିଛି, ତଥାପି ପ୍ରଣାଳୀର ଅଧିକାଂଶ ଭାଗ ତୈଳ ଟ୍ୟାଙ୍କରଗୁଡ଼ିକର ସୁଗମ ଯାତାୟାତ ପାଇଁ ଯଥେଷ୍ଟ ଗଭୀର (୨୦୦ରୁ ୩୩୦ ଫୁଟ) ହୋଇଥିବାରୁ ପ୍ରଣାଳୀର ସମ୍ପୂର୍ଣ୍ଣ ପ୍ରସ୍ଥକୁ ଦୀର୍ଘ ଦିନ ଅବରୋଧ କରିବାରେ ଇରାନ୍‌ର ସାମର୍ଥ୍ୟ ସୀମିତ। ତଥାପି ସଦ୍ୟ ୨୦୨୬ ଇରାନ୍-ଇସ୍ରାଏଲ ସଂଘର୍ଷ ମଧ୍ୟରେ ଇରାନ୍‌ର ଧମକଜନିତ କେବଳ ବିପଦର ଆଶଙ୍କା ହିଁ ଏହି ପ୍ରଣାଳୀ ଦେଇ ଅଧିକାଂଶ ବାଣିଜ୍ୟିକ ଯାତାୟାତକୁ ହ୍ରାସ କରିଛି।

ଟ୍ୟାଙ୍କର୍ ଯୁଦ୍ଧ: ଅତୀତରେ ଏହି ପ୍ରଣାଳୀରେ ମାଲିକାନା ନେଇ ଅନେକ ବିବାଦ ଓ ସଂଘର୍ଷ ଘଟିଛି। ଗତ ୧୯୮୪ ମସିହାରେ ଇରାନ୍-ଇରାକ୍ ସଂଘର୍ଷ ସମୟରେ ପରସ୍ପର ବିରୋଧୀ ପାରସ୍ୟ ଉପସାଗରୀୟ ଦେଶଗୁଡ଼ିକ ପରସ୍ପରର ତୈଳ ମାଲବାହୀ ଜାହାଜ ଉପରେ ଆକ୍ରମଣ କରିଥିଲେ। ଇରାନ୍ ମଧ୍ୟ କୁଓ୍ୱେତ୍ ଏବଂ ଅନ୍ୟାନ୍ୟ ଉପସାଗରୀୟ ଦେଶ ଅଭିମୁଖେ ଯାଉଥିବା ମାଲବାହୀ ଜାହାଜଗୁଡ଼ିକ ଉପରେ ଆକ୍ରମଣ କରିଥିଲା। ଏହି ତଥାକଥିତ 'ଟ୍ୟାଙ୍କର୍ ଯୁଦ୍ଧ'ର ୧୦୦ରୁ ଅଧିକ ମାଲବାହୀ ଜାହାଜ ଆକ୍ରମଣର ଶିକାର ହୋଇଥିଲେ। ଉପସାଗରୀୟ ଅଞ୍ଚଳରେ ତୈଳ ମାଲବାହୀ ଜାହାଜଗୁଡ଼ିକର ନିରାପଦ ପଥକୁ ସୁନିଶ୍ଚିତ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକାଏବଂ ଅନେକ ପଶ୍ଚିମ ୟୁରୋପୀୟ ରାଷ୍ଟ୍ର ମଧ୍ୟ ଦୃଶ୍ୟପଟକୁ ଆସି ସକ୍ରିୟ ଅଂଶଗ୍ରହଣ କରିଥିଲେ। ଚଳିତ ଶତାବ୍ଦୀରେ ମଧ୍ୟ ଇରାନ୍ ଏବଂ ଆମେରିକୀୟ ନୌସେନା ଏହି ପ୍ରଣାଳୀରେ ଅନେକ ଥର ମୁହାଁମୁହିଁ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

ସଂପ୍ରତିକ ପରିସ୍ଥିତି: ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି। ସଂପ୍ରତି ମାର୍ଚ୍ଚ ୨୦୨୬ରେ ଇରାନ-ଇସ୍ରାଏଲ ସଂଘର୍ଷ ଆରମ୍ଭ ହେବା ସଙ୍ଗେ ସଙ୍ଗେ ଇରାନ୍ ନିଜର ପ୍ରତିଶୋଧମୂଳକ ରଣନୀତିର ଏକ ପ୍ରମୁଖ ଅଂଶ ସ୍ୱରୂପ ଏହି ପ୍ରଣାଳୀ ଦେଇ ଜାହାଜ ଚଳପ୍ରଚଳକୁ ଅବରୋଧ କରିବା ପାଇଁ ଘୋଷଣା କରିଛି। ଏହାର ଫଳ ସ୍ୱରୂପ, ସଂଘର୍ଷ ଆରମ୍ଭ ହେବା ମାତ୍ରେ ହିଁ ଏହି ପ୍ରଣାଳୀ ଦେଇ ଜାହାଜ ଯାତାୟାତ ସଂଖ୍ୟା ଆଶାତୀତ ହ୍ରାସ ପାଇଛି। ପରବର୍ତ୍ତୀ ସମୟରେ ଇରାନୀ ସୈନ୍ୟମାନେ ବିଦେଶୀ ଜାହାଜ ଉପରେ ଆକ୍ରମଣ କରିବା ଏବଂ ଆମେରିକାର ଅଧିକାରୀଙ୍କ ବୟାନ ଅନୁଯାୟୀ, ଇରାନୀ ନୌସେନାର ବୁଡ଼ାଜାହାଜ ଦ୍ୱାରା ମାଇନ୍ ବିଛାଇବା ଯୋଗୁଁ ଏହି ପଥ ଦେଇ ଜାହାଜ ଚଳାଚଳ ଆହୁରି ପ୍ରଭାବିତ ହୋଇଛି। ଫଳରେ ସଂଘର୍ଷର ଅଳ୍ପ କିଛି ଦିନ ମଧ୍ୟରେ ହିଁ ପାରସ୍ୟ ଉପସାଗରରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇ ବିଶ୍ୱ ବଜାରରେ ପେଟ୍ରୋଲିୟମ୍ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍, ସାର, ଆଲୁମିନିୟମ୍ ପରି ଗୁରୁତ୍ୱପୂର୍ଣ୍ଣ ଧାତୁ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି। ଏହାର ପ୍ରଭାବରେ ପ୍ରଣାଳୀର ପୂର୍ବରେ ଥିବା ଭାରତ ସମେତ ଏସିଆର ଅନେକ ଦେଶରେ ବିଶେଷକରି ଇନ୍ଧନ ଓ ରୋଷେଇ ଗ୍ୟାସ୍‌ର ଘୋର ଅଭାବ ପରିଲକ୍ଷିତ ହୋଇଛି।




ବିଗତ ୨୦୨୫ ଜୁନ୍ ମାସରେ ଇରାନ୍-ଇସ୍ରାଏଲ୍ ୧୨ ଦିନିଆ ସଂଘର୍ଷ ସମୟରେ ଆମେରିକା ଇରାନ୍‌ର ପରମାଣୁ ପ୍ରତିଷ୍ଠାନଗୁଡ଼ିକ ଉପରେ ଆକ୍ରମଣ କରିଥିଲା। ଏହି ପରିପ୍ରେକ୍ଷୀରେ ଇରାନ୍‌ରେ ୨୦୨୦ ନିର୍ବାଚନ ପରଠାରୁ କଠୋରପନ୍ଥୀମାନଙ୍କ କରାୟତ୍ତରେ ଥିବା ସଂସଦ ଇରାନ୍‌ର ସଶସ୍ତ୍ର ବାହିନୀକୁ ଏହି ପ୍ରଣାଳୀ ଅବରୋଧ କରିବାକୁ ଦୃଢ଼ ସୁପାରିସ କରିଥିଲା। ମାତ୍ର ସେତେବେଳେ ଇରାନ୍ ତରଫରୁ ଏହି ପ୍ରଣାଳୀକୁ ବନ୍ଦ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇ ନଥିଲା, କାରଣ ଏଥିପାଇଁ ଇରାନ୍‌ର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ଅନୁମୋଦନ ଆବଶ୍ୟକ ଥିଲା ଏବଂ ମାତ୍ର ଦୁଇ ଦିନ ମଧ୍ୟରେ ସଂଘର୍ଷ ଶେଷ ହୋଇ ଯାଇଥିଲା। ତଥାପି ଇରାନୀ ସଂସଦର ଏହି ପଦକ୍ଷେପ ବିଶ୍ୱବ୍ୟାପି ତୈଳ ମୂଲ୍ୟ ବୃଦ୍ଧିର ଆଶଙ୍କା ସୃଷ୍ଟି କରିଥିଲା ଏବଂ କ୍ରମବର୍ଦ୍ଧିଷ୍ଣୁ ଉତ୍ତେଜନା ଦୃଷ୍ଟିରୁ କିଛି ତୈଳ ମାଲବାହୀ ଜାହାଜ ଏହି ପ୍ରଣାଳୀ ପଥ ଏଡ଼ାଇ ପଛକୁ ଫେରି ଆସିଥିଲେ।

ସାମଗ୍ରିକ ଭାବରେ, ଏହା ସ୍ପଷ୍ଟ ଯେ ହର୍ମୁଜ୍ ପ୍ରଣାଳୀ ନିଜର ଭୌଗୋଳିକ ଅବସ୍ଥିତି, ଅତ୍ୟାବଶ୍ୟକୀୟ ପରିବାହିତ ସାମଗ୍ରୀ ଏବଂ ଭୂ-ରାଜନୈତିକ ଚିତ୍ରପଟ ଦୃଷ୍ଟିକୋଣରୁ ଭାରତ ଏବଂ ସମଗ୍ର ବିଶ୍ୱରେ ଶକ୍ତି ସୁରକ୍ଷା ତଥା ଆନ୍ତର୍ଜାତିକ ବାଣିଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ। ସୁତରାଂ, ଆଗାମୀ ଦିନରେ ଯେ ଏହି ପ୍ରଣାଳୀ ବିଭିନ୍ନ ରାଷ୍ଟ୍ରଙ୍କ ପାଇଁ ନିଜର ରଣନୈତିକ ସ୍ୱାର୍ଥର ସୁରକ୍ଷା ଦୃଷ୍ଟିକୋଣରୁ ଧ୍ୟାନର କେନ୍ଦ୍ରବିନ୍ଦୁ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ।■

ଏଜୁକେସନ୍ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ: ୮୦୧୮୭୦୮୮୫୮

# କାଲି ରହୁ କାଲିରେ

ଗତ ସପ୍ତାହରେ ଲୋକସଭାରେ ବିରୋଧୀ ଦଳମାନଙ୍କ ଦ୍ୱାରା ବାଚସ୍ପତିଙ୍କ ବିରୋଧରେ ଆଗତ ଏକ ବିରଳ ଅନାସ୍ଥା ପ୍ରସ୍ତାବ କାଟ ଖାଇ ଯାଇଥିଲା। ବାଚସ୍ପତିଙ୍କର ପକ୍ଷପାତିତାପୂର୍ଣ୍ଣ ଆଚରଣରେ ବିରୋଧୀ ଦଳମାନେ ଅସନ୍ତୁଷ୍ଟ ହୋଇ ଏପରି ଏକ ପଦକ୍ଷେପ ନେଇଥିଲେ। ତେବେ ସଂଖ୍ୟା ଗରିଷ୍ଠତା ଅଭାବରୁ ଏହି ପ୍ରସ୍ତାବ କାଟ ଖାଇଯିବା ସ୍ୱାଭାବିକ ଥିଲା ଏବଂ ତାହା ହୋଇଥିଲା ମଧ୍ୟ। ପରନ୍ତୁ, ଏହି ଅନାସ୍ଥା ପ୍ରସ୍ତାବ ଏକ ଆସ୍ଥାବାଚକ ଭବିଷ୍ୟତକୁ ବହନ କରି ଆଣିଥିଲା, ଯାହା ଏବେ ଲୋକସଭାରେ ଦେଖିବାକୁ ମିଳୁଛି, କାରଣ ଏହା ଟ୍ରେଜେରୀ ବେଞ୍ଚ୍ ଓ ବିରୋଧୀମାନଙ୍କ ମଧ୍ୟରେ ସେପରି କୌଣସି ବିଶେଷ ତିକ୍ତତା ସୃଷ୍ଟି କରିପାରି ନାହିଁ। ବରଂ ତା' ପରିବର୍ତ୍ତେ ଦୁଇ ପକ୍ଷଙ୍କ ମଧ୍ୟରେ ଏକ ଉତ୍ତମ ବୁଝାମଣା ଦିଗରେ ଏହା ପଥ ପରିଷ୍କାର କରି ଦେଇଥିଲା, ଯାହା ଏହା ପୂର୍ବରୁ ସଦନରୁ ନିଲମ୍ବିତ ହୋଇଥିବା ଆଠ ଜଣ ସଦସ୍ୟଙ୍କର ନିଲମ୍ବନ ଆଦେଶ ପ୍ରତ୍ୟାହାର ହେବାରେ ସହାୟକ ହୋଇଥିଲା। ବିରୋଧୀ ଦଳମାନେ, ସେମାନଙ୍କ ନିଜ ତରଫରୁ ନିୟମ ଅନୁସାରେ ସଦନକୁ ଚଳାଇବାରେ ସାହାଯ୍ୟ କରିବାକୁ ପ୍ରତିବଦ୍ଧ ହୋଇଥିଲେ ଏବଂ ଏହାକୁ ଭଙ୍ଗ ନ କରିବାକୁ ଶପଥ ନେଇଥିଲେ। ଏଥି ଯୋଗୁଁ ପ୍ରଶ୍ନ କାଳ ଗୁରୁତ୍ୱର ସହିତ ସମ୍ପାଦିତ ହୋଇଥିଲା। ରାଜ୍ୟସଭାରେ ଉଭୟ ପକ୍ଷର ନେତାମାନେ ସଦସ୍ୟତାର କାର୍ଯ୍ୟକାଳ ଶେଷ ହେଉଥିବା ସଦସ୍ୟମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ଏବଂ ପକ୍କା ଶତ୍ରୁମାନେ ମଧ୍ୟ ସେମାନଙ୍କର ରାଜନୀତିକ ରୁଚିକୁ ନେଇ ପରସ୍ପର ସହିତ ବନ୍ଧୁତ୍ୱପୂର୍ଣ୍ଣ ହାସ ପରିହାସରେ ସମ୍ପୃକ୍ତ ହେବା ଦେଖିବାକୁ ମିଳିଥିଲା। ସଦନର କାର୍ଯ୍ୟ ଯେତେବେଳେ ଚାଲୁ ହୁଏ, ଏଭଳି ଦୃଶ୍ୟମାନ ପ୍ରତ୍ୟେକ ଭାରତୀୟ ଦେଖିବାକୁ ଅବଶ୍ୟ ପସନ୍ଦ କରିବେ। ଭାରତ ସଂସଦୀୟ ଶାସନ ବ୍ୟବସ୍ଥାକୁ ବାଛିଥିଲା ଏବଂ ରାଷ୍ଟ୍ରପତି ଓ ଏକଦଳୀୟ ଶାସନ ଢାଞ୍ଚା ଅପେକ୍ଷା ସଂଘୀୟ ନୀତିଗୁଡ଼ିକୁ ଗ୍ରହଣ କରି ନେଇଥିଲା, କାରଣ କେବଳ ଏଭଳି ଏକ ବ୍ୟବସ୍ଥା ହିଁ ସେଇ ଭାରତକୁ ପ୍ରତିନିଧିତ୍ୱ କରି ପାରିବ ଏବଂ ଦେଶର ବହୁବିଧତାକୁ ସାଙ୍ଗରେ ନେଇ ଚାଲି ପାରିବ, ଯେଉଁଠି ବହୁ-ସାଂସ୍କୃତିକ, ବହୁ-ଭାଷାଭାଷୀ, ବହୁ-ସମ୍ପ୍ରଦାୟ... ଇତ୍ୟାଦିର ଏକ ସମନ୍ୱୟ ଘଟିଛି; ବସ୍ତୁତଃ ପ୍ରତ୍ୟେକ ଜିନିଷର ଏକ ମୋଜାଇକ୍ ରହିଛି, ଯାହା ବିଶ୍ୱର ଅନ୍ୟ କୌଣସି ଭାଗରେ ମାନବମାନଙ୍କ ଭିତରେ କ୍ୱଚିତ୍ ଉପଲବ୍ଧ ଥିବା ଦେଖିବାକୁ ମିଳେ। ଏହା ତେଣୁ ସ୍ୱଭାବସିଦ୍ଧ ଭାବରେ ଆଶା କରାଯାଏ ଯେ ସମାଜ କିପରି ଚାଲିବ, ତାକୁ ନେଇ ଏଭଳି ଲୋକମାନଙ୍କ ଭିତରେ ତୀବ୍ର ମତ ପାର୍ଥକ୍ୟ ରହିବ ଏବଂ ସେମାନେ ଯେଉଁସବୁ ରାଜନୀତିକ ଦଳମାନ ଗଠନ କରିଛନ୍ତି, ସେଗୁଡ଼ିକ ପ୍ରତ୍ୟେକ ପ୍ରତ୍ୟେକର ସମାନ୍ତରାଳ ଭାବରେ ଗତି କରୁଥିବା ଆଦର୍ଶବାଦମାନ ରହିବ। ଏସବୁ ଭିତରେ ରହିଥିବା ତ୍ରୁଟିରେଖାଗୁଡ଼ିକୁ ଆବିଷ୍କାର କରିବା ଏବଂ ସେଗୁଡ଼ିକୁ ବିସ୍ତାରିତ କରିବା ତେଣୁ ଖୁବ୍ ସହଜ, ଯେଉଁଥିରେ ଘଳିଆମାନ ଅତି ସହଜରେ ତିଆରି କରାଯାଇ ସେଗୁଡ଼ିକୁ ଦ୍ୱନ୍ଦ୍ୱାତ୍ମକ ଏବଂ ଭୁଶୁଡ଼ିବାର ପଥରେ ନିଆଯାଇ ପାରିବ।

କିନ୍ତୁ ସଂସଦ ହେଉଛି ସେହି ମଞ୍ଚ ଯେଉଁଠି ଏସବୁର ପଟ ପରିବର୍ତ୍ତନ କରାଯାଇ ପାରିବ। ଏହା ହେଉଛି ଏମିତି ଏକ ସ୍ଥାନ ଯେଉଁଠି ଭୋଟରମାନଙ୍କ ପ୍ରତିନିଧିମାନେ ସେମାନଙ୍କ ନିଜକୁ ବ୍ୟକ୍ତ କରିବା ପାଇଁ ସମାନ ଅଧିକାର ବହନ କରିଥାନ୍ତି ଏବଂ ସେମାନଙ୍କର ସମସ୍ୟାଗୁଡ଼ିକର ସମାଧାନ ପାଇଁ ପଥମାନ ବାହାର କରିଥାନ୍ତି। ଏହା ହେଉଛି ସେହି ସ୍ଥାନ ଯେଉଁଠି ତ୍ରୁଟିରେଖାଗୁଡ଼ିକୁ ରୁଦ୍ଧ କରି ଦିଆଯାଇଥାଏ ଏବଂ ସାଧାରଣତା ଓ ଏକାଠି ରହିବାର କ୍ଷେତ୍ରଗୁଡ଼ିକୁ ବାହାର କରାଯାଇ, ସେଗୁଡ଼ିକର ପାଳନ ପୋଷଣ କରାଯାଇଥାଏ। ଆଜିକା ଦିନ ପର୍ଯ୍ୟନ୍ତ ଭାରତୀୟ ସଂସଦ ଭାରତୀୟ ସମାଜର କେନ୍ଦ୍ରବିନ୍ଦୁ ଭାବରେ କାର୍ଯ୍ୟ କରି ଆସିଛି। ଭାରତ ଯେତେବେଳେ ଏକ ସାଧାରଣତନ୍ତ୍ର ଭାବରେ ଏହାର ଶାସନ ଆରମ୍ଭ କଲା, ସେବେଠାରୁ ଉଭୟ ଶାସକ ଓ ବିରୋଧୀ ପକ୍ଷର ଲୋକମାନେ ଏହାର ଅଧିବେଶନଗୁଡ଼ିକୁ ଉଚ୍ଚ ପ୍ରାଥମିକତା ଦେଇ ଆସିଛନ୍ତି। ସଂସଦୀୟ ବିତର୍କଗୁଡ଼ିକରେ ସମସ୍ତେ ଉତ୍ସୁକତାର ସହିତ ଭାଗ ନେଇଥାନ୍ତି। ପ୍ରଧାନମନ୍ତ୍ରୀମାନେ ଏଭଳି ଅଧିବେଶନଗୁଡ଼ିକୁ ଏଡ଼ାଇ ଯାଇ ନଥାନ୍ତି, ବରଂ ତା' ପରିବର୍ତ୍ତେ ସେମାନେ ବିଜ୍ଞତାପୂର୍ଣ୍ଣ ଆଲୋଚନାଗୁଡ଼ିକୁ ମନଧ୍ୟାନ ଦେଇ ଶୁଣିଥାନ୍ତି, ଯେଉଁଗୁଡ଼ିକର ମୂଳ ରହିଥାଏ ଭାରତୀୟ ଗ୍ରାମ ଓ ସହରମାନଙ୍କର ବିଶାଳତାରେ। ସେଗୁଡ଼ିକ ଲୋକମାନଙ୍କର ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଉତ୍ତମ ଅବଧାରଣାମାନ ସୃଷ୍ଟି କରିବାରେ ସାହାଯ୍ୟ କରିଥାନ୍ତି।

ତେବେ ଦୀର୍ଘ ଦିନର ଯାତ୍ରାପଥରେ ଏହି ଉତ୍ସାହ ଉଦ୍ଦୀପନା କେମିତି ଟିକେ ହଜି ଯାଇଥିଲା ଏବଂ ଏହି ସଦନ ଏକ ଶତ୍ରୁତାପୂର୍ଣ୍ଣ ଦୋକାନରେ ପରିଣତ ହୋଇ ଯାଇଥିଲା, ଯେଉଁଠି କାହାରି କଥା ଶୁଣା ଯାଉ ନଥିଲା ଏବଂ ତା'ଠୁ ବହୁତ କମ୍ ବୁଝା ଯାଉଥିଲା। ଗୋଷ୍ଠୀଗୁଡ଼ିକ ପ୍ରତିଯୋଗିତାମୂଳକ ଭାବରେ ବ୍ୟାଘାତ ସୃଷ୍ଟି କରିବାର ପଥକୁ ଆଦରି ନେଉଥିଲେ ଯାହା ଅଧିବେଶନଗୁଡ଼ିକୁ ଧୋଇଯିବା ପଥରେ ଆଗେଇ ନେଉଥିଲା। ଏମିତିକି ସୀମାହୀନ ଭାବରେ ଶାସକ ଦଳର ଗୋଷ୍ଠୀମାନେ ମଧ୍ୟ ସଦନର ଅଧିବେଶନଗୁଡ଼ିକ କାଳରେ ହୋ ହାଲ୍ଲା ସୃଷ୍ଟି କରି ଏହାକୁ ଅଚଳ କରିଦେବାରେ କୁଣ୍ଠା ପ୍ରକାଶ କରୁ ନଥିଲେ। ଆଇନ ପ୍ରଣୟନର ଏକ ପ୍ରମୁଖ ଉପାଦାନ, ଏକ ସଂସଦର ଯାହା ହେଉଛି ପ୍ରଧାନ କର୍ତ୍ତବ୍ୟ, ସେହି ବିଲ୍‌ଗୁଡ଼ିକ ଉପରେ ମଧ୍ୟ ଆଲୋଚନା ହେବା ଏକ ବିରଳ ଘଟଣାରେ ପରିଣତ ହୋଇ ଯାଇଥିଲା। ଆଇନ ପ୍ରଣୟନକାରୀମାନଙ୍କଦ୍ୱାରା ପ୍ରସ୍ତୁତ ଆଇନଗୁଡ଼ିକ ମୁଣ୍ଡ ଖଟାଯିବାର ଲକ୍ଷଣଗୁଡ଼ିକୁ ବହନ କରୁଥିଲା। ଲୋକମାନେ ସାମ୍ନା କରୁଥିବା ଜ୍ୱଳନ୍ତ ପ୍ରସଙ୍ଗଗୁଡ଼ିକ ସାଧାରଣ କାରଣରୁ ଯେ ସଂସଦ କାର୍ଯ୍ୟ କରୁ ନଥିବା ଯୋଗୁଁ ଶାସକମାନଙ୍କ ଦୃଷ୍ଟି ଆକର୍ଷଣ କରୁ ନଥିଲା। ସମ୍ପ୍ରତି ସଂସଦରେ ଯେଉଁ ସଦ୍ୟତମ ସଂକେତଗୁଡ଼ିକ ଦେଖିବାକୁ ମିଳିଛି, ସେହି ପଥଗୁଡ଼ିକରେ ଯଦି ଏହା ଚାଲିବାର ସଂକେତ ହୋଇଥାଏ, ତା'ହେଲେ ଏହାର ଅର୍ଥ ହେବ ଯେ ସଂସଦ ଭାରତୀୟ ଜନ ଜୀବନରେ ନିଜକୁ ନିଜେ ଏଭଳି ଏକ ଉପାୟରେ ପୁନରାବିଷ୍କାର କରି ପାରିଛି, ଯାହା ଏହାର ମୂଳ ଉଦ୍ଦେଶ୍ୟ ଥିଲା। ଆଶା କରାଯାଉ, ବିଗତ ଦିନଗୁଡ଼ିକ ସମାଧି ନେଇ ବହୁଜନ ହିତାୟ ପାଇଁ ଏଇ ମନୋଭାବ ବଜାୟ ରହିବ।■

# ୧୫୦ ବର୍ଷରେ ଟେଲିଫୋନ୍, ୧୦୦ ବର୍ଷରେ ଟେଲିଭିଜନ୍

ଶବ୍ଦ ଛବି ଅକ୍ଷର



ଡ. ମୃଣାଳ ଚାଟାର୍ଜୀ

ଆଧୁନିକ ଯୋଗାଯୋଗ (କମ୍ୟୁନିକେସନ) ବ୍ୟବସ୍ଥାର ଦୁଇ ପ୍ରମୁଖ ସ୍ତମ୍ଭ ଟେଲିଫୋନ୍ ଏବଂ ଟେଲିଭିଜନ୍ ପାଇଁ ୨୦୨୬ ଏକ ସ୍ମରଣୀୟ ବର୍ଷ। ଏହି ବର୍ଷ ଟେଲିଫୋନ୍ ପହଞ୍ଚିଲା ୧୫୦ ବର୍ଷରେ, ଆଉ ଶହେ ବର୍ଷରେ ପହଞ୍ଚିଲା ଟେଲିଭିଜନ୍।

'ଟେଲିଫୋନ୍'ର ଇତିହାସ: ଊନବିଂଶ ଶତାବ୍ଦୀର ମଝାମଝିରୁ ଟେଲିଫୋନ୍ ଭଳି ଯନ୍ତ୍ରଟିଏ ତିଆରିର ଚେଷ୍ଟା କରୁଥିଲେ ବହୁ ବିଭିନ୍ନ ଦେଶର ବୈଜ୍ଞାନିକମାନେ। ୧୮୯୧ରେ ଜର୍ମାନୀର ଜୋହାନ ଫିଲିପ ରେସ ଗୋଟେ ଯନ୍ତ୍ର ତିଆରି କରି ତା ନାଁ ଦେଇଥିଲେ: ଟେଲିଫୋନ୍। ଗ୍ରୀକ୍ ଭାଷାରେ ଏହାର ଅର୍ଥ- 'ଦୂରବର୍ତ୍ତୀ ଶବ୍ଦ'। ତେବେ ଆଲେକ୍‌ଜାଣ୍ଡର ଗ୍ରାହାମ ବେଲ୍ ୭ ମାର୍ଚ୍ଚ, ୧୮୭୬ରେ ଟେଲିଫୋନ୍‌ର ପେଟେଣ୍ଟ ନେଇଥିଲେ। ୧୦ ମାର୍ଚ୍ଚ, ୧୮୭୬ରେ ବେଲ୍ ତାଙ୍କ ସହାୟକ ଥୋମାସ୍ ୱାଟସନ୍‌ଙ୍କୁ ପ୍ରଥମ ସଫଳ ଟେଲିଫୋନ୍ କଲ୍ କରିଥିଲେ ଏବଂ କହିଥିଲେ, 'ମିଷ୍ଟର ୱାଟସନ୍, ଏଠାକୁ ଆସନ୍ତୁ, ମୁଁ ଆପଣଙ୍କୁ ଦେଖିବାକୁ ଚାହୁଁଛି।' ଏହି ଐତିହାସିକ ଘଟଣା ଇଲେକ୍ଟ୍ରୋନିକ ଉପାୟରେ ମାନବ କଥାବାର୍ତ୍ତା ପ୍ରେଷଣ କରି ସଂଯୋଗ ବ୍ୟବସ୍ଥାରେ ଏକ ବିପ୍ଳବ ଆଣିଥିଲା।

ଟେଲିଗ୍ରାଫ୍ ପ୍ରଯୁକ୍ତିରୁ ବିକଶିତ ଏହି ଆବିଷ୍କାର ସମୟକ୍ରମେ ଆହୁରି ବିକଶିତ ହେଲା। ୧୮୭୮ରେ ପ୍ରଥମ ବାଣିଜ୍ୟିକ ଟେଲିଫୋନ୍ ଏକ୍ସଚେଞ୍ଜ୍ ସ୍ଥାପନ ହେଲା। ବିଂଶ ଶତାବ୍ଦୀର ଶେଷ ଭାଗରେ ଆସିଲା ମୋବାଇଲ୍ ଫୋନ୍, ଆଉ ଟେଲିଫୋନ୍‌ର ବ୍ୟବହାର ବ୍ୟାପକ ଭାବେ ବୃଦ୍ଧି ପାଇଲା। ଭାରତରେ ଟେଲିଫୋନ୍ ଆସିଲା ୧୮୮୨ରେ ଆଉ ମୋବାଇଲ୍ ଟେଲିଫୋନ୍ ଆରମ୍ଭ ହେଲା ୧୯୯୫ରେ।

୨୦୨୩ ବେଳକୁ ସାରା ପୃଥିବୀରେ ୧୦ ବର୍ଷ ବୟସରୁ ଅଧିକ ଲୋକଙ୍କ ଭିତରୁ ୭୮ ଶତାଂଶଙ୍କ ପାଖରେ ମୋବାଇଲ୍ ଫୋନ୍ ଅଛି।

'ଟେଲିଭିଜନ୍'ର ଇତିହାସ: ଯଦିଓ ଟେଲିଭିଜନ୍‌ର ଇତିହାସ (ଏହି ଶବ୍ଦଟି ୧୯୦୦ ମସିହାରେ କନଷ୍ଟାଣ୍ଟିନ ପର୍ସ୍କିଙ୍କ ଦ୍ୱାରା ରଚିତ) ଊନବିଂଶ ଶତାବ୍ଦୀର ଶେଷ ଭାଗରୁ ଆରମ୍ଭ ହୋଇଥିଲା, ତଥାପି ୧୯୨୬ ମସିହାରେ ସ୍କଟ୍‌ଲ୍ୟାଣ୍ଡ୍‌ର ଆବିଷ୍କାରକ ଜନ୍ ଲୋଗି ବେୟାର୍ଡ ପ୍ରଥମ କାର୍ଯ୍ୟକ୍ଷମ ଟେଲିଭିଜନ୍ ପ୍ରଣାଳୀର ପ୍ରଦର୍ଶନ କରିଥିଲେ, ଯାହା ଯାନ୍ତ୍ରିକ ସ୍କାନିଂ ମାଧ୍ୟମରେ ଚଳଚ୍ଚିତ୍ର ଭଳି ଚଳମାନ ଛବି ପ୍ରେଷଣ କରୁଥିଲା।

୧୯୩୦ ଓ ୧୯୪୦ ଦଶକରେ ଇଲେକ୍ଟ୍ରୋନିକ ଟେଲିଭିଜନ୍ ଯାନ୍ତ୍ରିକ ପ୍ରଣାଳୀକୁ ପରିବର୍ତ୍ତନ କଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଟେଲିଭିଜନ୍ ସେଟ୍‌ଗୁଡ଼ିକ ୟୁରୋପ, ଉତ୍ତର ଆମେରିକା ଓ ଅନ୍ୟାନ୍ୟ ଅଞ୍ଚଳରେ



ଘରେ ଘରେ ପହଞ୍ଚି ଗଲା। ୧୯୫୦ ଦଶକକୁ କଳା-ଧଳା ପ୍ରସାରଣର 'ସୁବର୍ଣ୍ଣ ଯୁଗ' ବୋଲି କୁହାଯାଏ, ଯେତେବେଳେ ସମ୍ବାଦ, ନାଟକ ଓ ମନୋରଞ୍ଜନକାରୀ କାର୍ଯ୍ୟକ୍ରମମାନ ସିଧାସଳଖ ଘରର ଡ୍ରଇଂ ରୁମ୍‌ରେ ପହଞ୍ଚିଲା। ୧୯୬୦ ଦଶକରେ ରଙ୍ଗୀନ ଟେଲିଭିଜନ୍ ଆସିଲା। ୧୯୭୦ ଦଶକରେ ସ୍ୟାଟେଲାଇଟ୍ ପ୍ରଯୁକ୍ତି ଦ୍ୱାରା ଆନ୍ତର୍ଜାତିକ ପ୍ରସାରଣ ସମ୍ଭବ ହେଲା। ୧୯୮୦ ଦଶକରେ ଆସିଲା କେବୁଲ ଟେଲିଭିଜନ୍ ଏବଂ ବେସରକାରୀ ଟିଭି ନେଟୱ୍ୱର୍କଗୁଡ଼ିକ।

ଭାରତରେ ଟେଲିଭିଜନ୍ ପ୍ରସାରଣର ଆରମ୍ଭ ୧୯୫୯ ମସିହାରେ। ଆରମ୍ଭରେ ଭାରତୀୟ ଟେଲିଭିଜନ୍‌ର ଉତ୍‌ଥାନ ବେଶ୍ ମନ୍ଥର ଥିଲା। ୧୯୭୫ର ସାଇଟ୍ ଏକ୍ସପେରିମେଣ୍ଟ ଭାରତୀୟ ଟେଲିଭିଜନ୍‌ର ଏକ ନିର୍ଣ୍ଣାୟକ ମୋଡ଼ ଥିଲା। ୧୯୮୦ ଦଶକର ଆରମ୍ଭରୁ ଟେଲିଭିଜନ୍‌ର ପ୍ରସାର ଏବଂ ପ୍ରଯୁକ୍ତିଗତ ମାନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଗଲା। ୧୯୯୧ ମସିହା ପରବର୍ତ୍ତୀ ସମୟ ଭାରତୀୟ ଟେଲିଭିଜନ୍‌ର ନବଜାଗରଣ କହିଲେ ଅତ୍ୟୁକ୍ତି ହେବନାହିଁ। ନବେ ଦଶକରୁ ନୂତନ ସହସ୍ରାବ୍ଦୀର ପ୍ରଥମ ଦଶକ ଯାଏଁ ଥିଲା ଭାରତୀୟ ଟେଲିଭିଜନ୍‌ର ସ୍ୱର୍ଣ୍ଣ ଯୁଗ। ତା' ପରବର୍ତ୍ତୀ ସମୟରେ କେବୁଲ୍, ଡିଟିଏଚ୍ ଏବଂ ସ୍ଥଳଭିତ୍ତିକ ପରିସେବା ବଦଳରେ ଆସିଲା ଡିଜିଟାଲ ଟେକ୍ନୋଲୋଜି।

'ଟେଲିଫୋନ୍' ଓ 'ଟେଲିଭିଜନ୍'ର ବର୍ତ୍ତମାନ ଓ ଭବିଷ୍ୟତ: ବିଂଶ ଶତାବ୍ଦୀର ଶେଷ ଭାଗରୁ ସ୍ମାର୍ଟଫୋନ୍‌ର ବ୍ୟବହାର, ଶସ୍ତା ଇଣ୍ଟରନେଟ୍ ଏବଂ ଆଞ୍ଚଳିକ ଓଟିଟି ପ୍ଲାଟଫର୍ମ୍‌ର ଉତ୍‌ଥାନ ଟେଲିଭିଜନ୍ ଦର୍ଶକମାନଙ୍କର ଆଚରଣକୁ ସଂପୂର୍ଣ୍ଣ ବଦଳେଇ ଦେଉଛି। ସାରା ପୃଥିବୀରେ ଏ ଅବସ୍ଥା। ପ୍ରଚଳିତ ଟିଭି ବର୍ତ୍ତମାନ ବି ଅନେକ ପରିବାର ପାଖରେ ପହଞ୍ଚେ, କିନ୍ତୁ ଦର୍ଶକମାନଙ୍କୁ ଆଉ ସେଭଳି ଆକର୍ଷିତ କରି ରଖିପାରୁ ନାହିଁ। ଟେଲିଭିଜନ୍‌ର ବିଜ୍ଞାପନ କମୁଛି, ଟେଲିଭିଜନ୍‌ର ସବସ୍କ୍ରିପସନ୍‌ର ହାର କମୁଛି ଏବଂ ଟେଲିଭିଜନ୍ ଶିଳ୍ପରେ କ୍ରମଶଃ ନିଯୁକ୍ତି କମି କମି ଯାଉଛି।

ଡିଜିଟାଲ ମାଧ୍ୟମ ଏବେ ଭାରତର ସବୁଠାରୁ ବଡ଼ ଗଣମାଧ୍ୟମ ବିଭବ ଭାବରେ ମୁଣ୍ଡ ଟେକିଲାଣି। ଆଉ ଏହାର ମୁଖ୍ୟ ବାହକ ହୋଇଛି ସ୍ମାର୍ଟଫୋନ୍।

୨୦୨୪ ମସିହାରେ ଡିଜିଟାଲ ବିଜ୍ଞାପନ ୧୫ ଶତାଂଶ ବଢ଼ିଛି। ଟେଲିଭିଜନ୍ ଏ ପ୍ରତିଯୋଗିତାରେ ପଛେଇ ପଡୁଛି। ଶିଳ୍ପକୁ ବଞ୍ଚେଇବାକୁ ଗଲେ ହାଇବ୍ରିଡ୍ ମଡେଲ ଆଡ୍ରେସାବିଲିଟି ଏବଂ ଆଞ୍ଚଳିକ ଓଟିଟି ସଂଯୋଗ ପ୍ରୟୋଜନ।

ସାରା ପୃଥିବୀରେ ଟେଲିଭିଜନ୍ ବର୍ତ୍ତମାନ ଏକ ଗଭୀର ପରିବର୍ତ୍ତନ ପଥରେ ଯାଉଛି। ଦର୍ଶକ, ରାଜସ୍ୱ ଏବଂ କର୍ମ ସଂସ୍ଥାନ- ଏ ତିନୋଟିଯାକ କ୍ଷେତ୍ରରେ ବଡ଼ ଧକ୍କା ଲାଗିଛି। ଦ୍ରୁତ ନୀତି ପରିବର୍ତ୍ତନ ଏବଂ ନୂଆ ପ୍ରଯୁକ୍ତି ବ୍ୟବହାର ଛଡ଼ା ୨୦୩୦ ମସିହା ଭିତରେ ପାରମ୍ପରିକ ଟିଭି ସଂପୂର୍ଣ୍ଣ ଅପ୍ରାସଙ୍ଗିକ ହେଇଯିବାର ଆଶଙ୍କା ରହିଛି। ତେବେ ଇତିହାସ କୁହେ ଯେ ପ୍ରତ୍ୟେକ ମାଧ୍ୟମ ପରିବର୍ତ୍ତିତ ପରିସ୍ଥିତି ସହିତ ତାଳ ମିଳେଇ ତା'ର ନିଜସ୍ୱ ଶକ୍ତିକୁ ବ୍ୟବହାର କରି ବଞ୍ଚି ରହିପାରେ। ପାରମ୍ପରିକ ଟେଲିଭିଜନ୍ ଶିଳ୍ପ କେତେ ଶୀଘ୍ର ଡିଜିଟାଲ ବାସ୍ତବତା ସହିତ ନିଜକୁ ଖାପ ଖୁଆଇ ଚାଲି ପାରୁଛି ଏବଂ ନିଜସ୍ୱ ଆକର୍ଷଣକୁ ଆହୁରି ସାନ୍ଦ୍ର କରି ପାରୁଛି- ତାହାରି ଉପରେ ଏହାର ଭବିଷ୍ୟତ ନିର୍ଭର କରୁଛି।

ଏକଥା ଟେଲିଭିଜନ୍ ଶିଳ୍ପ ସହିତ ଜଡ଼ିତ ସମସ୍ତେ ହୃଦୟଙ୍ଗମ କଲେଣି। ଟେଲିଭିଜନ୍‌କୁ ପୂର୍ଣ୍ଣତଃ ଡିଜିଟାଲ ମାଧ୍ୟମ-କ୍ଷମ କରିବାର ପ୍ରଯୁକ୍ତି ଆସିଗଲାଣି ଏବଂ ବ୍ୟବହାର ହେଲାଣି। ଆଗାମୀ ଦିନରେ ଟେଲିଫୋନ୍ ଆଉ ଟେଲିଭିଜନ୍‌ର ଏକ ସାନ୍ଦ୍ର ବନ୍ଧନ ସାମ୍ନାକୁ ଆସିବ- ଯାହା ଉଭୟ ପାଇଁ ଲାଭଦାୟକ ହେବ।■

ସଂଚାର ମାର୍ଗ, ଢେଙ୍କାନାଳ

# ସଂଘର୍ଷମୟ ଜୀବନ

ସଂଘର୍ଷ ବିହୀନ ଜୀବନର ସ୍ୱାଦ ଅପେକ୍ଷା ସଂଘର୍ଷମୟ ଜୀବନର ସ୍ୱାଦ ସମ୍ପୂର୍ଣ୍ଣ ଭିନ୍ନ। ସଂଘର୍ଷ କରି ଯିଏ ବଞ୍ଚିଥାଏ, ସେ ହିଁ ଜୀବନକୁ ପ୍ରକୃଷ୍ଟ ଭାବରେ ଉପଭୋଗ କରେ। ତେଣୁ କୁହାଯାଏ- ଜୀବନର ଅନ୍ୟ ନାମ ହେଉଛି ସଂଘର୍ଷ। ଖେଳ ପଡ଼ିଆରେ ବହୁତ ପିଲା ଖେଳନ୍ତି। ମାତ୍ର ଅଳ୍ପ କେତେ ଜଣଙ୍କୁ ଯୋଗ୍ୟ ବିବେଚନା କରାଯାଏ। ଯୋଉମାନେ ସଂଘର୍ଷ କରି ପ୍ରତିଯୋଗିତାରେ ସବୁଠୁ ଆଗକୁ ଯାଇ ଥାଆନ୍ତି ସେମାନେ ହିଁ ପୁରସ୍କାର ପାଆନ୍ତି। ସଂଘର୍ଷକାରୀ ହାତରେ ସଫଳତା ଧରା ଦିଏ। ସଫଳତା କେବଳ ଜଣକୁ ଅପେକ୍ଷା କରିଥାଏ। ସେ ହେଉଛି ସଂଘର୍ଷକାରୀ। ସଂଘର୍ଷର ଦୁଇଟି ପାଦ। ଗୋଟିଏ ହେଲା- ନିଷ୍ଠା ଓ ଅନ୍ୟଟି ସଚ୍ଚୋଟପଣ। ସତ୍‌ପଥରେ ରହି ସଂଘର୍ଷ ଜାରି ରଖିଲେ ଦିନେ ନା ଦିନେ ସଫଳତା ମିଳେ। କେଉଁ ଅନାଦି କାଳରୁ ଏହାର ଭୁରି ଭୁରି ଉଦାହରଣ ରହିଛି।

ଲଙ୍କାର ରାଜା ଥିଲେ ରାବଣ। ସମଗ୍ର ଧରାକୁ ନିଜ ଆୟତ୍ତରେ ରଖିବାକୁ ଚେଷ୍ଟା କରିଥିଲେ। ସମସ୍ତ କ୍ଷମତାକୁ ନିଜ ହାତ ମୁଠାରେ ରଖିଥିଲେ। ସବୁ ଦେବଦେବୀ ତାଙ୍କ ଆୟତ୍ତରେ ଥିଲେ। ଲଙ୍କା ନଗରୀକୁ ସୁନାରେ ଗଢ଼ାଇ ଥିଲେ ବୋଲି ପୁରାଣରେ ବର୍ଣ୍ଣିତ ଅଛି। ତେବେ ରାବଣ ପାଇଥିବା ସମସ୍ତ ସମ୍ପତ୍ତିକୁ ସଦୁପଯୋଗ କରିପାରି ନଥିଲେ। ସମ୍ପତ୍ତି ହେଉଛି ଲକ୍ଷ୍ମୀ ଭଳି। ତାଙ୍କୁ ଦୁରୁପଯୋଗ କଲେ ତା'ର ପରିଣତି ଅଭିଶାପ ହୋଇ ଫେରିଆସେ ନିଜ ଆଡ଼କୁ। ଧନକୁ ନେଇ ଅଭିମାନ, ଅହଙ୍କାର କଲେ ତାହା ଅଧଃପତନ ଆଡ଼କୁ ଟାଣିନିଏ। ଧନୀ ହୋଇ ଅଭିମାନୀ ହେଲେ ତାହା ବିନାଶର କାରଣ ହୁଏ। ଧନ ଉପାର୍ଜନ କରିବା ବହୁତ ଭଲ। କିନ୍ତୁ ସେ ଧନକୁ କେମିତି ଖର୍ଚ୍ଚ କରିବା, ବ୍ୟବହାର କରିବା, ତାକୁ ଲକ୍ଷ୍ୟ ରଖିବା ଅତ୍ୟନ୍ତ କଷ୍ଟଦାୟକ। ଧନକୁ ସୁରକ୍ଷା ଦେବାରେ କଷ୍ଟ ଥାଏ, କିନ୍ତୁ ତାକୁ ଦାନ କରିବାରେ ଆନନ୍ଦ ଥାଏ। ରାବଣ ପ୍ରାଚୁର୍ଯ୍ୟ ଭିତରେ ଥିଲା। ଧନକୁ ନେଇ ତା'ର ତ୍ୟାଗ ମନୋଭାବଠାରୁ ଭୋଗ ମନୋଭାବ ବେଶୀ ଥିଲା। ରାଜକୋଷରେ ଥିବା ଧନ ରାଜାଙ୍କ ଯତ୍ନରେ ଥାଇପାରେ, ମାତ୍ର ସେସବୁ ପ୍ରଜାମାନଙ୍କର। ରାବଣ ଧନକୁ ନେଇ ଉପଭୋଗରେ ମାତିଲା।

ପବାରବିନ୍ଦ

ଅପର ପକ୍ଷରେ ପ୍ରଭୁ ଶ୍ରୀରାମଚନ୍ଦ୍ର ପିତୃସତ୍ୟ ପାଳନ କରିଥିଲେ। ରାଜ ସିଂହାସନରେ ବସିବା ବଦଳରେ ବନବାସକୁ ଆସିଲେ। ସମସ୍ତ ସୁଖ ସୌଭାଗ୍ୟକୁ ପାଦରେ ଦଳିଦେଲେ। ତାଙ୍କ ଭିତରେ ରାଜ ସିଂହାସନର ମୋହ ତିଳେ ହେଲେ ନଥିଲା। ବନବାସରେ ଥାଇ ଅନେକଙ୍କୁ ସାହାଯ୍ୟ କରିଛନ୍ତି। ଅନ୍ୟମାନଙ୍କ ପାଇଁ ସେ ଉତ୍ସର୍ଗୀକୃତ ହୋଇଛନ୍ତି। ଶେଷରେ ରାବଣର ଦୌରାତ୍ମ୍ୟ ବଢ଼ିଲା। ନିଜ ଦେଶର ସମ୍ପତ୍ତିକୁ ତ ଉପଭୋଗ କଲା, ତା' ସହିତ ଭାରତର ଦୁଇ ବଳବାନ ଭାଇ ବାଳି ଓ ସୁଗ୍ରୀବଙ୍କ ଭିତରେ ଦ୍ୱନ୍ଦ୍ୱ ଲଗାଇ ଦେଲା। ପୁଣି ସୀତାଙ୍କୁ ଅପହରଣ କଲା। ଶେଷରେ ଶ୍ରୀରାମ ଜାଣିଲେ ସମ୍ପତ୍ତିର ମୋହରେ ରାବଣ ଏପରି ଅନ୍ୟାୟ ଅତ୍ୟାଚାରରେ ମାତିଛି। ବାଧ୍ୟ ହୋଇ ପ୍ରଭୁ ହନୁମାନ ଦ୍ୱାରା ସନ୍ଧାନ ନେଲେ। ରାବଣଙ୍କ ନିକଟକୁ ବାଳିର ପୁତ୍ର ଅଙ୍ଗଦକୁ ଦୂତ ଭାବରେ ପଠାଇଲେ। ସୀତାଙ୍କୁ ଆଣି ପ୍ରଭୁଙ୍କ ନିକଟରେ ସମର୍ପଣ କରିବାକୁ ପରାମର୍ଶ ଦେଲେ। ତଥାପି ରାବଣ ମାନିଲା ନାହିଁ। ଶେଷରେ ପ୍ରଭୁ ସମସ୍ତ ବାନର ଓ ଭାଲୁ ସେନାଙ୍କ ଦ୍ୱାରା ଲଙ୍କା ଆକ୍ରମଣ କଲେ।

ପ୍ରଭୁ ଦୀର୍ଘ ଚଉଦ ବର୍ଷ ଧରି ବିଭିନ୍ନ ଅଞ୍ଚଳରେ ବୁଲିଥିଲେ। ବହୁ ମଣିଷଙ୍କ ସହିତ ମିଶିଥିଲେ। ଅନେକ ଅଭିଜ୍ଞତା ସଂଗ୍ରହ କରିଥିଲେ। ସଂଘର୍ଷ ଓ ସଂଗ୍ରାମମୟ ଜୀବନ ଅତିବାହିତ କରିଥିଲେ, ଯାହାର ଫଳ ସ୍ୱରୂପ ସମ୍ପତ୍ତି, କ୍ଷମତାର ମୂଲ୍ୟ କ'ଣ ସେ ଭଲ ଭାବରେ ଅନୁଭବ କରିଥିଲେ। ତେଣୁ ରାବଣର ଅନ୍ୟାୟ ଓ ଅନୀତିକୁ ସହି ନପାରି ତା'ଠାରୁ କ୍ଷମତା ଛଡ଼ାଇ ଆଣିଲେ। ଲଙ୍କାରେ ଥାଇ ସତ୍ୟର ପ୍ରତିଷ୍ଠା ପାଇଁ ସଂଘର୍ଷ କରିଥିବା ବିଭୀଷଣଙ୍କୁ କ୍ଷମତା ପ୍ରଦାନ କରିଥିଲେ।■

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା



**ଦେବଗଡ଼,୨୦।୩/ଏନ୍‌ଏନ୍‌ଏସ୍:** କଂସର ଗ୍ରାମର ମୃତ ଦଳିତ ଯୁବକ କିଶୋର ଚମାରଙ୍କ ପରିବାରକୁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗତ ସେପ୍ଟେମ୍ବର ୩ ତାରିଖରେ କିଶୋରଙ୍କୁ ଗୋମାଂସ ଚାଲାଣ ଅଭିଯୋଗରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଉପରେ ପୁଲିସ୍ ପକ୍ଷରୁ ମଧ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥିଲା। ମୃତ କିଶୋର ଦଳିତ ବର୍ଗର ହୋଇଥିବାରୁ ତାଙ୍କୁ ହରିଜନ ନିର୍ଯାତନା ନିବାରଣ ଆଇନ ଅନୁସାରେ ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ତେବେ କିଶୋରଙ୍କ ପତ୍ନୀଙ୍କୁ ୪,୮୫,୫୦୦ ଟଙ୍କାର ଆର୍ଥିକ ସହାୟତା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ରାଶି ମଧ୍ୟରେ ୩ ମାସର ରାସନ ସାମଗ୍ରୀ କ୍ରୟ ବାବଦକୁ ୧୫ ହଜାର, ବାସନ କୁସନ କ୍ରୟ ପାଇଁ ୩ ହଜାର ଓ ୫ ହଜାର ଟଙ୍କାର ମାସିକ ପେନସନ୍ ଅନ୍ତର୍ଭୁକ୍ତ। ଏହି ମାସିକ ପେନସନ୍ ପିଛିଲା ଭାବେ ସେପ୍ଟେମ୍ବରରୁ ପ୍ରଦାନ କରାଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶମତେ ଜିଲ୍ଲା କଲ୍ୟାଣ ଅଧିକାରୀ ଶିଶିର କୁମାର ପୁହାଣ କଂସର ଗ୍ରାମରେ ପହଞ୍ଚି କିଶୋରଙ୍କ ପତ୍ନୀ ମାନସୀ ଚମାରଙ୍କୁ ସରକାରଙ୍କ ଅନୁମୋଦନ ପତ୍ର ପ୍ରଦାନ କରିଥିଲେ। ଏହାସହ କିଶୋରଙ୍କ ୨ ଝିଅଙ୍କୁ ନିକଟସ୍ଥ କଂସର ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ନିବାସରେ ରହି ପାଠ ପଢ଼ିବାର ବ୍ୟବସ୍ଥା ହୋଇଥିବା ଶ୍ରୀ ପୁହାଣ ପ୍ରକାଶ କରିଛନ୍ତି।

# ସଡ଼କ ଦୁର୍ଘଟଣାରେ ଭେଷଜ ରୋଗ ବିଶେଷଜ୍ଞଙ୍କ ପରଲୋକ



**ଭବାନୀପାଟଣା,୨୦।୩/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲାର ସ୍ୱନାମଧନ୍ୟ ଭେଷଜ ରୋଗ ବିଶେଷଜ୍ଞ ତଥା ଅବସରପ୍ରାପ୍ତ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ହରିଶ୍ଚନ୍ଦ୍ର ପଧାନ (୮୦)ଙ୍କ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଛି। ଶୁକ୍ରବାର ସକାଳେ ହରିଶ୍ଚନ୍ଦ୍ର ଭବାନୀପାଟଣା ପୁରୁଣାପଡ଼ା ଘରୁ କାର୍ ଯୋଗେ ଧର୍ମଗଡ଼କୁ ଯାଉଥିବାବେଳେ ବଲଦିଆମାଲ ପେଟ୍ରୋଲ୍ ପମ୍ପ ସମ୍ମୁଖ ୨୬ନଂ ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ଅଟକି ରହିଥିବା ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଖବର ପ୍ରସାରିତ ହେବା ପରେ ପିସିସି ସଭାପତି ଭକ୍ତଚରଣ ଦାସ, ଭବାନୀପାଟଣା ବିଧାୟକ ସାଗର ଦାସ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଡ଼, ଜିଲ୍ଲା ବଣିକ ସଂଘ ସଭାପତି ବିଜୟ ସାହୁ, ଧର୍ମଗଡ଼ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ, ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ପୂର୍ବତନ ସମ୍ପାଦକ ଆଚାର୍ଯ୍ୟ ହୃଷିକେଶ ମିଶ୍ର, ଓକିଲ ସଂଘର ସଭାପତି କୃପାସିନ୍ଧୁ ପଣ୍ଡା, ବରିଷ୍ଠ ଆଇନଜୀବୀ ସୁନୀଲ କୁମାର ପାତ୍ର, ତୁଷାର ରଞ୍ଜନ ପଟ୍ଟଯୋଶୀ, ଚିନ୍ତାମଣି ପାତ୍ର, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଥବିର ପ୍ରସାଦ ସାହୁ, ଓଚେମ୍ବର୍ ଅଫ୍ କମର୍ସର ସଭାପତି ବିଦ୍ୟାଧର ସାହୁ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ପ୍ରକାଶଥାଉକି ହରିଶ୍ଚନ୍ଦ୍ର ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ବହୁଦିନରୁ କାର୍ଯ୍ୟରତ ଥିବାବେଳେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ମେଡିକାଲ୍ ଇନଚାର୍ଜ ଭାବେ ୧୯୯୮ରୁ ୨୦୦୭ ପର୍ଯ୍ୟନ୍ତ କାର୍ଯ୍ୟନିର୍ବାହ କରିଥିଲେ। ତାଙ୍କ ଚିକିତ୍ସା ପଦ୍ଧତି ଅତି ସରଳ ଓ ନିଆରା ଢଙ୍ଗର ଥିଲା ଏବଂ ଅବସର ପରେ ମଧ୍ୟ ସେ ରୋଗୀ ସେବା କରିଆସୁଥିଲେ।

# ଗଙ୍ଗାଧର ସାରସ୍ୱତ ସମିତି ପକ୍ଷରୁ ପଖାଳ ଦିବସ

**ସିନାପାଲି,୨୦।୩/ଏନ୍‌ଏନ୍‌ଏସ୍:** ନୂଆପଡ଼ା ଜିଲ୍ଲା ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ଓ ସାହିତ୍ୟ ଘର ପକ୍ଷରୁ ପଖାଳ ଦିବସ ସ୍ଥାନୀୟ ମହଗାଁ ହାଇସ୍କୁଲ୍‌ରେ ପାଳିତ ହୋଇଯାଇଛି। ସାହିତ୍ୟ ଘର ସଭାପତି ତଥା ବରିଷ୍ଠ ସାହିତ୍ୟିକ ରବୀନ୍ଦ୍ରନାଥ ଯୋଶୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ସାରସ୍ୱତ ସମିତିର ସଭାପତି ତଥା ସାହିତ୍ୟ ଘର ସମ୍ପାଦକ ବୈଷ୍ଣବ ମେହେର, ସ୍ୱର ସଙ୍ଗମ କଳା ପରିଷଦ ସଭାପତି ତ୍ରିନାଥ ମେହେର, ସଂଯୋଜକ ପ୍ରଦ୍ୟୁମ୍ନ ସିଂହ ଚିନ୍ଦା, ଗୌତମ ମେହେର, ବିବେକାନନ୍ଦ ଭୋଇ, ଶିବ ପ୍ରସାଦ ମେହେର, କାର୍ତ୍ତିକେଶ୍ୱର ବୈଠାରୁ, ପ୍ରେମାନନ୍ଦ ମେହେର, ବାସୁଦେବ ବିଶି, ରଶ୍ମିରଞ୍ଜନ ସା, ସନ୍ତୋଷ ମେହେର ଓ ଗଙ୍ଗେସ ମେହେର ପ୍ରମୁଖ ଯୋଗଦେଇ ପଖାଳ ଦିବସର ମହତ୍ତ୍ୱ ବିଷୟରେ ଆଲୋଚନା କରିବା ସହ ସମସ୍ତେ ପଖାଳ ଖାଇଥିଲେ। ସ୍ୱାସ୍ଥ୍ୟ ଓ ସ୍ୱାଦ ପାଇଁ ପଖାଳର ଗୁରୁତ୍ୱ ଯେତିକି ରହିଛି ପାରସ୍ପରିକ ସମ୍ପର୍କକୁ ସୁଦୃଢ଼ କରିବାରେ ମଧ୍ୟ ଏହାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହୁଥିବା ଆଲୋଚନାରେ ମତପ୍ରକାଶ ପାଇଥିଲା।

## ଚେକ୍‌ଡ୍ୟାମ୍ ପାଇଁ ଜମି ଦେଇଥିବା ପୂଜାରୀଗୁଡ଼ାବାସୀଙ୍କୁ ମିଳୁନି କ୍ଷତିପୂରଣ

# କ୍ଷୁଦ୍ର ଜଳସେଚନ ବିଭାଗରେ ତାଲା ପକାଇ ଧାରଣା

**ରାୟଗଡ଼ା,୨୦।୩/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ପୂଜାରୀଗୁଡ଼ାର ଜମିହରା ଗ୍ରାମବାସୀ କ୍ଷତିପୂରଣ ଦାବି କରି କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ତୁରନ୍ତ କ୍ଷତିପୂରଣ ନମିଳିଲା ଯାଏଁ କାର୍ଯ୍ୟାଳୟ ଆଗରେ ଧାରଣା ଜାରି ରଖିବୁ ବୋଲି ସେମାନେ ଜିଦ୍

**ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ**



ଧରିଥିଲେ। କାର୍ଯ୍ୟାଳୟରେ ତାଲା ପକାଇବା ଯୋଗୁ କର୍ମଚାରୀମାନେ ବାହାରେ ରହିଥିଲେ। ସୂଚନାଥାଉକି ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍‌ର ପୂଜାରୀଗୁଡ଼ା ଗ୍ରାମରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଚାଷ ଜମିକୁ ପାଣି ଯିବା ପାଇଁ ଏକ ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଇଥିଲା। ତେବେ କେନାଲ୍ ନିର୍ମାଣ ପାଇଁ ପ୍ରାୟ ୩୦ ଜଣ ଲୋକେ ୫ ଏକର ଜମି ସରକାରଙ୍କୁ ଦେଇଥିଲେ। ତେବେ ଚୁକ୍ତି ଅନୁଯାୟୀ ଜମିହରାମାନେ କ୍ଷତିପୂରଣ ପାଇବା କଥା। କିନ୍ତୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଜମିହରାମାନେ କ୍ଷତିପୂରଣ ପାଇନାହାନ୍ତି। ଏନେଇ ଜମିହରା ଲୋକେ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି କ୍ଷତିପୂରଣ ଦେବା ପାଇଁ ବାରମ୍ବାର ଦାବି କରିଥିଲେ। ତଥାପି କ୍ଷତିପୂରଣ ମିଳିନଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପ୍ରାୟ ୩୦ ଜଣ ଜମିହରା ଲୋକେ ୩ ଘଣ୍ଟା କାଳ ଅଫିସ୍‌ରେ ତାଲା ପକାଇବା ସହ ଧାରଣାରେ ବସିଥିଲେ। ତୁରନ୍ତ କ୍ଷତିପୂରଣ ନଦେଲା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଜମିହରାମାନେ କହିଥିଲେ। ତେବେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଟାଉନ୍ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଅନ୍ୟପଟେ ଅପରାହ୍ନ ପ୍ରାୟ ୫ଟାରେ ବିଭାଗ ପକ୍ଷରୁ ଲିଖିତଭାବେ ୩ ମାସର ସମୟ ମାଗିବା ପରେ ଭୂ-ଅର୍ଜନ ଅଧିକାରୀ, ବିଭାଗୀୟ ଏସ୍‌ଡିଓ, ଅମିନ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଗ୍ରାମବାସୀ ଅଫିସ୍ ତାଲା ଖୋଲିଥିଲେ।

# ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ତାଲିମ୍ ଶିବିର ଉଦ୍‌ଘାଟିତ



**ମ.ରାମପୁର,୨୦।୩/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ମ.ରାମପୁରରେ ଥିବା ଦୁର୍ଗାମାଧବ ସରକାରୀ ଉଚ୍ଚବିଦ୍ୟାଳୟରେ ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମ.ରାମପୁର ତହସିଲଦାର ମୀମାଂସା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଜନଗଣନା ଅଭିଯାନର ମୁଖ୍ୟ ସୌରଭ ତିୱାରୀ ଯୋଗ ଦେଇଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ଅଧ୍ୟକ୍ଷ ଶ୍ରୀମତୀ ସାହୁ ଜନଗଣନା ୨୦୨୭ ପ୍ରଥମ କରି ଡିଜିଟାଲ୍ ପ୍ରକ୍ରିୟାରେ କରାଯିବ ଏବଂ ଏହି କାର୍ଯ୍ୟକ୍ରମରେ ସମସ୍ତେ ନିଷ୍ଠା ଓ ଆନ୍ତରିକତାର ସହ ଦାୟିତ୍ୱ ନିର୍ବାହ କରିବେ ବୋଲି ସୂଚନା ଦେଇଥିଲେ । ତାଲିମ୍‌ଦାତା ଭାବେ ଭୂପେନ୍ଦ୍ର ବେଶ୍ରା ଓ ଗୋବିନ୍ଦ ପ୍ରଧାନ ତାଲିମ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ପ୍ରଥମ ପର୍ଯ୍ୟାୟ ତାଲିମ୍ ଆରମ୍ଭ ହୋଇଥିବାବେଳେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ ତାଲିମ୍‌ଦାତାଙ୍କ ଦ୍ୱାରା ତାଲିମ୍ ପ୍ରଦାନ କରାଯାଇଥିଲା। ଏହି ତାଲିମ୍ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହୋଇଥାଏ ଗତ ୨୦୧୧ରେ ଜନଗଣନା ଅନୁଷ୍ଠିତ ହୋଇଥିଲା। ୨୦୨୧ରେ ପୁଣିଥରେ ଜନଗଣନା ହେବା କଥା ହେଲେ ମହାମାରୀ କରୋନା ଯୋଗୁ ଏହା ସ୍ଥଗିତ ରଖାଯାଇଥିବାବେଳେ ୨୦୨୭ରେ ଆରମ୍ଭ ହେବ। ପ୍ରଥମକରି କମ୍ପ୍ୟୁଟରୀକରଣ ତଥା ଡିଜିଟାଲ୍ ମୋଡ୍‌ରେ କରାଯିବାକୁ ଥିବାରୁ ମ.ରାମପୁର ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏହି ଗୁରୁତ୍ୱପୂର୍ଣ୍ଣ ତାଲିମ୍ ଆରମ୍ଭ ହୋଇଛି। ଏହି ତାଲିମ୍ ଶିବିର ପରିଚାଳନାରେ ତହସିଲ୍ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରୁଛନ୍ତି।

## ଅବକାରୀ ବିଭାଗର ଚଢ଼ଉ

# ୧୨୦୦ ଲିଟର୍ ଦେଶୀମଦ ଓ ମହୁଲ ପୋଚ ଜବତ



**ରାୟଗଡ଼ା,୨୦।୩/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଗୁଣପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୧୨୦୦ ଲିଟର୍ ଦେଶୀମଦ ଜବତ କରାଯାଇଥିବା ଜଣାପଡ଼ିଛି। ଏହାସହ ୮ ହଜାର କିଲୋ ମହୁଲ ପୋଚ ଓ ମଦରନ୍ଧା ପାଇଁ ଆବଶ୍ୟକୀୟ ସାମଗ୍ରୀ ଓ ପ୍ରଚୁର ପରିମାଣର ଗୁଡ଼ ଜବତ କରାଯାଇଛି। ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ଏକ୍ସିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଶୁଭ୍ରାନ୍ତ ରାଉତ ଓ ଗୁଣପୁର ଡେପୁଟି କଲେକ୍ଟର୍ ଜନବଡ଼ ଭୁଇଁଆଙ୍କ ନେତୃତ୍ୱରେ ଗୁଣପୁର ଅବକାରୀ ବିଭାଗର ଅତିରିକ୍ତ ନିରୀକ୍ଷକ ସଞ୍ଜିତ କୁମାର ବାଲା, ଗୁଣପୁର ଅବକାରୀ ନିରୀକ୍ଷକ ବେଣୁଧର ସାମଲ ଓ ଗୁଣପୁର ଅବକାରୀ ଥାନାର କର୍ମଚାରୀଙ୍କ ସହ ଗୁମୁଡ଼ା ପୁଲିସ୍ ସହାୟତାରେ ଏକ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ଗୁଡ଼ାରୀ ଥାନା ଅନ୍ତର୍ଗତ ଗୁମ୍ମା ଓ ସୁନାପଲ୍ଲୀ ଗ୍ରାମରେ ରନ୍ଧାମଦ ପ୍ରସ୍ତୁତ ହେଉଥିବା ଖବରପାଇ ଅତର୍କିତ ଭାବେ ଚଢ଼ଉ କରିଥିଲେ। ଫଳରେ ଘଟଣାସ୍ଥଳରୁ ମଦ ବେପାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏନେଇ ଅବକାରୀ ବିଭାଗ ପୃଥକ୍ ପୃଥକ୍ ଭାବେ ମାମଲା ରୁଜୁ କରିଥିବାବେଳେ ମଦ ବେପାରୀଙ୍କୁ ଧରିବା ପାଇଁ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ୨ଟି ଟିମ୍ ଗଠନ କରାଯାଇଛି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଅବକାରୀ ଅଧୀକ୍ଷକ ସୂଚନା ପ୍ରଦାନ କରିଛନ୍ତି । ଏହି ଧରପଗଡ଼ରେ ବିଷମକଟକ ଅବକାରୀ ଥାନା ଓ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ କର୍ମଚାରୀ ମଧ୍ୟ ସହଯୋଗ କରିଥିଲେ।

# ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ କାୟାକଳ୍ପ ପୁରସ୍କାର

**ମାଲକାନଗିରି,୨୦।୩/ଏନ୍‌ଏନ୍‌ଏସ୍:** ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ 'କାୟାକଳ୍ପ' ପୁରସ୍କାର ମାନଦଣ୍ଡରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଉକ୍ତ ଚିକିତ୍ସାଳୟ ଏପର୍ଯ୍ୟନ୍ତ



ମୋଟ୍ ୬ଥର ଏହି ଯୋଗ୍ୟତା ପାଇଥିବାବେଳେ ୫ଥର (୨୦୨୦-୨୧, ୨୦୨୧-୨୨, ୨୦୨୨-୨୩, ୨୦୨୩-୨୪ ଏବଂ ୨୦୨୫-୨୬) ରାଜ୍ୟସ୍ତରରେ ଶୀର୍ଷ ସ୍ଥାନ ବଜାୟ ରଖିଛି। କେବଳ ୨୦୨୪-୨୫ ବର୍ଷରେ ଏହା ଦ୍ୱିତୀୟ ସ୍ଥାନରେ ରହିଥିଲା। ଡାକ୍ତରଖାନାର ସ୍ୱଚ୍ଛତା, ଉନ୍ନତ ପରିମଳ ବ୍ୟବସ୍ଥା, ଅତ୍ୟାଧୁନିକ ଚିକିତ୍ସା ସୁବିଧା, ବର୍ଜ୍ୟବସ୍ତୁ ପରିଚାଳନା, ଦସ୍ତାବିଜ ସଂରକ୍ଷଣ ଓ ସଂକ୍ରମଣ ନିୟନ୍ତ୍ରଣ ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। କେବଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୁହେଁ, ଚଳିତ ବର୍ଷ ଜିଲ୍ଲାର ୨୧ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର) ଏବଂ ୬୭ଟି ଉପସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟ କାୟାକଳ୍ପ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହାସହ ଚିତ୍ରକୋଣ୍ଡା ଉପଖଣ୍ଡ ଡାକ୍ତରଖାନା କାୟାକଳ୍ପ ଏବଂ ଇକୋ ଫ୍ରେଣ୍ଡଲି ବର୍ଗରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାର ସୁନାମ ବୃଦ୍ଧି କରିଛି। ଏହି ଖୁସିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ଚୌଧୁରୀ ନିହାର ରଞ୍ଜନ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ସମସ୍ତ କର୍ମଚାରୀ କେକ୍ କାଟି ଓ ବାଣ ଫୁଟାଇ ଖୁସି ମନାଇଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଡୋଳାମଣି ପ୍ରଧାନ, ଏଡିଏମ୍‌ଓ ଡା. ସୌଭାଗ୍ୟ ରଞ୍ଜନ ରଣସିଂହ, ଡା. ନୀଳମଣି ତିଲକଚାନ୍ଦ ବେହେରା, ଶଲ୍ୟ ବିଶେଷଜ୍ଞ ଡା. ସପନ କୁମାର ଡିଣ୍ଡା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ଡା. ମୌସୁମୀ ମିଶ୍ରଙ୍କ ସମେତ ସମସ୍ତ ଡାକ୍ତର, ନର୍ସ, ସହାୟକ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ମାଲକାନଗିରି ବିମାନବନ୍ଦରର ବିକାଶ ଓ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା

## ସୋମବାର ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ



**ମାଲକାନଗିରି,୨୦।୩/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମାଲକାନଗିରି ବିମାନବନ୍ଦରର ଅଗ୍ରଗତି କାର୍ଯ୍ୟ ଏବଂ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଏହି ପରିଦର୍ଶନ ସମୟରେ ବିମାନବନ୍ଦରର ବିଭିନ୍ନ ବୈଷୟିକ ଦିଗ ଏବଂ ଯାତ୍ରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ସମୀକ୍ଷା ବୈଠକରେ ପୂର୍ତ୍ତ ବିଭାଗ ଓ ନଗର ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ମାଲକାନଗିରି ଉପଜିଲ୍ଲାପାଳ ଉପସ୍ଥିତ ଥିଲେ। ବିମାନବନ୍ଦର ପରିସରରେ ଥିବା ବିଭିନ୍ନ ଭିତ୍ତିଭୂମି ସମସ୍ୟା ଓ ଏହାର ସମାଧାନ ନେଇ ଅଧିକାରୀଙ୍କ ସହ ଜିଲ୍ଲାପାଳ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲାପାଳ ବିମାନବନ୍ଦର ସମ୍ବନ୍ଧୀୟ ଜମି କିମ୍ବା ଅନ୍ୟାନ୍ୟ ଗଣନା କାର୍ଯ୍ୟ ଶେଷ କରି ଆସନ୍ତା ସୋମବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ତହସିଲ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ଓ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିମାନବନ୍ଦରର ସୁରକ୍ଷା ପାଇଁ ଉପଲବ୍ଧ ପୁଲିସ୍ ବାହିନୀ ଦ୍ୱାରା ଏକ ସ୍ୱତନ୍ତ୍ର ପାଟ୍ରୋଲିଂ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ଉପଜିଲ୍ଲାପାଳ ଏବଂ ଆର୍‌ଆଇଙ୍କୁ ଦାୟିତ୍ୱ ଦିଆଯାଇଛି। ବିମାନବନ୍ଦରରୁ ନିୟମିତ ବିମାନ ଚଳାଚଳ ପୂର୍ବରୁ ସମସ୍ତ ପ୍ରକାର ବାଧାବିଘ୍ନ ଦୂର କରିବା ପାଇଁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

# ବନାଗ୍ନି ରୋକିବା ନେଇ ବନ ବିଭାଗ ପକ୍ଷରୁ ଡଙ୍ଗରିଆଙ୍କୁ ସଚେତନତା



**ରାୟଗଡ଼ା,୨୦।୩/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲାରେ ବନାଗ୍ନି ରୋକିବା ଲାଗି ବିଭିନ୍ନ ଗାଁ ଗହଳିରେ ଲୋକଙ୍କୁ ସଚେତନ କରିବା ପାଇଁ ବନ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ବନଖଣ୍ଡର ମୁନିଗଡ଼ା ବନାଞ୍ଚଳ ଦ୍ୱାରା ମୁନିଖୋଲ ପଞ୍ଚାୟତ ଅନ୍ତର୍ଗତ ନିୟମଗିରିର ସକଟାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସକଟା ସହ ଆଖ ପାଖ ଗ୍ରାମର ଅନେକ ଡଙ୍ଗରିଆ ଉପସ୍ଥିତ ଥିଲେ। ଏଥିରେ ମୁନିଗୁଡ଼ା ରେଞ୍ଜର ପ୍ରବୀଣ ଦାସ ଓ ପରିବେଶବିତ୍ ତଥା ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଡ଼ ଗୌରାଙ୍ଗ ଚରଣ ରାଉତଙ୍କ ସମେତ ବନ ବିଭାଗୀୟ ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଡଙ୍ଗରିଆଙ୍କୁ ସଚେତନତା କରାଇଛନ୍ତି। ନିୟମଗିରି ଓ ସେଥିରେ ଥିବା ଜଙ୍ଗଲ ଡଙ୍ଗରିଆଙ୍କ ଜୀବନରେ କେତେ ଦରକାରୀ ଓ ତା'ର ସୁରକ୍ଷା କେତେ ଆବଶ୍ୟକ ସେନେଇ ଉପସ୍ଥିତ ଡଙ୍ଗରିଆଙ୍କୁ ବୁଝାଇଥିଲେ। ନିଆଁର ପ୍ରକୋପରେ ଜଙ୍ଗଲ ଦିନକୁଦିନ ଅବକ୍ଷୟ ହେବାରେ ଲାଗିଛି । ନିଆଁର ପ୍ରଭାବରେ ଜଙ୍ଗଲରୁ ବିଭିନ୍ନ ପ୍ରକାରର ମୂଲ୍ୟବାନ ଗଛ ନଷ୍ଟ ହେବାସହ ଅନେକ ଜୀବଜନ୍ତୁଙ୍କ ମୃତ୍ୟୁ ଘଟିବା ଯୋଗୁ ପରିବେଶ ଉପରେ ଏହାର ସିଧା ପ୍ରଭାବ ପଡୁଥିବା ପରିବେଶବିତ୍ ତଥା ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଡ଼ ଗୌରାଙ୍ଗ ଚରଣ ରାଉତ ପ୍ରକାଶ କରିଥିଲେ।

# ପୋଡ଼ିହୋଇ ମହିଳା ଗୁରୁତର

**ରାଜନଗର, ୨୦।୩/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଗ୍ରାମର ସୁଧାଂଶୁ ମଣ୍ଡଳଙ୍କ ସ୍ତ୍ରୀ କାଜଲ ମଣ୍ଡଳ(୫୫) ପୋଡି ହୋଇ ଗୁରୁତର ହୋଇଥିବା ଦେଖିବାକୁ ମିଳିଥିଲା। ଗୁରୁବାର ରାତି ପ୍ରାୟ ୩ଟା ସମୟରେ ଚିତ୍କାର ଶୁଣି ସୁଧାଂଶୁ ବାହାରକୁ ଯାଇ ଦେଖିବାକୁ ପାଇଲେ ଗଦା ହୋଇଥିବା ପାଳଜଳୁଛି। ତା ମଧ୍ୟରେ ତାଙ୍କ ସ୍ତ୍ରୀ କାଜଲ ଜଳି ଯାଉଥିବା ଚିତ୍କାର ଶୁଭୁଛି । ତାଙ୍କୁ ଉଦ୍ଧାର କରି ନିକଟରେ ଥିବା ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ଆମ୍ବୁଲାନ୍ସ ଯୋଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସେଠାରେ କାଜଲ ଜୀବନ ମରଣ ସହ କାଜଲ ସଂଗ୍ରାମ କରୁଥିବା ଜଣାପଡିଛି। ତାଙ୍କର ୫ଜଣ ଝିଅ ବିବାହ କରିଯାଇଥିବା ବେଳେ ଜଣେ ମାତ୍ର ପୁଅ ଅଛନ୍ତି। ପୁଅ ମନୋରଞ୍ଜନଙ୍କୁ ପଚାରିବାରୁ ମା'କେମିତି ପୋଡିଗଲା ମୁଁ ଜାଣିନାହିଁ। ବାପା ଡାକିବାରୁ ଆମେ ମା'ପୋଡି ହୋଇଯାଇଥିବା କଥା ଜାଣିବାକୁ ପାଇଲି ବୋଲି କହିଥିଲେ। ଏନେଇ ତାଳଚୁଆ ସାମୁଦ୍ରିକ ଥାନାଧିକାରିଣୀ ସନ୍ଧ୍ୟାରାଣୀ ଜେନାଙ୍କୁ ପଚାରିବାରୁ ମହିଳା ପୋଡି ଯାଇଥିବା ନେଇ ଆପଣଙ୍କଠାରୁ ପ୍ରଥମେ ଜାଣୁଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି କହିଛନ୍ତି।

# ଗୁଟ୍‌କା ବିକ୍ରି ଦୋକାନରେ ଚଢ଼ଉ

**ପରଜଙ୍ଗ, ୨୦।୩/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍‌ରେ ବିଭିନ୍ନ ସ୍ଥାନରେ ଗୁଟ୍‌କା ଓ ତମ୍ବାଖୁ ଦୋକାନରେ ଜିଲ୍ଲା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ପରଜଙ୍ଗ ଅବକାରୀ ବିଭାଗ ଓ ପରଜଙ୍ଗ ପୁଲିସର ମିଳିତ ଚଢ଼ାଉ ଜାରି ରହିଥିଲା। ରାଜ୍ୟରେ କର୍କଟ ରୋଗ ଜନିତ ମୃତ୍ୟୁକୁ ରୋକିବା ପାଇଁ ରାଜ୍ୟ ସରକାର ଗୁଟକା ଓ ତମ୍ବାଖୁ ବିକ୍ରିକୁ ବ୍ୟାନ୍ କରିଥିବା ବେଳେ କେତେକ ଅସାଧୁ ଡିଲର ବିକ୍ରେତା କଳାବଜାରୀ କରି ଅଧିକ ଦାମ୍‌ରେ ଚା, ପାନ ମସଲା ଦୋକାନୀମାନଙ୍କୁ ବିକ୍ରି କରୁଛନ୍ତି। ଗୁଟ୍‌କା ଓ ତମ୍ବାଖୁ ଗ୍ରାହକମାନେ ଉଚିତ ମୂଲ୍ୟଠାରୁ ଅଧିକ ମୂଲ୍ୟ ଦେଇ ସେବନ କରୁଥିବା ସାଧାରଣରେ ଆଲୋଚନା ହେଉଛି। ସୂଚନା ଅନୁଯାୟୀ, ପରଜଙ୍ଗ ବ୍ଲକ୍‌ର ଗଡ ପରଜଙ୍ଗ, ସରାଙ୍ଗ, ବାରୀହାପୁର , ଡିହଡୋଳ ଓ କନ୍ଦରସିଂହା ବଜାର ଛକ ଆଦି ସ୍ଥାନରେ ଗୁଟ୍‌କା ଓ ତମ୍ବାଖୁ ବିକ୍ରି କରୁଥିବା ସମୁଦାୟ ୨୭ଟି ଦୋକାନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ପରଜଙ୍ଗ ଅବକାରୀ ଅଧିକାରିଣୀ ବାସନ୍ତୀ ବାଙ୍କ୍ଲି ଓ ପରଜଙ୍ଗ ପୁଲିସ ଏଏସ୍ଆଇ ଦେବଗ୍ରାହି ମହାନ୍ତି ଓ ଏଏସ୍ଆଇ ପ୍ରତାପ ସାହୁ ପ୍ରମୁଖ ମିଳିତ ଭାବେ ଚଢ଼ାଉ କରି ମୋଟ୍ ୫ହଜାର ୩୫୦ ଟଙ୍କା ଜୋରିମାନା ଆଦାୟ ହୋଇଥିବା ଜଣାପଡ଼ିଛି।

# କନିକା ବନାଞ୍ଚଳରୁ ଚିଙ୍ଗୁଡ଼ି ଘେରି ଉଚ୍ଛେଦ



**ରାଜନଗର, ୨୦।୩/ଏନ୍ଏନ୍ଏସ୍:** ରାଜନଗର ଲୁଣାଜଙ୍ଗଲ ବନ୍ୟଜୀବ ବନଖଣ୍ଡ ଅଧୀନରେ ଥିବା କନିକା ବନାଞ୍ଚଳ ଅନ୍ତର୍ଗତ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର (ସିଆର୍‌ଜେଡ୍)ଜୋନ୍ ମଧ୍ୟରେ ନିର୍ମାଣ ହୋଇଥିବା ବେଆଇନ ଚିଙ୍ଗୁଡି ଘେରି ଗୁଡିକର ଉଚ୍ଛେଦୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଉଚ୍ଛେଦ ପ୍ରକ୍ରିୟାରେ କନିକା ବନାଞ୍ଚଳର ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ନେତୃତ୍ୱରେ ବନପାଳ ପ୍ରଶାନ୍ତ କୁମାର ସିଂ, ପ୍ରକାଶ ଦାସ ଓ ନବୀନ କୁମାର ମଲ୍ଲିକ, ବନରକ୍ଷୀ କଳ୍ପତରୁ ସେଠୀ, ସତୀଶ ଲାକ୍ରା, ଅବକାଶ ପାତ୍ର, ଗୋରାଚାନ୍ଦ ସିଂଙ୍କ ସମେତ ଅନ୍ୟ ସମସ୍ତ ବନକର୍ମଚାରୀ ସାମିଲ୍ ଥିଲେ। ପ୍ରଥମ ଦିନରେ ଦଶଟି ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଛି। ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ଅଧିନରେ ଆସୁଥିବା ସମସ୍ତ ବେଆଇନ ଘେରି ଓ ଅନ୍ୟାନ୍ୟ ନିର୍ମାଣକୁ ପର୍ଯ୍ୟାୟ କ୍ରମେ ଉଚ୍ଛେଦ କରାଯିବ ବୋଲି ଏସିଏଫ୍ ଶ୍ରୀ ଦାସ ସୂଚନା ଦେଇଛନ୍ତି।

# ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟର ୨୦ତମ ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା, ୨୦।୩/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ଓସ୍ତପୁରସ୍ଥିତ ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ରର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଚିକିତ୍ସାଳୟର ପ୍ରତିଷ୍ଠାତା ପ୍ରଫେସର ଡା.ବିମଳକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଇଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ପ୍ରାକ୍ତନ ପ୍ରଫେସର ଡା. ହିମାଂଶୁ ରାଜଗୁରୁଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଯୋଗଦେଇ ଓସ୍ତପୁର ଭଳି ଏକ ନିପଟ ମଫସଲରେ ୨୦ବର୍ଷ ତଳେ ଏକ ମହତ ଉଦ୍ଦେଶ୍ୟରେ ଏଭଳି ଏକ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠାକରି ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କୁ ଚକ୍ଷୁ ଚିକିତ୍ସାର ସେବା ଯୋଗାଇଦେବା କେବଳ ବିମଳବାବୁଙ୍କ ଭଳି ସମାଜସେବୀଙ୍କ ଦ୍ୱାରା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଡାକ୍ତର ତ୍ରିପାଠୀଙ୍କ ମା' ବସନ୍ତ କୁମାରୀଙ୍କ ନାମରେ ପ୍ରତିଷ୍ଠା କରାଯାଇଥିବା ଏହି ଚିକିତ୍ସାଳୟରେ ଏହା ମଧ୍ୟରେ ୨୨ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯାଇଛି। ବହୁ ଘାତ ପ୍ରତିଘାତ ମଧ୍ୟରେ ୨୦ବର୍ଷ ଅତିକ୍ରମ କରିଥିବା ଏହି ଚିକିତ୍ସାଳୟରେ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ସୁଦୂର କଟକ ଓ ଭୁବନେଶ୍ୱର ଭଳି ସହରକୁ ଯାଇପାରୁନଥିବା ଗରୀବ ଅସହାୟ ଲୋକମାନଙ୍କ ଚକ୍ଷୁରେ ଏଠାରେ ଅସ୍ତ୍ରୋପଚାର କରାଯାଉଛି। ସମାଜସେବାକୁ ନିଜ ଜୀବନର ବ୍ରତ କରିଥିବା ଡା. ବିମଳ ତ୍ରିପାଠୀ ପ୍ରକୃତରେ ଏମାଟିର ଜଣେ ସୁଯୋଗ୍ୟ ସନ୍ତାନ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିକିତ୍ସାଳୟର ଡାକ୍ତର ସରୋଜ କୁମାର ତ୍ରିପାଠୀ, ସୁଦର୍ଶନ ପରିଡା, ପ୍ରଦ୍ୟୁମ୍ନ ଜେନା, ନିଳମଣୀ ତ୍ରିପାଠୀ,ସତ୍ୟବ୍ରତ ସିଂହ, ମନୋଜ ସାହୁ ଓ ରୋସ୍ନା ସାହୁ ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ମହିଳା ଓ ଶିଶୁମାନଙ୍କ ପାଇଁ ଆଇନ୍ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ୨୦।୩/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ମହିଳା ଓ ଶିଶୁ ମାନଙ୍କ ପାଇଁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହିଳା ଆୟୋଗ ସଦସ୍ୟା ଡ. କଳ୍ପନା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସିଡବ୍ଲ୍ୟୁସି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ ପ୍ରଶିକ୍ଷକ ଭାବେ, ଡିଏସପି ବବିତା ଦଳାଇ, ଡିସିପିଓ ବିଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇ ମହିଳା ମାନଙ୍କର ଅଧିକାର, ତାଙ୍କର କର୍ତ୍ତବ୍ୟ, ତାଙ୍କର ଆଇନରେ ଥିବା ଅଧିକାର ସମ୍ପର୍କରେ ସଚେତନତା କରାଇଥିଲେ। ବର୍ତ୍ତମାନ ବିଶ୍ୱରେ ମହିଳା ମାନେ ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସବୁ ସ୍ତରରେ ମହିଳା ମାନେ ନିଜେ ବଂଚିବା ସହ ଅନ୍ୟକୁ ବଚାଇ ପାରିବେ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ସୁସ୍ଥ ସମାଜ ଗଠନରେ ମହିଳା ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବା ସହ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବେ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଲଲାଟେନ୍ଦୁ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପିଓ ସବିତା ସିଂହ, ସୁକାନ୍ତୀ ମହାପାତ୍ର, ମନୋରଞ୍ଜନ ଦାସ, ମମତାର ଡିପିଏ ସୁଭେନ୍ଦୁ ଦାସ, ଡିସି ସଂଜୟ ପାତ୍ର ପ୍ରମୁଖ ସହଯୋଗ କରିଥିବା ବେଳେ ହରପ୍ରିୟା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।

## କରଞ୍ଜ-ଦହିମାଛ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ଦୁର୍ନୀତି ଘଟଣା

# କ୍ୱାଲିଟି କଣ୍ଟ୍ରୋଲ୍ ଡିଭିଜନ ପକ୍ଷରୁ ନମୁନା ସଂଗ୍ରହ



**କେନ୍ଦ୍ରାପଡ଼ା, ୨୦।୩/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ୨ନମ୍ବର ପୂର୍ତ୍ତ ଡିଭିଜନ ଅଧିନ ଜିଲ୍ଲାର ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ କରଞ୍ଜ ଠାରୁ ଦହିମାଛ ରାସ୍ତା ଛଅ କୋଟି ୬୭ ଲକ୍ଷ ୭୭ହଜାର ଟଙ୍କା ବ୍ୟୟ ଅଟ୍ଟକଳରେ ମାତ୍ର ଦୁଇ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅଧିନ ମହୁ ଗ୍ରାମର ସ୍ୱର୍ଗତ ପଦ୍ମନାଭ ଆଚାର୍ଯ୍ୟଙ୍କ ପୁଅ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ବାରମ୍ବାର ଅଭିଯୋଗ କରିଆସୁଥିଲେ। ତେଣୁ ପୂର୍ତ୍ତ ବିଭାଗର କ୍ୱାଲିଟି କଣ୍ଟ୍ରୋଲ ଡିଭିଜନ ନିର୍ବାହୀ ଯନ୍ତ୍ରୀ ପଙ୍କଜ ନାୟକଙ୍କ ନେତୃତ୍ୱରେ ଏକ ବୈଷୟିକ ଟିମ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗକାରୀ ଶ୍ରୀ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ସେହି ରାସ୍ତାର ବିଭିନ୍ନ ସ୍ଥାନରୁ ନମୂନା ସଂଗ୍ରହ କରି ଫେରିଯାଇଛନ୍ତି। ସେହି ନମୂନା ଲାବରୋଟୋରୀରେ ପରୀକ୍ଷା କରାଯିବା ପରେ ତାର ରିପୋର୍ଟ ପୂର୍ତ୍ତ ବିଭାଗକୁ ପ୍ରଦାନ କରାଯିବ। ରିପୋର୍ଟ ମିଳିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହାକାଳପଡା ପୂର୍ତ୍ତ ସବଡିଭିଜନର ସହକାରୀ ଯନ୍ତ୍ରୀ ଦୈତାରୀ ଟୁଡୁ କହିଛନ୍ତି। ଅଭିଯୋଗ ଅନୁଯାୟୀ ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ କରଞ୍ଜ ଠାରୁ ଦହିମାଛ ମାତ୍ର ଦୁଇ କିଲୋମିଟର ରାସ୍ତା ଛଅ କୋଟି ୬୭ ଲକ୍ଷ ୭୭ହଜାର ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମାଣ କରାଯାଇଥିଲା। ଠିକାଦାର ସେହି ରାସ୍ତାରେ ନିମ୍ନମାନର କାର୍ଯ୍ୟ କରିଥିବାରୁ କାମ ଶେଷ ହେଉ ହେଉ ଗୋଡ଼ି ଉଠି ଯାଇ ରାସ୍ତାରେ ଖାଲଖମା ହୋଇଗଲା। ଏ ସମ୍ପର୍କରେ ସୂଚନା ଅଧିକାରକର୍ମୀ ଶ୍ରୀ ଆଚାର୍ଯ୍ୟ ସୂଚନା ଅଧିକାର ଆଇନରେ ତଥ୍ୟ ପାଇଁ ଆବେଦନ କରିବା ପରେ ରାସ୍ତା କାମରେ ହୋଇଥିବା ଦୁର୍ନୀତିକୁ ଚପାଇବାକୁ ଯାଇ ବିଭାଗ ପକ୍ଷରୁ ଅଧାପନ୍ତରିଆ ସୂଚନା ସହିତ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରାଯାଇଥିଲା। ଫଳରେ ଶ୍ରୀ ଆଚାର୍ଯ୍ୟ କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନ-୨ର ଅଧୀକ୍ଷଣଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଆବଶ୍ୟକ ପଦକ୍ଷେପ ଗ୍ରହଣ କରାନଯିବାରୁ ସେହି ଦୁର୍ନୀତି ପ୍ରତିବାଦରେ ଶ୍ରୀ ଆଚାର୍ଯ୍ୟ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିରେ କରଞ୍ଜ ଠାରୁ ଦହିମାଛ ଭାୟା ଗୋଖାପଡ଼ା ପୂର୍ତ୍ତ ବିଭାଗ ରାସ୍ତା ଅତି ନିମ୍ନମାନର କାର୍ଯ୍ୟ ଉପରେ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ଦାବି ସହ ନିମ୍ନମାନର କାର୍ଯ୍ୟରେ ସଂପୃକ୍ତ ସମସ୍ତ ଦୋଷୀ( ସରକାରୀ ଅଧିକାରୀ ଓ ଠିକାଦାର)ଙ୍କ ଉପରେ ଆଇନଗତ ଆଇଗତ କାର୍ଯ୍ୟାନୁଷ୍ଠାନ ଦାବି କରି ଧାରଣାରେ ବସିଥିଲେ। ତେଣୁ ପୂର୍ତ୍ତ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପୂର୍ବକ ପ୍ରଥମେ ରାସ୍ତାର ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ମିଳିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ନମୂନା ସଂଗ୍ରହ ସମୟରେ ଶ୍ରୀ ଆଚାର୍ଯ୍ୟଙ୍କ ସହ ମାନସରଞ୍ଜନ ଆଚାର୍ଯ୍ୟ, ସୁମନ୍ତ ସେଠୀ, ଜନକର ଜେନା, ସୁମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବାହୁଦା ସାଟେଲାଇଟ୍ ପରିଦର୍ଶନରେ ବନ୍ଦର କର୍ତ୍ତୃପକ୍ଷ



**ପାରାଦୀପ, ୨୦।୩/ଏନ୍ଏନ୍ଏସ୍:** ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ପ୍ରସ୍ତାବିତ ବାହୁଦା ସାଟେଲାଇଟ୍ ବନ୍ଦରର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଏହାର ନେତୃତ୍ୱ ଆଜି ଚିକିଟିରେ ପ୍ରକଳ୍ପ ସ୍ଥାନର ପ୍ରଥମ ଅନ୍-ଗ୍ରାଉଣ୍ଡ ନିରୀକ୍ଷଣ କରିଛି। ପି.ଏଲ୍. ହରଣାଧ,ଆଇଆର୍‌ଟି ଏସ୍, ଅଧ୍ୟକ୍ଷ ଏବଂ ଟି. ଭେଣୁ ଗୋପାଳ, ଉପାଧ୍ୟକ୍ଷ ବୋର୍ଡ ସଦସ୍ୟ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସହିତ ଏହି ଗସ୍ତର ନେତୃତ୍ୱ ନେଇଥିଲେ। ଏହା ସେପ୍ଟେମ୍ବର ୨୦୨୬ରେ ସବୁଜ କ୍ଷେତ୍ର ଗଭୀର ସମୁଦ୍ର ବନ୍ଦରର ବିକାଶ ପାଇଁ ସ୍ୱାକ୍ଷରିତ ବୁଝାମଣାପତ୍ର ପରେ ଅନ୍-ସାଇଟ୍ କାର୍ଯ୍ୟକଳାପର ଆରମ୍ଭ। ୨୧୫୦୦ କୋଟି ଟଙ୍କାର ଯୋଜନାବଦ୍ଧ ନିବେଶ ସହିତ, ବାହୁଦା ସାଟେଲାଇଟ୍ ବନ୍ଦର ଓଡ଼ିଶାର ସାମୁଦ୍ରିକ କ୍ଷମତା ବୃଦ୍ଧି କରିବା ଏବଂ ଭାରତର ବର୍ଦ୍ଧିତ ବାଣିଜ୍ୟ ଆବଶ୍ୟକତାକୁ ସମର୍ଥନ କରିବା ପାଇଁ ପ୍ରସ୍ତୁତ। ଏହି ବନ୍ଦରକୁ ବଡ଼ ଜାହାଜ ପରିଚାଳନା, ମାଲ ପରିବହନକୁ ସୁଗମ କରିବା ଏବଂ ପୂର୍ବ ଉପକୂଳରେ ଥିବା ବନ୍ଦର ଗୁଡ଼ିକରେ ଭିଡ଼ କମ କରିବା ପାଇଁ ଡିଜାଇନ୍ କରାଯାଉଛି। ପରିଦର୍ଶନ ସମୟରେ ଦଳ ସ୍ଥାନର ସ୍ଥିତି ମୂଲ୍ୟାଙ୍କନ କରିଥିଲା। ଏବଂ ଭିତ୍ତିଭୂମି ଯୋଜନା ସଂଯୋଗୀକରଣ ଏବଂ ପର୍ଯ୍ୟାୟବଦ୍ଧ ବିକାଶ ଭଳି ପ୍ରମୁଖ ଦିଗଗୁଡ଼ିକ ଉପରେ ଆଲୋଚନା କରିଥିଲା। ଏହି ପ୍ରକଳ୍ପ ସମଗ୍ର ଅଞ୍ଚଳରେ ଦୃଢ଼ ଶିଳ୍ପ ସଂଯୋଗୀକରଣ ସୃଷ୍ଟି କରିବା ସହିତ ଲଜିଷ୍ଟିକ୍ସ ଦକ୍ଷତାରେ ଉନ୍ନତି ଆଣିବାର ଆଶା କରାଯାଉଛି। ଏହି ବିକାଶ ଚିକିଟି ଏବଂ ଆଖପାଖ ଅଞ୍ଚଳରେ ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ମଧ ଆଶା କରାଯାଉଛି। ଯାହା ରାଜ୍ୟର ଆର୍ଥିକ ପ୍ରଗତିରେ ଯୋଗଦାନ ଦେବ। ଏହି ଅବସରରେ ଅଧ୍ୟକ୍ଷ ପି.ଏଲ୍. ହରଣାଧ କହିଥିଲେ ଯେ, ଏହି ସ୍ଥାନ ପରିଦର୍ଶନ ପ୍ରକଳ୍ପକୁ ସରଞ୍ଚିତ ଏବଂ ସମୟସୀମା ମଧ୍ୟରେ ଆଗକୁ ବଢ଼ାଇବା ପାଇଁ ପିପିଏର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ବାହୁଦା ସାଟେଲାଇଟ୍ ବନ୍ଦର ଜାତୀୟ ଏବଂ ବିଶ୍ୱ ବାଣିଜ୍ୟରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ପରିଦର୍ଶନ ପରେ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଅଧିକ ବୈଷୟିକ ଅଧ୍ୟୟନ, ବୈଧାନିକ ମଞ୍ଜୁରୀ ଏବଂ ବିସ୍ତୃତ ଯୋଜନା କାର୍ଯ୍ୟକଳାପ କରାଯିବ। ଦେଶର ଦୀର୍ଘକାଳୀନ ସାମୁଦ୍ରିକ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଆଧୁନିକ, ଦକ୍ଷ ଏବଂ ସ୍ଥାୟୀ ବନ୍ଦର ଭିତ୍ତିଭୂମି ବିକାଶ କରିବାକୁ ପ୍ରତିବଦ୍ଧ।

# ପାଣି କୁଣ୍ଡରୁ କୁଟୁରା ଉଦ୍ଧାର

**ପରଜଙ୍ଗ, ୨୦।୩/ଏନ୍ଏନ୍ଏସ୍:** ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ବିଟ ଅନ୍ତର୍ଗତ ପରଜଙ୍ଗ ଅସ୍ଥାୟୀ ମଣ୍ଟେକାଲ୍ସ କମ୍ପାନୀରେ ଥିବା ନିର୍ମିତ ପାଣି କୁଣ୍ଡରୁ କ୍ଷତ ବିକ୍ଷତ ଅବସ୍ଥାରେ ଏକ କୁଟୁରା ଉଦ୍ଧାର କରାଯାଇଛି। ବନବିଭାଗ ସୂତ୍ରରୁ ପ୍ରକାଶ ଗୁରୁବାର ଅପରାହ୍ନ ସମୟରେ ଜଙ୍ଗଲରୁ ପାଣି ପିଇବାକୁ ଆସି ନିକଟରେ ଥିବା କମ୍ପାନୀର ପାଣି କୁଣ୍ଡରେ ପଡ଼ି ଯାଇଥିବା ଆଶା କରାଯାଉଛି। ପାଣି କୁଣ୍ଡଟି ଗଭୀର ଥିବାରୁ କୁଟୁରାଟି ବାହାରକୁ ବାହାରି ପାଇଁ ଚେଷ୍ଟା କରି କ୍ଷତ ବିକ୍ଷତ ହୋଇଯାଇଛି। କୁଣ୍ଡର ପାଣିର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଯାଇ ଦେଖିଲେ ଏକ କୁଟୁରା ପାଣିରେ ପଡ଼ି ଏପାଖ ସେପାଖ ଡେଉଁଛି। ସଙ୍ଗେ ସଙ୍ଗେ ଟୋଲ୍‌ଫ୍ରି ନଂ ୧୧୨କୁ ଫୋନ୍ କରିବାରୁ ପରଜଙ୍ଗ ଅଗ୍ନିଶମ ବିଭାଗର ମୁଖ୍ୟ ଅଗ୍ନି ଯୋଦ୍ଧା ଶ୍ରୀଧର ସ୍ୱାଇଁ ଓ ଅଗ୍ନିଶମ ବାହିନୀ ପହଞ୍ଚି ପାଣି କୁଣ୍ଡରୁ କ୍ଷତ ବିକ୍ଷତ ଅବସ୍ଥାର କୁଟୁରାକୁ ଉଦ୍ଧାର କରିଥିଲେ। ପରେ ଡିହଡୋଳ ଫରେଷ୍ଟ ବିଟ୍‌କୁ ଫୋନ୍‌ଯୋଗେ ଜଣାଇଥିଲେ। ଖବରପାଇ ତୁରନ୍ତ ଫରେଷ୍ଟର ଚନ୍ଦ୍ରମଣି ବେହେରା ଓ ସହକାରୀମାନେ ପହଞ୍ଚି ପରଜଙ୍ଗ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ତାପସ ରଞ୍ଜନ ପ୍ରଧାନ ଓ ପ୍ରାଣୀ ଚିକିତ୍ସିକା ସୋନାଲି ପଣ୍ଡା ପ୍ରାଥମିକ ଚିକିତ୍ସା କରିଥିଲେ। କୁଟୁରାର ବୟସ ପ୍ରାୟ ୨ ବର୍ଷ ହେବ ବୋଲି ଜଣାପଡ଼ିଛି। ପରେ ଫରେଷ୍ଟର ଓ ଟିମ୍ କୁଟୁରାକୁ ନେଇ କପିଳାସ ଚିଡ଼ିଆଖାନାରେ ଛାଡିଥିବା ଜଣାପଡ଼ିଛି।

# ଦୋକାନରେ ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ

**ଧର୍ମଶାଳା, ୨୦।୩/ଏନ୍ଏନ୍ଏସ୍:** ଧର୍ମଶାଳା ତହସିଲ୍ ଅନ୍ତର୍ଗତ ଶାନ୍ତି ବଜାରରେ ଥିବା ଏକ ଇଲୋକ୍ଟ୍ରୋନିକ୍ସ ରିପ୍ୟାରିଂ ଦୋକାନରେ ଆଜି ଭୋର ସମୟରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ମଣିନାଥପୁର ଗ୍ରାମର ମହମ୍ମଦ କାଦିର କିଛି ବର୍ଷ ହେଲା ଶାନ୍ତି ବଜାରରେ ଏକ ରିପ୍ୟାରିଂ ଦୋକାନ ଖୋଲି ଏଲଇଡି ଟିଭି, ଫ୍ରିଜ୍, କୁଲର, ଏସି ଆଦି ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ରିପ୍ୟାରିଂ କରୁଥିଲେ। ତେବେ ଆଜି ଭୋରୁ ତାଙ୍କ ଦୋକାନରୁ ଧୂଆଁ ବାହାରୁଥିବା ଲୋକେ ଦେଖି ତାଙ୍କୁ ଫୋନ୍ କରି ଜଣାଇଥିଲେ। ଖବରପାଇ ଦୋକାନୀ ଜଣକ ସେଠାରେ ପହଞ୍ଚିବା ବେଳକୁ ଦୋକାନରେ ଭୀଷଣ ନିଆଁ ଜଳୁଥିଲା। ଚଣ୍ଡିଖୋଲ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତଥିଖଲ।

# ମା' ବୁଢ଼ୀ କାମୁଣ୍ଡେଇ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା



**ପରଜଙ୍ଗ, ୨୦।୩/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ରେଣ୍ଟାପାଟ ପଞ୍ଚାୟତ ଅଧିନସ୍ଥ ପାଣିଭଣ୍ଡାର ଗାଁରେ ନବନିର୍ମିତ ମା'ବୁଢ଼ୀ କାମୁଣ୍ଡେଇ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଲାଗି ପାଣିଭଣ୍ଡାର ଗାଁ ଉତ୍ସବମୁଖର ହୋଇପଡ଼ିଛି। ମନ୍ଦିର ପ୍ରତିଷ୍ଠା ବେଶ ଆଡମ୍ବର ସହକାରେ ପାଳିତ ହେଉଛି। ମନ୍ଦିର ପ୍ରତିଷ୍ଠା ଲାଗି ୧୮ ତାରିଖ ଦିନ ସକାଳୁ ବିଶାଳ କଳସ ଶୋଭାଯାତ୍ରା ଦେଖିବାକୁ ମିଳିଥିଲା। ଗାଁ ଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଅବସ୍ଥିତ ବ୍ରାହ୍ମଣୀ ନଦୀ କୂଳରେ ଗାଁର ହଜାର ହଜାର ସଂଖ୍ୟକ ମହିଳା ଓ ପୁରୁଷମାନେ ନୂଆ ଲୁଗା ପରିଧାନ କରି ପହଞ୍ଚି ଥିଲେ। ନଦୀ କୂଳରେ ପୂଜକ ପୂଜାର୍ଚ୍ଚନା ସାରିବା ପରେ ବ୍ରାହ୍ମଣୀ ନଦୀରୁ ଜଳପୂର୍ଣ୍ଣ କଳସ ଧରି ଗାଁ ଅଭିମୁଖେ କଳସ ଶୋଭାଯାତ୍ରା ବାହାରିଥିଲା। ହରିବୋଲ ହୁଳହୁଳିରେ ଗାଁରେ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହା ସାଙ୍ଗକୁ କଳସ ଶୋଭାଯାତ୍ରା ସମୟରେ ଗାଁ ଦାଣ୍ଡରେ ମହିଳାମାନଙ୍କ ବନ୍ଦାପନା ଦୃଶ୍ୟ ସ୍ୱତନ୍ତ୍ର ନିଆରା ରହିଥିଲା। ଗାଁରେ କଳସ ଶୋଭାଯାତ୍ରା ପରିକ୍ରମା ସାରି ମନ୍ଦିରରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ମଙ୍ଗଳବାର ଅପରାହ୍ନ ସମୟରେ ଅଙ୍କୁରା ରୋପଣ କରାଯାଇଥିବା ବେଳେ ବୁଧବାର ପୂର୍ବାହ୍ନ ସମୟରେ କଳସ ଯାତ୍ରା, ମଣ୍ଡଳକରଣ, ଅଧିବାସ ଓ ଧାନାଦିବାସ ପ୍ରଭୃତି କାର୍ଯ୍ୟକ୍ରମ ରହିଥିବାବେଳେ ୨୦ ତାରିଖ ଶୁକ୍ରବାର ମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ପୂର୍ଣ୍ଣାହୁତି ଦିଆଯାଇଛି। ପୂଜକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋମ ଯଜ୍ଞ ଜାରି ରଖୁଥିବା ବେଳେ ଅକ୍ଷୟ କୁମାର ରାଉତ, ସହଧର୍ମିଣୀ ସୁଲୋଚନା ଦେବୀ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପୂର୍ବତନ ସାଂସଦ ମହେଶ ସାହୁ ଓ ଢେଙ୍କାନାଳ ଜିଲ୍ଲା ବିଜେପି ଉପସଭାପତି ସନ୍ତୋଷ କୁମାର ରାଉତ ଓ ପରଜଙ୍ଗ ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନି ରାଉତ ଉପସ୍ଥିତ ରହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସମସ୍ତ ପ୍ରକାର ସହଯୋଗ କରିଥିଲେ।

**AFFIDAVIT**

By virtue of an affidavit sworn before Notary Public, Balliguda dated 17.03.2026, I **Pshrabankumar Pradhan**, aged about 18 years, Son of Janak Pradhan of Village-Brindapada, P.O- Lakebadi, P.S-Sarangada, Dist- Kandhamal, PIN- 762102, Odisha have changed my name from "**Pshrabankumar Pradhan**" to "**Sraban Kumar Pradhan**", and henceforth I shall be known as "**Sraban Kumar Pradhan**" for all purpose.

# ତୃତୀୟ ଦିବସରେ ବୈତରଣୀ ଆଳତୀ



**ଯାଜପୁର, ୨୦।୩/ଏନ୍ଏନ୍ଏସ୍:** 'ଯଯାତି-୨୦୨୬' ଏବଂ 'ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା'ର ଆଜି ଶୁଭାରମ୍ଭ ପୂର୍ବରୁ ପବିତ୍ର ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ତୃତୀୟ ଦିବସର ଭବ୍ୟ 'ବୈତରଣୀ ମହାଆଳତି' ଅନୁଷ୍ଠିତ ହୋଇଯାଇଛି। ବୈଦିକ ମନ୍ତ୍ରୋଚାରଣ ମଧ୍ୟରେ ବୈତରଣୀ ତଟ ଏକ ଅପୂର୍ବ ଆଧ୍ୟାତ୍ମିକ ଶୋଭା ଧାରଣ କରିବା ସହ ଜିଲ୍ଲାର ପ୍ରାଚୀନ ଗୌରବକୁ ପୁଣି ଥରେ ପ୍ରତିଫଳିତ କରିଛି। ଏହି ଅବସରରେ ସ୍ଥାନୀୟ ଗଙ୍ଗେଶ୍ୱର ଶିବ ମନ୍ଦିରରୁ ଏକ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ପାରମ୍ପରିକ ଘୋଡ଼ା ନାଚ, ମୃଦଙ୍ଗର ତାଳ ଏବଂ ଘଣ୍ଟ ଧ୍ୱନିରେ ସମଗ୍ର ପରିବେଶ ଉତ୍ସବମୁଖର ହୋଇ ଉଠିଥିଲା। ମାଆ ବୈତରଣୀ ନଦୀ ନିକଟରେ ଶାସ୍ତ୍ରୀୟ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ଜିଲ୍ଲାର ଶାନ୍ତି, ସମୃଦ୍ଧି ଓ ସାମଗ୍ରିକ ମଙ୍ଗଳ ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନ୍‌ଗୋଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ମହିଳାମାନେ ଯୋଗ ଦେଇଥିଲେ।

**ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ପାଟଣାଗଡ**

**ନିଲାମ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି, ପାଟଣାଗଡ ସବଡିଭିଜନ, ଜିଲ୍ଲା ବଲାଙ୍ଗିରର ନିମ୍ନଲିଖିତ ଫାର୍ମ ଓ ନର୍ସରୀ ମାନଙ୍କରେ ଥିବା ଫଳନ୍ତି ଆମ୍ବଗଛର ନିଲାମ ପାଇଁ ୨୦୨୫-୨୬ ବର୍ଷରେ ଇଚ୍ଛୁକ ବ୍ୟକ୍ତି ମାନଙ୍କଠାରୁ ନିଲାମ ପତ୍ର ଆହ୍ୱାନ କରାଯାଉଅଛି । ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଏବଂ ସର୍ତ୍ତାବଳୀ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ୧୦୦ ଟଙ୍କା (ଶହେ ଟଙ୍କା) ମାତ୍ର ବଦଳରେ ସରକାରୀ କାର୍ଯ୍ୟ ଦିବସରେ ମିଳିପାରିବ । ଆଗ୍ରହୀ ବ୍ୟକ୍ତି ନିଲାମ ପତ୍ରଗୁଡିକ ଟେଣ୍ଡର ମୂଲ୍ୟ ସହ ଅମାନତ ଜମା ବାବଦକୁ ଟଙ୍କା ନିମ୍ନ ପ୍ରଦତ୍ତ ସାରଣୀ ଅନୁସାରେ ବ୍ୟାଙ୍କ ଡ୍ରାଫ୍ଟ (ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ପାଟଣାଗଡ) ରେ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପାଟଣାଗଡ ଙ୍କ ନାମରେ ଦାଖଲ କରିବେ । ଏହି ଜଉମୁଦ ଦିଆ ଟେଣ୍ଡର ଆସନ୍ତା ତା ୩୦-୦୩-୨୦୨୬ ଲିଖ ଅପରାହ୍ନ ୩ ଘଟିକା ସୁଦ୍ଧା ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ସେହି ଦିନ ଅପରାହ୍ନ ୫ ଘଟିକା ସମୟରେ ନିଲାମ ପତ୍ର ଦାଖଲ କରିଥିବା ବ୍ୟକ୍ତି କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଗଠନ କରାଯାଇଥିବା ଟେଣ୍ଡର କମିଟିଙ୍କ ସମ୍ମୁଖରେ ଖୋଲଯାଇ ସର୍ବାଧିକ ନିଲାମ ରାଶି ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ବିଚାରକୁ ନିଆଯିବ । ଇଚ୍ଛୁକ ବ୍ୟକ୍ତି ଯେ କୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟାଳୟ ସମୟସୀମା ମଧ୍ୟରେ ଫାର୍ମ ଦ୍ୱାୟିତ୍ୱରେ ଥିବା ଅଧିକାରୀଙ୍କ ଅନୁମତି କ୍ରମେ ଫାର୍ମ ବୁଲି ଦେଖିପାରିବେ ।

**ନିଲାମ ହେବାକୁ ଥିବା ଫାର୍ମର ବିବରଣୀ**

| କ୍ରମି ନଂ | ଫାର୍ମର ନାମ | ଠିକଣା | ଅମାନତ ରାଶି | ଫଳ ଗଛ ନାମ |
|---|---|---|---|---|
| ୧ | S.S.O. ହରିଶଙ୍କର | ନାନ୍ଦୁପାଲା, ଖପ୍ରାଖୋଲ | ୫୦୦୦ | ଆମ୍ବ |
| ୨ | T. ନର୍ସରୀ ପାଟଣାଗଡ | କୃଷ୍ଣମାକାନା, ପାଟଣାଗଡ | ୧୦୦୦ | ଆମ୍ବ |
| ୩ | B.L ନର୍ସରୀ. ବେଲପଡା | ବେଲପଡା | ୧୦୦୦ | ଆମ୍ବ |

ସ୍ୱା/-ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ
ପାଟଣାଗଡ଼

OIPR-1001/1416/1/25-26/0001 1001/68/2526

# ରୂପା ସହରରେ ପଖାଳ କଂସା

## ଜିଲ୍ଲାସ୍ତରୀୟ ପଖାଳ ପରବ



**କଟକ,୨୦।୩/ଏନ୍‌ଏନ୍‌ଏସ୍:** 'ପଖାଳ ଦିବସ' ଅବସରରେ ପାରମ୍ପରିକ ଖାଦ୍ୟ ପଖାଳର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ସହ ଏହି ସ୍ଥାନୀୟ ଖାଦ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପାଳନ କରାଯାଇଛି 'ପଖାଳ ପରବ'। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ଭାବେ ପାଳନ କରାଯାଉଥିବାବେଳେ କଟକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲଠାରେ ଜିଲ୍ଲାସ୍ତରୀୟ 'ପଖାଳ ପରବ' ପାଳନ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ, ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପନିର୍ଦ୍ଦେଶକ ଜିଲ୍ଲା ପର୍ଯ୍ୟଟନ ବିଭାଗ ସୁଜାତା ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଜିଲ୍ଲାର ବହୁ ଅଧିକାରୀ, କର୍ମଚାରୀ ଓ ଜିଲ୍ଲାର ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷ ଯୋଗ ଦେଇ ରାଜ୍ୟସ୍ତରୀୟ ପଖାଳ ପରବର ସିଧା ପ୍ରସାରଣ ଦେଖିଥିଲେ।

## ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟ



କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ 'ବିଶ୍ୱ ପଖାଳ ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ କଂଗ୍ରେସ୍ ନେତା ତଥା ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ମାନସ ଚୌଧୁରୀଙ୍କ ଆବାହକତ୍ୱରେ ଏକ ବନ୍ଧୁ ମିଳନର ଆୟୋଜନ କରାଯାଇଥିଲା। କଟକ ସହରର ପ୍ରାୟ ଚାରିଶହରୁ ଊର୍ଦ୍ଧ୍ୱ ପ୍ରମୁଖ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କୁ ନେଇ ଏହି ସାମୁହିକ ପଖାଳ ଭୋଜନ ହୋଇଥିଲା। ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ହେଉଛି ପଖାଳ। ଜଗନ୍ନାଥ ସଂସ୍କୃତିରେ ମଧ୍ୟ ପ୍ରଭୁ ଜଗନ୍ନାଥ ପଖାଳ ଖାଇଥାନ୍ତି। ଗ୍ରୀଷ୍ମ ପ୍ରବାହରେ ପଖାଳ ଖାଇଲେ ଦେହ ଓ ମନ ଥଣ୍ଡା ରହେ। ଆଉ ଥଣ୍ଡା ମନରେ ଯେଉଁ କାର୍ଯ୍ୟ କରାଯାଏ ସେହି କାର୍ଯ୍ୟ ସଫଳ ହୁଏ। ତେଣୁ ଓଡ଼ିଆ ଖାଦ୍ୟ ପରମ୍ପରା ଅନୁଯାୟୀ ସମସ୍ତେ ଏ ଗ୍ରୀଷ୍ମ ପ୍ରବାହରେ ନିଶ୍ଚିତ ପଖାଳ ଖାଇବାକୁ ଆହ୍ୱାନ ଦିଆଯାଇଥିଲା। ଏଥିସହିତ ପଖାଳ ଦିବସ ନାଆଁରେ ସମସ୍ତ କଂଗ୍ରେସ କର୍ମୀ ଯୋଗଦେଇ କଟକ ସହରରେ କଂଗ୍ରେସ ଏକାଠି ରହିଛି ବୋଲି ଏକ ବାର୍ତ୍ତା ଦେଇଥିଲେ। କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, କଂଗ୍ରେସ ନେତା ବିଭୂତି ମିଶ୍ର, ବିଶ୍ୱଜିତ୍ ମହାନ୍ତି, କଟକ ସଦର କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ, କଂଗ୍ରେସ ନେତା ସାନ୍ତାୟାନ୍ ମିଶ୍ର, ବିଶ୍ୱଜିତ୍ ଦାସ, କର୍ପୋରେଟର ଜେ.କାମେଶ୍ୱର ରାଓ,ସନ୍ତୋଷ ଭୋଳ, ଶୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡ଼ା, ବଟକୃଷ୍ଣ ସାହୁ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ, ଜିଲ୍ଲା କଂଗ୍ରେସ ଉପସଭାପତି ଶିଶିର ରଥ, ରାଜେଶ୍ ସ୍ୱାଇଁ, ମନୋଜ ବିଶ୍ୱାଳ, ନଗର (ଜିଲ୍ଲା)କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ଉପସଭାପତି ରାଜେନ୍ଦ୍ର ପଟ୍ଟନାୟକ, ପିସିସି ମିଡିଆ ପାନେଲିଷ୍ଟ ଅମ୍ରିତା ଦାସ, ପ୍ରାକ୍ତନ କର୍ପୋରେଟର ଅରୁଣ ସେଠୀ, ବୈଶାଳୀ ବେହେରା, ପ୍ରଶାନ୍ତ ଭୋଇ, ପିସିସି ପ୍ରାକ୍ତନ ସମ୍ପାଦକ ନାରାୟଣ ଜେନା, ନଗର ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟ, ଛାତ୍ରନେତା ହରିଶଙ୍କର ରାଉତ୍, ବରିଷ୍ଠ ନେତ୍ରୀ ତୃପ୍ତି ଦାସ, କଂଗ୍ରେସ ନେତା ପ୍ରଦୀପ ପ୍ରଧାନ, ନିର୍ମଳ ସ୍ୱାଇଁ, ବ୍ଲକ୍ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରା, ପ୍ରଶାନ୍ତ ବେହେରା, ଜ୍ଞାନେଶ୍ବର ଦାସ, ବିପନ୍ ପଶାୟତ, ଆଶୁତୋଷ ବରାଳ, ଶିଶିର ମିଶ୍ର, ନାରୀନେତ୍ରୀ ବିଶ୍ୱ କଲ୍ୟାଣୀ କର, ଚତୁର୍ଭୁଜ ସାହାଣୀ, ଜିଲ୍ଲା ମହିଳା ସଭାନେତ୍ରୀ ପ୍ରୀତିଛନ୍ଦା ନାୟକ, କାଉନସିଲର ମନୋରଞ୍ଜନ ପଟ୍ଟନାୟକ, ଆଡ୍‌ଭୋକେଟ୍ ଆକାଶ ଭୂୟାଁ, ଚୌଦ୍ୱାର ନଗର ସଭାପତି ବିଜୟ ବେହେରା, ରାଜୀବ ମହାନ୍ତି, ଦିଲ୍ଲୀପ ମହାନ୍ତି, ଯୁବନେତା ଲିପୁଲ୍ ରାଉତ୍, ସୌମେନ୍ଦ୍ର ମହାନ୍ତି, ବିଷ୍ଣୁଚରଣ ମଲ୍ଲ, ଦିଲ୍ଲୀପ ଦଳାଇ, ଶିବ ଅଗ୍ରୱାଲ, ପ୍ରତୀକ ନାୟକ, ଅନୀଲ ବେହେରା, ଯୁବନେତା ରାଜ ଶିଖନ ସ୍ୱାଇଁ, ଉଗ୍ରସେନ ଭୂୟାଁ, ଗୋକୁଳ ସିହ୍ନା, ଜୟ ନାରାୟଣ ତ୍ରିପାଠୀ, ପ୍ରକାଶ ମୁଦୁଲି, ଦୀପକ ସାହୁ ଓ ଅଜୟ ଦାସ ପ୍ରମୁଖ ଯୋଗଦେଇଥିଲେ।

## ମେୟର୍ ସୁବାସ ସିଂହଙ୍କ ଆବାସ



ବିଶ୍ୱ ପଖାଳ ଦିବସ ଉପଲକ୍ଷେ ମେୟର୍ ସୁବାସ ସିଂହ ତାଙ୍କ ସରକାରୀ ଆବାସଠାରେ 'ପଖାଳ ଦିବସ' ପାଳନ କରିଛନ୍ତି। ଏହି ଦିବସକୁ ବ୍ୟାପକ ରୂପରେଖ ଦେବା ଓ ଓଡ଼ିଶାର ପାରମ୍ପାରିକ ଖାଦ୍ୟ ପଖାଳର ଆଦୃତି ବଢ଼ାଇବା ପାଇଁ ମେୟର ଶ୍ରୀ ସିଂହଙ୍କର ଏହା ଥିଲା ଏକ ଛୋଟ ପ୍ରୟାସ। ଏହି ଅବସରରେ ମେୟର ଶ୍ରୀ ସିଂହଙ୍କ ସହିତ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ବିଶିଷ୍ଟ ସାହିତ୍ୟିକ ବିଜୟାନନ୍ଦ ସିଂ, ବ୍ରଜ ନନ୍ଦ, ସମାଜର ପୂର୍ବତନ ସମ୍ପାଦକ ଡ.ସତ୍ୟ ରାୟ ଓ ପ୍ରଭାସ ଆଚାର୍ଯ୍ୟ, ବିଶିଷ୍ଟ ଚିକିତ୍ସକ ଡ ଜୟନ୍ତ ପଣ୍ଡା, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, କଟକ ମହାନଗର ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ସିହ୍ନା, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ, ନିରଞ୍ଜନ ସାହୁ, ସୁରେଶ ସାହୁ, ସୁରେଶ ମହାପାତ୍ର, କିଶୋର ଜେନା, ସ୍ମୃତି ପଟ୍ଟନାୟକ, ଲଲାଟେନ୍ଦୁ ବଡୁ, ପ୍ରଫୁଲ୍ଲ ସିଂହ, ପ୍ରଶାନ୍ତ ନାୟକ, ଚିତ୍ତ ରଞ୍ଜନ ମହାନ୍ତି, ଦେବେନ୍ଦ୍ର ସୁତାର, ଦମୟନ୍ତୀ ମାଝୀଙ୍କ ସମେତ ସିଏମସିର ସମସ୍ତ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଓ ଅଧକ୍ଷା, ସମସ୍ତ କର୍ପୋରେଟର୍ ଓ ବିଜେଡିର ସମସ୍ତ ୱାର୍ଡ଼ ସଭାପତି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ଭୀମରାଜପୁରରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ

**କଟକ,୨୦।୩/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଜଗତପୁର ଥାନା ଅନ୍ତର୍ଗତ ସତ୍ୟଭାମାପୁର ନିକଟସ୍ଥ ଭୀମରାଜପୁର ଗ୍ରାମର ଶ୍ରୀ ଶ୍ରୀ ବାଣେଶ୍ୱର ମହାଦେବଙ୍କ ପୀଠରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ପ୍ରକାଶ ସ୍ୱାଇଁ (ପପୁ)ଙ୍କ ଆବାହକତ୍ୱରେ ଏହି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ତିନିଦିନ ବ୍ୟାପୀ ଆୟୋଜିତ ଏହି ମହାଯଜ୍ଞରେ ବିଭିନ୍ନ ଦିବସରେ ଅଙ୍କୁରୋପଣ, କଳସଯାତ୍ରା ଓ ପୂର୍ଣ୍ଣାହୂତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ କଳସ ଯାତ୍ରାରେ ଆଖପାଖ ଅଞ୍ଚଳର ଶତାଧିକ ମହିଳା ଯୋଗ ଦେଇଥିଲେ। ଏହି ଅବସରରେ ଦଧିନଉତିର ପୁନଃ ବ୍ରହ୍ମ ସ୍ଥାପନ ପାଇଁ ୧୦୦୮ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସୂଚନାଯୋଗ୍ୟ, ଏହି ପ୍ରାଚୀନ ମନ୍ଦିରର ଉଚ୍ଚତା ୪୨ ଫୁଟ ଓ ଗର୍ଭଗୃହର ପ୍ରସ୍ଥ ୨୮ ଫୁଟ ଓ ଦଧିନଉତିର ଉଚ୍ଚ ୨୨ଫୁଟ ରହିଛି। ବହୁବର୍ଷ ଧରି ଏହି ପୁରୁଣା ମନ୍ଦିରରେ କୌଣସି ଯଜ୍ଞ କାର୍ଯ୍ୟ ହୋଇନଥିଲା। ଚଳିତ ବର୍ଷ ବାଣେଶ୍ୱର ମହାଦେବଙ୍କ କୃପା ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି।

## ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା

# ପ୍ରଶାସନିକ ସେବାରେ ବ୍ୟବହାର ହେବ 'ଏଆଇ'



**କଟକ,୨୦।୩/ଏନ୍‌ଏନ୍‌ଏସ୍:** ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର କରି ଜିଲ୍ଲାର ଜନସାଧାରଣଙ୍କୁ କିପରି ଉନ୍ନତମାନର ସେବା ଯୋଗାଇ ଦିଆଯିବ ସେ ନେଇ ଏକ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହ ପରିସରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଶିନ୍ଦେ କହିଥିଲେ ଯେ ଆଜିର ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ବଢ଼ି ବଢ଼ି ଚାଲିଛି। ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବହୁ ଆବଶ୍ୟକତା ରହିଛି। ପ୍ରତ୍ୟେକ ବିଭାଗ ଏହି ଏଆଇକୁ ନିଜ କାର୍ଯ୍ୟଧାରାରେ ପ୍ରୟୋଗ କରି କାର୍ଯ୍ୟ ସମ୍ପାଦନ କରିବା ସହ କାର୍ଯ୍ୟକ୍ଷମତା ମଧ୍ୟ ବୃଦ୍ଧି କରିପାରିବେ ମାତ୍ର ଏହାକୁ ପ୍ରୟୋଗ କରିବା ବେଳେ ସତର୍କତା ଅବଲମ୍ବନ କରିବା ଜରୁରୀ। ଓକାକ୍ ସୌଜନ୍ୟରୁ ଓକେସିଏଲ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଆକାଶ ବେହେରା ଓ ଦେବାଶିଷ ରେଡ୍ଡୀ ତାଲିମଦାତା ଭାବେ ଯୋଗଦେଇ ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର ପାଇଁ ବିଭିନ୍ନ ଉପକରଣ (ଟୁଲ୍) ଗୁଡିକ ସମ୍ପର୍କରେ ବିଶଦ ଭାବରେ ଉପସ୍ଥାପନ କରିଥିଲେ। ପ୍ରଶାସନକୁ ଅଧିକ କାର୍ଯ୍ୟକ୍ଷମ, ପାରଦର୍ଶୀ ଓ ଲୋକାଭିମୁଖୀ କରିବାରେ ଏଆଇ ଯେପରି ଏକ ମୁଖ୍ୟ ମାଧ୍ୟମ ହୋଇପାରିବ, ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ପ୍ରଶାସନିକ କ୍ଷେତ୍ରରେ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତାର କିପରି ବିଭିନ୍ନ ଭୂମିକାରେ ବ୍ୟବହାର କରିବାକୁ ଉଦ୍ୟମୀ ହେବେ ସେଥିପାଇଁ ଏହି କର୍ମଶାଳାର ଆୟୋଜନ ହୋଇଥିଲା। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କମଳଜିତ୍ ଦାସ, ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଜିଲ୍ଲା ଇ - ଗଭର୍ନାନ୍ସ ମ୍ୟାନେଜର୍ କିଶୋର କୁମାର ଆଚାରୀ ଜିଲ୍ଲା କାର୍ଯ୍ୟାଳୟ ତରଫରୁ ଏହି କର୍ମଶାଳାରେ ବୈଷୟିକ ସହାୟତା କରିଥିଲେ।

## ମୁଖ୍ୟ ଶାସନ ସଚିବଙ୍କ ମାଓ ପ୍ରଭାବିତ ଅଞ୍ଚଳର ବିକାଶ କାର୍ଯ୍ୟ ସମୀକ୍ଷା

# 'ଗ୍ରାମୋଦୟ' ପଦକ୍ଷେପରେ ଶତ ପ୍ରତିଶତ ମୌଳିକ ସୁବିଧା ପ୍ରଦାନ ନିର୍ଦ୍ଦେଶ

**ଭୁବନେଶ୍ୱର,୨୦।୩/ଏନ୍‌ଏନ୍‌ଏସ୍:** ରାଜ୍ୟର ମାଓ ପ୍ରଭାବିତ ଅଞ୍ଚଳରେ ସାମଗ୍ରିକ ଉନ୍ନତି ପାଇଁ ଗତ ୨୦୨୪ ଅକ୍ଟୋବର ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ଗ୍ରାମୋଦୟ' ଭଳି ଅଭିନବ ପଦକ୍ଷେପ ନିଆଯାଇଥିଲା। ଏହି ପଦକ୍ଷେପରେ ସମ୍ପୃକ୍ତ ଅଞ୍ଚଳରେ ବିଭିନ୍ନ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମ କିପରି କାର୍ଯ୍ୟକାରୀ କରାଯାଉଛି, ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିଛନ୍ତି। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏ ସମ୍ପର୍କିତ ରାଜ୍ୟସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ସମସ୍ତ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଓ ହିତାଧିକାରୀଙ୍କୁ ଶତପ୍ରତିଶତ ଲକ୍ଷ୍ୟଭିତ୍ତିକ (ସାଚ୍ୟୁରେସନ୍ ମୋଡ୍)ରେ ସୁବିଧା କାର୍ଯ୍ୟକାରୀ କରିବାକୁ ସେ ବିଭିନ୍ନ ବିଭାଗଙ୍କୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ବିଭାଗମାନଙ୍କ ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ତଥ୍ୟ ପ୍ରଦାନ କରି ଆଲୋଚନା କରିଥିଲେ।

ମାଓ ପ୍ରଭାବିତ ଅଞ୍ଚଳରେ ସାମୂହିକ ଓ ପରିବାର ଭିତ୍ତିରେ ଜନକଲ୍ୟାଣକାରୀ ଯୋଜନା ଓ ମୌଳିକ ସୁବିଧାକୁ ସାଚ୍ୟୁରେସନ୍ ମୋଡ୍‌ରେ ଶତ ପ୍ରତିଶତ କାର୍ଯ୍ୟକାରୀ କରାଇ ସରକାର-ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ବିକାଶ ପ୍ରତି ପାରସ୍ପରିକ ଆସ୍ଥା ସ୍ଥାପନ କରିବା ଉଦ୍ଦେଶ୍ୟ ରଖି ଏହା ଆରମ୍ଭ କରାଯାଇଥିଲା। ଏହି ପଦକ୍ଷେପରେ ରାଜ୍ୟର ମାଓ ପ୍ରଭାବିତ ୧୦ ଟି ଜିଲ୍ଲାର ୩୯ ଟି ବ୍ଲକର ୧୯୨ ପଞ୍ଚାୟତରେ ୪୮୪ ଗ୍ରାମରେ ୫୭ ହଜାର ୨୯୬ ପରିବାରଙ୍କୁ ଚିହ୍ନଟ କରାଯାଇ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପଦକ୍ଷେପ ନିଆଯାଇଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ରହିଛନ୍ତି ବରଗଡ଼, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡା ଜିଲ୍ଲା। ଏସବୁ ଜିଲ୍ଲାର ଚିହ୍ନଟ କରାଯାଇଥିବା ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟକୁ ଅନୁଧ୍ୟାନ ଓ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପରିଚାଳନା କମିଟି, ଜିଲ୍ଲାସ୍ତରରେ ଜିଲ୍ଲାପାଳ, ବ୍ଲକସ୍ତରରେ ବିଡିଓଙ୍କ ଅଧ୍ୟକ୍ଷତାରେ ଏବଂ ଗ୍ରାମ ପଞ୍ଚାୟତସ୍ତରରେ କମିଟି ଗଠନ କରାଯାଇ କାର୍ଯ୍ୟ ତଦାରଖ କରାଯାଉଛି। ଏଥିପାଇଁ ସମ୍ପୃକ୍ତ ୨୦ଟି ବିଭାଗର ଅଧିକାରୀମାନଙ୍କ ଦ୍ୱାରା ପ୍ରାଥମିକ ସର୍ବେକ୍ଷଣ (ବେସ୍‌ଲାଇନ୍ ସର୍ଭେ) କରାଯାଇ ବିଭିନ୍ନ କ୍ଷେତ୍ରରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରାଯିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ମୁଖ୍ୟ ଶାସନ ସଚିବ ଏସବୁ ଅଞ୍ଚଳରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରିବା ଓ ଏହା ଦ୍ୱାରା ସେମାନେ ଉପଲବ୍ଧ ସୁବିଧା ପାଇବା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗଙ୍କୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କମ୍ୟୁନିଟି ସେଣ୍ଟର, ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ, ସବୁଦିନିଆ ରାସ୍ତା ନିର୍ମାଣ, ଗ୍ରାମୀଣ ଆବାସ ନିର୍ମାଣ ଏବଂ ଖେଳପଡ଼ିଆ ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା।

# ନାବାଳକ ଦୁଷ୍କର୍ମ ମାମଲାରେ ଦୋଷୀକୁ ୨୦ ବର୍ଷ ଜେଲ୍

**କଟକ,୨୦।୩/ଏନ୍‌ଏନ୍‌ଏସ୍:** ନାବାଳକ ଦୁଷ୍କର୍ମ ମାମଲାରେ କଟକର ଆଡ୍ -ହକ୍ ଅତିରିକ୍ତ ଦୌରାଜଜ୍ ନିଆଳି ଥାନା ଅଞ୍ଚଳର ଆସାମୀ ବିଶ୍ୱନାଥ ବେହେରା ଓରଫ କହରା(୩୦)କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି। ଏଥିସହିତ କୋର୍ଟ ଆସାମୀକୁ ୧୫ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ଆଦେଶ ପ୍ରଦାନ କରିଛନ୍ତି। ତେବେ ଜରିମାନା ରାଶି ଦାଖଲ ନ କଲେ ଆସାମୀକୁ ଆଉ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି। ସେହିପରି କୋର୍ଟ ପୀଡ଼ିତଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ପାଇଁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ପୋକ୍‌ସୋ ଆଇନର ଧାରା ୬ ଓ ଆଇପିସିର ଦଫା ୩୭୭ରେ ଆସାମୀକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି। ୨୦୨୪ ମସିହା ଫେବ୍ରୁଆରି ୧୩ ରାତି ୯ଟା ସମୟରେ ପଡ଼ୋଶୀ ଘରରେ ଅନୁଷ୍ଠିତ ହେଉଥିବା ଭୋଜିକୁ ଜଣେ ମାନସିକ ଅନଗ୍ରସର ୧୪ ବର୍ଷିୟ ନାବାଳକ ଯାଇ ଆଉ ଘରକୁ ଫେରି ନଥିଲା। ରାତି ୧୧ଟା ପର୍ଯ୍ୟନ୍ତ ନାବାଳକ ଜଣକ ଘରକୁ ନ ଫେରିବାରୁ ପରିବାର ସଦସ୍ୟ ଖୋଜାଖୋଜି କରି ଗ୍ରାମର ଏକ ଭଙ୍ଗା ଚାଳଘରୁ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ ଆସାମୀ ବିଶ୍ୱନାଥ ଉକ୍ତ ନାବାଳକଙ୍କୁ ବଳାତ୍କାର କରୁଥିବା ପରିବାର ସଦସ୍ୟ ଦେଖିଥିଲେ। ପୀଡ଼ିତର ପରିବାର ସଦସ୍ୟଙ୍କୁ ଦେଖି ଆସାମୀ ଜଣକ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା। ଏହି ଘଟଣା ନେଇ ପୀଡ଼ିତର ପରିବାର ପକ୍ଷରୁ ସ୍ଥାନୀୟ ନିଆଳି ଥାନାରେ ଅଭିଯୋଗ କରାଯାଇଥିଲା। ଉକ୍ତ ଏତଲା ଆଧାରରେ ନିଆଳି ପୁଲିସ ମାମଲା ରୁଜୁ କରି ବିଶ୍ୱନାଥକୁ ଗିରଫ କରିଥିଲା। ଘଟଣାର ତଦନ୍ତ କରି ପୁଲିସ ୨୦୨୪, ଏପ୍ରିଲ ୧୫ରେ କୋର୍ଟରେ ଆସାମୀ ବିରୋଧରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଏହା ପରେ ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ତଥ୍ୟ ଆଧାରରେ ଅଦାଲତ ଆସାମୀକୁ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି।

# ଜାତମୁଣ୍ଡିଆରେ ହେବ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**କଟକ,୨୦।୩/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ସୋମବାର ଆୟୋଜିତ ହେବାକୁ ଥିବା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସ୍ଥାନ ପରିବର୍ତ୍ତନ କରାଯାଇଛି। ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ଏହି ଜନଶୁଣାଣି ଶିବିର ଡମପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। ମାତ୍ର କୌଣସି କାରଣବଶତଃ ଏହାର ସ୍ଥାନ ପରିବର୍ତ୍ତନ କରାଯାଇ ଏହାକୁ ଜାତମୁଣ୍ଡିଆଠାରେ ଆୟୋଜନ କରିବାକୁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଆସନ୍ତା ସୋମବାର ଦିନ ଜାତମୁଣ୍ଡିଆସ୍ଥିତ ପଞ୍ଚାୟତ ଭବନ (କମନ୍ ୱାର୍କ ସେଡ୍) ପରିସରରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ପ୍ରତ୍ୟକ୍ଷ ଶୁଣାଣି କରିବେ। ବିଶେଷ କରି ଡମପଡ଼ା ବ୍ଲକ ଏବଂ ଆଖପାଖ ଅଞ୍ଚଳର ଅଭିଯୋଗକାରୀମାନେ ସେମାନଙ୍କର ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ସମସ୍ୟା ନେଇ ଏଠାରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ।

# ଖୁବ୍ ଶୀଘ୍ର ଲାଗୁ ହେବ 'ସିଟି ଗ୍ୟାସ୍ ବିତରଣ' ନୀତି

**ଭୁବନେଶ୍ୱର,୨୦।୩/ଏନ୍‌ଏନ୍‌ଏସ୍:** ଓଡ଼ିଶାର ସହରାଞ୍ଚଳରେ ସ୍ୱଚ୍ଛ ଶକ୍ତିର ବ୍ୟବହାର ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ସିଟି ଗ୍ୟାସ ବିତରଣ' ନୀତି ପ୍ରଣୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସମ୍ପର୍କରେ ଖାରବେଳ ଭବନଠାରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡ୍‌କୋ ଅଧ୍ୟକ୍ଷା ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ ସମ୍ପ୍ରସାରଣ ପାଇଁ ଏକ ରଣନୈତିକ ମାର୍ଗଚିତ୍ର ଉପରେ ଆଲୋଚନା କରାଯାଇଛି। ଶ୍ରୀମତୀ ପାଢ଼ୀ ଏକ ଆକାଂକ୍ଷୀ ତଥା ବାସ୍ତବବାଦୀ ନୀତି ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ, ଏହାଦ୍ୱାରା ନାଗରିକଙ୍କ ଜୀବନଶୈଳୀରେ ଉନ୍ନତି ଆସିବ ଏବଂ ଅନୁମତି ପ୍ରକ୍ରିୟା ସରଳ ହେବ। ବୈଠକରେ ଲାଇସେନ୍ସ ଫିଁ'ର ଯୁକ୍ତିସଙ୍ଗତ ନିର୍ଦ୍ଧାରଣ, 'ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ' ଏବଂ 'ଡିମ୍‌ଡ ଆପ୍ରୁଭାଲ' ଭଳି ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସିଏମ୍‌ସି କମିଶନର୍ କିରଣଦୀପ କୌର ସାହୋଟା, ଆଇଓସିଏଲ୍ ସିଜିଏମ୍ କମଳ ସିଲ୍, ଜିଏମ୍ ଗେଲ୍ କୌଶିକ ଦାଶ, ସିଜିଏମ୍ ଇଡ୍‌କୋ ନିହାର ରଞ୍ଜନ ବେହେରା, ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁ ଏବଂ ଅତିରିକ୍ତ ଶାସନ ସଚିବ ଶୁଭେନ୍ଦୁ କୁମାର ସାହୁ ଉପସ୍ଥିତ ଥିଲେ।

# ଖ୍ରୀଷ୍ଟ କଲେଜ ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ପାଠଚକ୍ର




**କଟକ,୨୦।୩/ଏନ୍‌ଏନ୍‌ଏସ୍:** ଖ୍ରୀଷ୍ଟ କଲେଜ ରାଜନୀତିବିଜ୍ଞାନ ବିଭାଗର ବାର୍ଷିକ ପାଠଚକ୍ର ଅଧକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରର ସୂଚନା ପ୍ରଦାନ କରିଥିଲେ ବିଭାଗର ମୁଖ୍ୟା ଅଧାପିକା ସ୍ୱାତୀ ଦାଶ। ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧାପକ ଡଃ ଦୀପକ କୁମାର ଦାଶ। 'ପରିବର୍ତ୍ତିତ ବିଶ୍ୱରେ ଭାରତର ବୈଦେଶିକ ନୀତିର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଜେଏନ୍‌ୟୁର ଅନ୍ତର୍ଜାତୀୟ ରାଜନୀତିବିଜ୍ଞାନ ବିଭାଗର ପ୍ରଫେସର ଡଃ ପ୍ରଶାନ୍ତ କୁମାର ସାହୁ କହିଲେ ଯେ ସାମ୍ପ୍ରତିକ ସ୍ଥିତିରେ ଆମ ଦେଶର ବୈଦେଶିକ ନୀତିର ବିଭିନ୍ନ ଲକ୍ଷଣାନୁଯାୟୀ ସମଗ୍ର ବିଶ୍ୱରେ ଭାରତ ବିଶ୍ୱଗୁରୁ ହେବାର ସମ୍ଭାବନା ପରିଲକ୍ଷିତ ହେଉଛି। ଅନ୍ୟତମ ବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ରତ୍ନାକର ରାୟ ବୈଦେଶିକ ନୀତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧାପିକା ରିଙ୍କୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧାପକ ରାଜେନ୍ଦ୍ର କୁମାର ବାରିକ ପାଠଚକ୍ରର ପରିଚାଳନା କରିଥିଲେ।

## ସିଙ୍ଗାପୁରର ବାଣିଜ୍ୟିକ ସଂସ୍ଥାକୁ ଝଟ୍‌କା

# ୧୦ ବର୍ଷ ପରେ ଫେରସ୍ତ କରିବ ବକେୟା ଅର୍ଥ

**କଟକ,୨୦।୩/ଏନ୍‌ଏନ୍‌ଏସ୍:** ସିଙ୍ଗାପୁରର ଏକ କମ୍ପାନୀ ଓଡ଼ିଶାଭିତ୍ତିକ ଏକ ଅନ୍ତର୍ଜାତୀୟ ବାଣିଜ୍ୟିକ ସଂସ୍ଥାର ବକେୟା ରଖିଥିବା ଅର୍ଥ ପ୍ରଦାନ କରିଛି। ଦୀର୍ଘ ୧୦ ବର୍ଷ ଧରି ସିଙ୍ଗାପୁରର କମ୍ପାନୀ ଓଡ଼ିଶାରୁ ଖଣିଜଦ୍ରବ୍ୟ ଆମଦାନୀ ବାବଦ ସାଢ଼େ ୪ କୋଟି ଟଙ୍କା ବକେୟା ରଖିଥିଲା। ଏ ନେଇ ମାମଲା ପର୍ଯ୍ୟାୟକ୍ରମେ ଓଡ଼ିଶା ହାଇକୋର୍ଟରୁ ସିଙ୍ଗାପୁର କୋର୍ଟ ଯାଏ ଚାଲିଥିଲା। ଏହି ମାମଲାର ଶୁଣାଣି କରି ସିଙ୍ଗାପୁର କୋର୍ଟ ଗତ ୧୦ ବର୍ଷର ବକେୟା ବାବଦରେ ଅତିରିକ୍ତ ୨ କୋଟି ମିଶାଇ ମୂଳ ଅର୍ଥ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, 'ଡି ଅର୍ଡିନାର ଇଣ୍ଟରନ୍ୟାସନାଲ୍ ପ୍ରାଇଭେଟ୍ ଲିମିଟେଡ୍' ନାମକ ସଂସ୍ଥା ଓଡ଼ିଶାରୁ ଖଣିଜଦ୍ରବ୍ୟ ଦେଶ/ବିଦେଶକୁ ରପ୍ତାନୀ କରିଥାଏ। ପ୍ରାୟତଃ ସମୁଦ୍ର ପଥରେ ଏହି ସବୁ ଦ୍ରବ୍ୟ ପରିବହନ ହୋଇଥାଏ। ୨୦୧୩ ମସିହାରୁ ଏହି ସଂସ୍ଥାଠାରୁ ସିଙ୍ଗାପୁରର 'ଷ୍ଟାର ଲାଇଟ ଏକ୍ସିମ ପିଟିଇ ଲିମିଟେଡ' କମ୍ପାନୀ ବାଣିଜ୍ୟ କାରବାର କରିଆସୁଥିଲା। ୨୦୧୬ ମସିହାରେ ଏହି କମ୍ପାନୀ ପ୍ରାୟ ୪ କୋଟି ୫୦ ଲକ୍ଷ ଟଙ୍କାର ଖଣିଜଦ୍ରବ୍ୟ ଆମଦାନୀ କରିଥିଲା। ମାତ୍ର ଏହି ଟଙ୍କା ଓଡ଼ିଶାରୁ ପଠାଇଥିବା କମ୍ପାନୀକୁ ମିଳିନଥିଲା। ବାରମ୍ବାର ଅନୁରୋଧ ସତ୍ତ୍ୱେ ସିଙ୍ଗାପୋରର କମ୍ପାନୀ ଟଙ୍କା ପ୍ରଦାନ କରିବାରେ ଅବହେଳା କରିଥିଲା। ଦୀର୍ଘ ଦିନ ଧରି ଏଭଳି ସ୍ଥିତି ଲାଗିରହିବାରୁ ଓଡିଶାର ଯୋଗାଣକାରୀ ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମାମଲାର ବିଚାରପ୍ରକ୍ରିୟା ସମୟରେ ସିଙ୍ଗାପୁରର ଉକ୍ତ କମ୍ପାନୀର ଏକ ଜାହାଜ ଖଣିଜଦ୍ରବ୍ୟ ଆମଦାନୀ କରିବାକୁ ଓଡିଶାର ପାରାଦୀପ ବନ୍ଦରକୁ ଆସିଥିଲା। ଏହି ବିଷୟ ଜାଣିବା ପରେ ଆବେଦନକାରୀ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପାରାଦୀପ ବନ୍ଦରରେ ସିଙ୍ଗାପୋରର ଉକ୍ତ ଜାହାଜକୁ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ ବେଲବଣ୍ଡ ଆକାରରେ ୪ କୋଟି ୨୫ ଲକ୍ଷ ଟଙ୍କା ପୈଠ କରିବା ପରେ ଉକ୍ତ ଜାହାଜକୁ ଜାମିନ ମିଳିଥିଲା। କିନ୍ତୁ ଆବେଦନକାରୀଙ୍କୁ ତାଙ୍କର ସାଢ଼େ ୪ କୋଟି ବକେୟା ଅର୍ଥ ମିଳିନଥିଲା। ଏହି ଟଙ୍କା ଫେରିପାଇବା ପାଇଁ ଆବେଦନକାରୀ ସଂସ୍ଥା ସିଙ୍ଗପୋରର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏହି ମାମଲାକୁ ଓଡିଶା ହାଇକୋର୍ଟର ଯୁବ ଆଇନଜୀବୀ ସୌମ୍ୟଜ୍ୟୋତି ବିଶ୍ୱାଳ ପରିଚାଳନା କରୁଥିଲେ। ଆଇନଜୀବୀ ଶ୍ରୀ ବିଶ୍ୱାଳ ସିଙ୍ଗାପୁର କୋର୍ଟରେ ପ୍ରତ୍ୟେକ ଶୁଣାଣିରେ ଉପସ୍ଥିତ ରହି ମାମଲା ସହ ଜଡିତ ବିଭିନ୍ନ ତଥ୍ୟ ପ୍ରମାଣ ଉପସ୍ଥାପନ କରିଥିଲା। ସାକ୍ଷୀଙ୍କ ବୟାନ ଏବଂ ସମସ୍ତ ତଥ୍ୟ ପ୍ରମାଣକୁ ଭିତି କରି ସିଙ୍ଗାପୋର କୋର୍ଟ ମାମଲାର ବିଚାର କରି ସିଙ୍ଗାପୁରର ଷ୍ଟାର ଲାଇଟ କମ୍ପାନୀକୁ ଦୋଷୀ ଭାବେ ଗ୍ରହଣ କରିଛନ୍ତି। ସାମଗ୍ରୀ ଯୋଗାଇଥିବା ଓଡ଼ିଶାର କମ୍ପାନୀକୁ ତୁରନ୍ତ ବକେୟା ସାଢେ ୪ କୋଟି ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତତସହିତ ଦୀର୍ଘ ୧୦ ବର୍ଷ ଧରି ବକେୟା ସାଢେ ୪ କୋଟି ଉପରେ ଅତିରିକ୍ତ ୨ କୋଟି ସୁଧ ମିଶାଇ ସମୁଦାୟ ୬କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ ନିମେନ୍ତ ଓଡ଼ିଶା କମ୍ପାନୀ ସପକ୍ଷରେ ରାୟ ଶୁଣାଇଛନ୍ତି ସିଙ୍ଗାପୋର କୋର୍ଟ। ଏହି ଅନ୍ତର୍ଜାତୀୟ ବାଣିଜ୍ୟିକ ମାମଲା ପରିଚାଳନାରେ ଯୁବ ଆଇନଜୀବୀ ରାହୁଲ ରାୟ, ଶ୍ୱେତା ସେନାପତି, ଶ୍ରୀରାମ କ୍ରିଷ୍ଣା ଜାଯୋଦିଆ ଓ ଅନିଶ ମିଶ୍ର ପ୍ରମୁଖ ସହଯୋଗ କରୁଥିଲେ।



## ପ୍ରଥମ ପୃଷ୍ଠାରୁ

### ସ୍କିମାଟିକ୍ କନିଷ୍ଠ ଶିକ୍ଷକ ...

ସମୟ ଠାରୁ ନିୟମିତ ହୋଇଛନ୍ତି । ତେବେ ସେମାନେ ଚାକିରିରେ ଯୋଗଦାନ ସମୟ ଠାରୁ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ନ୍ୟାସନାଲ ବେନିଫିଟ୍ ପାଇବେ । ୨୦୨୬ ଜାନୁଆରୀ ପହିଲା ଠାରୁ ନିୟମିତ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ସମସ୍ତ ସୁବିଧା ପାଇପାରିବେ । ସୂଚନାଯୋଗ୍ୟ ଯେ, ଏହି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ । ଆଜି ଏହି ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରା ଶିକ୍ଷକ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି ।

### ବଢ଼ିଲା ପ୍ରିମିୟମ୍ ପେଟ୍ରୋଲ୍ ...

ପକ୍ଷରୁ ନିୟମିତ ପେଟ୍ରୋଲ୍ ମୂଲ୍ୟ ଅପରିବର୍ତ୍ତିତ ରଖାଯାଇଥିବା ନେଇ ସ୍ପଷ୍ଟୀକରଣ ଆସିଥିବା ସତ୍ତ୍ୱେ ଉପଭୋକ୍ତାମାନେ କିନ୍ତୁ ଏବେ ତୈଳ ମୂଲ୍ୟ ବୃଦ୍ଧିଜନିତ ଆଶଙ୍କାରେ ଭୟଭୀତ ହୋଇପଡିଛନ୍ତି । ଦେଶର ତିନି ପ୍ରମୁଖ ତୈଳ କମ୍ପାନୀ ଯେପରିକି ଭାରତ ପେଟ୍ରୋଲିୟମ୍ (ବିପିସିଏଲ୍) ନିଜର ପ୍ରିମିୟମ୍ ପେଟ୍ରୋଲ୍‌କୁ 'ସ୍ପିଡ୍' ନାମରେ ବିକ୍ରି କରୁଥିବା ବେଳେ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ (ଏଚ୍‌ପିସିଏଲ୍) ଏହାକୁ 'ପାୱାର' ନାମରେ ଏବଂ ଇଣ୍ଡିଆନ୍ ଅଏଲ୍ (ଆଇଓଏଲ୍) ଏହାକୁ 'ଏକ୍ସପି୯୫' ନାମରେ ବିକ୍ରୟ କରେ । ଏସବୁ ପ୍ରିମିୟମ୍ ପେଟ୍ରୋଲ୍ ମୂଲ୍ୟ ସାଧାରଣତଃ ନିୟମିତ ପେଟ୍ରୋଲ ତୁଳନାରେ ପ୍ରାୟ ୧୦-୧୨ ଅଧିକ ମହଙ୍ଗାରେ ବିକ୍ରି ହୋଇଥାଏ । ତେବେ ଆଜିର ଏହି ପ୍ରିମିୟମ୍ ପେଟ୍ରୋଲ ମୂଲ୍ୟରେ ବୃଦ୍ଧି ପରେ, ନୂଆଦିଲ୍ଲୀରେ ପ୍ରିମିୟମ୍ ପେଟ୍ରୋଲ୍ ମୂଲ୍ୟ ଲିଟର ପିଛା ୧୦୭ରୁ ୧୧୨.୩୦ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ସେହିପରି ଭୋପାଳରେ ପ୍ରିମିୟମ୍ ପେଟ୍ରୋଲ ମୂଲ୍ୟ ଲିଟର ପ୍ରତି ପ୍ରାୟ ୧୧୬.୭୭ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ପେଟ୍ରୋଲ ମୂଲ୍ୟରେ ଏହି ବୃଦ୍ଧି ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଏବଂ ପ୍ରିମିୟମ୍ ଇନ୍ଧନରେ ବ୍ୟବହୃତ ଯୋଗକର ମୂଲ୍ୟକୁ ଦାୟୀ କରାଯାଇଛି । ଇରାନ ଯୁଦ୍ଧ ଯୋଗୁଁ ଭାରତୀୟ ଅଶୋଧିତ ତୈଳ ବାସ୍କେଟର ମୂଲ୍ୟ ପ୍ରତି ବ୍ୟାରେଲ ପ୍ରତି ୭୦ ଡଲରରୁ ୧୫୬ ଡଲାରକୁ ବୃଦ୍ଧିପାଇଛି । ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ବର୍ଦ୍ଧିତ ଅଶୋଧିତ ତୈଳ ମୂଲ୍ୟ ଯୋଗୁଁ ତୈଳ କମ୍ପାନୀଗୁଡ଼ିକ ଚାପରେ ଥିଲେ । ତେଣୁ, ସେମାନେ କ୍ଷତି ପୂରଣ ପାଇଁ ଏହି ପଦକ୍ଷେପ ନେଇଛନ୍ତି । ଯଦି ଅଶୋଧିତ ତୈଳ ମୂଲ୍ୟ ଦୀର୍ଘ ସମୟ ପାଇଁ ଉଚ୍ଚ ରହେ, ତେବେ ନିୟମିତ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ମଧ୍ୟ ବୃଦ୍ଧି ପାଇପାରେ । ନିୟମିତ ଏବଂ ପ୍ରିମିୟମ୍ ପେଟ୍ରୋଲ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି ସେଥିରେ ଥିବା ଅକ୍ଟାନ୍ ସ୍ତର । ପ୍ରିମିୟମ୍ ପେଟ୍ରୋଲରେ ନିୟମିତ ପେଟ୍ରୋଲ ତୁଳନାରେ ଅଧିକ ଅକ୍ଟାନ୍ ସ୍ତର ଥାଏ, ଯାହା ଇଞ୍ଜିନକୁ ସାବଙ୍ଗନିକ ସୁରକ୍ଷା ଦେବା ସହ ଉତ୍ତମ କାର୍ଯ୍ୟଦକ୍ଷତା ଏବଂ ଦୀର୍ଘ ଜୀବନ ପ୍ରଦାନ କରେ । ସୁତରାଂ ପ୍ରିମିୟମ୍ ପେଟ୍ରୋଲର ମୂଲ୍ୟ ନିୟମିତ ପେଟ୍ରୋଲ୍ ମୂଲ୍ୟ ତୁଳନାରେ ଅଧିକ ହୋଇଥାଏ କାରଣ ଏହାର ମହଙ୍ଗା ବିଶୋଧନ ପ୍ରକ୍ରିୟା ସାମାନ୍ୟ ଅଧିକ ଖର୍ଚ୍ଚବହୁଳ ହୋଇଥାଏ ।

### ଜଳିଗଲା ୨୬ ପରିବାରର ...

ଭବାନୀ ନାୟକ, ମୋହନ ନାୟକ, ଭଜରାମ ନାୟକ, ବିଜି ନାୟକ, ରବି ନାୟକ, ଗୋବର୍ଦ୍ଧନ ନାୟକ, ତ୍ରିପୁରା ନାୟକ, ହର ନାୟକ, ପୂର୍ଣ୍ଣ ନାୟକ, ପ୍ରତାପ ନାୟକ, ଜିତୁ ନାୟକ, ଅରବିନ୍ଦ ନାୟକ, ବ୍ରହ୍ମା ନାୟକ, ମନୋଜ ନାୟକ, ଅଲେଖ ନାୟକ, ରାଧାକାନ୍ତ ନାୟକ, ଶଙ୍କର ନାୟକ, ସନାତନ ନାୟକ, ଶ୍ରୀହରି ନାୟକ, କୈଳାଶ ନାୟକ, କାଳୀଚରଣ ନାୟକ, ନିଳାଞ୍ଚଳ ନାୟକ, କାହ୍ନୁ ନାୟକ, ବୁଲୁ ନାୟକ ଓ ଲକ୍ଷ୍ମଣ ନାୟକଙ୍କ ପ୍ରାୟ ୪୦ ବଖରା ଘର ଜଳିଯାଇଥିଲା । ଏମିତିକି ଘରେ ଥିବା ସମସ୍ତ ଆସବାବପତ୍ରକୁ ମଧ୍ୟ କେହି ବାହାର କରି ପାରିନଥିଲେ । ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ନଷ୍ଟ ହୋଇଯାଇଛି । ତହସିଲଦାର ଗୋପାଳ କୃଷ୍ଣ ରାଉତ, ସରପଞ୍ଚ ତ୍ରିଲୋଚନ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସମରେନ୍ଦ୍ର କୁମାର ସାହୁ,ସମାଜସେବୀ ଅନିଲ କୁମାର ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଶିବ ଦିଗାଲ, ବସନ୍ତ ବିଷୋୟୀ ପ୍ରମୁଖ ଅଗ୍ନିବିପନ୍ନଙ୍କୁ ଭେଟିଛନ୍ତି । ତହସିଲ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ଜରି ପାଲ ପ୍ରଦାନ କରାଯାଇଥିବା ବେଳେ ପଞ୍ଚାୟତ ପକ୍ଷରୁ ନିକଟସ୍ଥ ବିଦ୍ୟାଳୟରେ ସମସ୍ତ ଅଗ୍ନିବିପନ୍ନଙ୍କୁ ରଖାଯାଇ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି । ଯଥାଶୀଘ୍ର ସମସ୍ତ ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

### ବିରୋଧୀ ଅଟଳ ...

ବ୍ୟୋମକେଶ ରାୟ ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ । ସେହିପରି ଚେୟାର ଉଠାଇ ବାଚସ୍ପତିଙ୍କ ପୋଡ଼ିୟମ ଆଡ଼କୁ ମାଡ଼ିଯାଇଥିଲେ ବିଜେଡି ବିଧାୟକ ଅରୁଣ ସାହୁ । ଏଥିଯୋଗୁଁ ବାଚସ୍ପତିଙ୍କ ସୁରକ୍ଷା କର୍ମୀଙ୍କ ସହ ଠେଲା ପେଲା ସ୍ଥିତି ଉପୁଜିଥିଲା । ଅନ୍ୟପକ୍ଷରେ କଂଗ୍ରେସ ବିଧାୟକମାନେ ବି ଅନୁରୂପ ହଟ୍ଟଗୋଳ କରିଥିଲେ । କଂଗ୍ରେସ ସଭ୍ୟ ମଙ୍ଗୁ ଖିଲ ଓ ନୀଳ ମାଧବ ହିକକ୍କା ବି ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବାକୁ ଉଦ୍ୟମ କରୁଥିଲେ । ଗୃହ ସୁରୁଖୁରୁରେ ଚାଲିବା ଆଉ ସମ୍ଭବ ହୋଇ ନଥିଲା । ବାଧ୍ୟହୋଇ ବାଚସ୍ପତି ବାରମ୍ବାର ଗୃହକୁ ମୁଲତବି କରିଥିଲେ । ଗୃହକୁ ପ୍ରଥମେ ୧୦ଟା ୪୨ରୁ ସାଢ଼େ ୧୧ ଯାଏଁ ମୁଲତବି କରିଥିଲେ । ପୂର୍ବାହ୍ନ ୧୧.୩୦ ପରେ ଗୃହ କାର୍ଯ୍ୟକାଳ ଆରମ୍ଭ ହୋଇଥିଲା । ହେଲେ ବିରୋଧୀ ଗୃହ ଚଳାଇ ଦେଇ ନ ଥିଲେ । ନିଜ ଦାବିରେ ଅଟଳ ରହି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ଫଳରେ ପୂର୍ବାହ୍ନ ୧୧.୪୫ରେ ବାଚସ୍ପତି ପୁଣି ଥରେ ଗୃହକୁ ଅପରାହ୍ନ ଗୋଟାଏ ଯାଏ ମୁଲତବି ରଖି ଗୃହ ସୁପରିଚାଳନା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ । ହେଲେ ଫଳ ଶୂନ ହୋଇଥିଲା । ପରେ ବାଚସ୍ପତି ଗୃହକୁ ଅପରାହ୍ଣ ଚାରିଟା ଯାଏ ମୁଲତବି କରିଥିଲେ । ଏଥିପାଇଁ କେବଳ ପ୍ରଶ୍ନ ନୁହେଁ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଆଲୋଚନା ସମ୍ଭବ ହୋଇପାରିଥିଲା । ଅପରାହ୍ନ ଅଧିବେଶନରେ ବି ସମାନ ସ୍ଥିତି । ସମାନ ଦାବିରେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟ ସରକାରଙ୍କ ଅପରାଗତାକୁ ତୀବ୍ର ସମାଲୋଚନା କରି ଗୃହ ମଝିରେ ହଟ୍ଟଗୋଳ,ନାରାବାଜି କରିଥିଲେ । ମାତ୍ର ବାଚସ୍ପତି ଖର୍ଚ୍ଚ ଦାବି ଉପରେ ଆଲୋଚନା କରି ତାହାକୁ ବାଚନିକ ଭୋଟ୍‌ରେ ପାରିତ କଲା ପରେ ଅସନ୍ତା ସପ୍ତାହ ସୋମବାର ସାଢ଼େ ଦଶ ଯାଏଁ ଗୃହକୁ ବାଚସ୍ପତି ମୁଲତବି କରିଥିଲେ । ଗୃହ ବାହାରେ ଏହାକୁ ନେଇ ଶାସକ ବିରୋଧୀ ମୁହାଁମୁହିଁ ହୋଇଥିଲା । ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ, ଏସ୍‌ସିବି ମେଡିକାଲ କଲେଜରେ ନିଆଁ ଲାଗି ୧୩ ଜଣ ମଲେଣି । ହେଲେ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁନି । ଏ ଯାଏଁ ପ୍ରକୃତ ଦୋଷୀଙ୍କୁ ଧରାଯାଉନି । ଅଯୋଗ୍ୟ ଅପାରଗ ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି । ଏହାର ଜବାବ୍ ଦେଇଛନ୍ତି ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ । ସେ କହିଛନ୍ତି ଯେ, ନିଜ ଅସ୍ତିତ୍ୱ ବଞ୍ଚାଇବାକୁ ରାଜନୀତି କରୁଛନ୍ତି ବିରୋଧୀ । ବିଜେପି ଲୋକଙ୍କ ସରକାର, ମୁଖ୍ୟମନ୍ତ୍ରୀ ଲୋକଙ୍କ ମୁଖ୍ୟମନ୍ତ୍ରୀ । ଅଗ୍ନିକାଣ୍ଡକୁ ନେଇ ଟେକ୍ନିକାଲ ଟିମ୍ ଗଠନ ହୋଇ ତଦନ୍ତ କରୁଛି । ଅବସରପ୍ରାପ୍ତ ବିଚାରପତି ବିଚାର ବିଭାଗୀୟ ତଦନ୍ତ କରୁଛନ୍ତି । ବିରୋଧୀ ବିରୋଧ ନାଁରେ ବିରୋଧ କରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି ।

### ମଧ୍ୟପ୍ରାଚ୍ୟ ଅଭିମୁଖେ ...

ସମ୍ପ୍ରତି ଆଗକୁ ବଢୁଥିବା ୟୁଏସ୍‌ଏସ୍ ତ୍ରିପୋଲୀ ଏକ ଆମ୍ଫିବିୟସ୍ ଆସଲ୍ଟ ଯୁଦ୍ଧ ଜାହାଜ ଅଟେ, ଅର୍ଥାତ୍ ଏହା ଏପରି ଏକ ଯୁଦ୍ଧପୋତ ଜାହାକି ମେରାଇନ୍ ସୈନିକମାନଙ୍କୁ ହେଲିକପ୍ଟର ଏବଂ ଲଢୁଆ ବିମାନ (ଏଫ୍-୩୫ବି ଭଳି)କୁ ନିଜ ସହ ବହନ କରିଥାଏ । ଏହି ୩ ଯୁଦ୍ଧ ଜାହାଜ ମଧ୍ୟପ୍ରାଚ୍ୟ ଅଭିମୁଖେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଜାପାନ୍‌ର ଓକିନାୱା ଅଞ୍ଚଳ ନିକଟବର୍ତ୍ତୀ ଅଞ୍ଚଳରେ ମୁତୟନ ଥିଲେ । ସିଏନ୍‌ଏନ୍ ଅନୁସାରେ ଶୁକ୍ରବାର ସୁଦ୍ଧା ଏହି ୩ ଆମେରିକୀୟ ଯୁଦ୍ଧପୋତ ଦକ୍ଷିଣ ହିନ୍ଦ୍ ମହାସାଗରରେ ପହଞ୍ଚିସାରିଛନ୍ତି ।

ଆମେରିକା -ଇରାନ୍-ଇସ୍ରାଏଲ ଯୁଦ୍ଧ ଯାହାକି ଏବେ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ମୁଣ୍ଡବଥାର କାରଣ ସାଜିଛି ସେତେବେଳେ କିଛି ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି ଯେ, ଆସନ୍ତା ସପ୍ତାହ ବେଳକୁ ଯୁଦ୍ଧ ଏକ ନୂଆ ସ୍ତରରେ ପହଞ୍ଚିବ । ଏହାପୂର୍ବରୁ ଅନେକ ଥର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିସାରିଛନ୍ତି ଯେ ସେ ମଧ୍ୟପ୍ରାଚ୍ୟକୁ ନିଜ ସୈନିକ ପଠାଇବେ ନାହିଁ । ଗତକାଲି ଅର୍ଥାତ୍ ଗୁରୁବାର ମଧ୍ୟ ସେ ନିଜେ କହିଥିଲେ ଯେ, ସେ କୌଣସି ଅଞ୍ଚଳକୁ ସୈନିକ ପଠାଇବା ସପକ୍ଷରେ ନାହାନ୍ତି, ଆଉ ଯଦି ବା ସେ ଏପରି କିଛି ବି କରିବାକୁ ଚିନ୍ତା କରନ୍ତି ତେବେ ମଧ୍ୟ ସେ ଏସମ୍ପର୍କରେ ଆଗୁଆ କାହାକୁ ମଧ୍ୟ ସୂଚନା ଦେବେ ନାହିଁ । ଟ୍ରମ୍ପ ତାଙ୍କର ହଠାତ୍ ନିଷ୍ପତ୍ତି ପାଇଁ ଜଣାଶୁଣା, ତେଣୁ ତାଙ୍କ ବକ୍ତବ୍ୟରେ ସେ କ'ଣ କରିବାକୁ ଯୋଜନା କରୁଛନ୍ତି ତାହା ସେ ପ୍ରକାଶ କରିନଥାନ୍ତି । ରଏଟର୍ସ ଅନୁଯାୟୀ, ଆମେରିକାର ସୁରକ୍ଷା ଅଧିକାରୀମାନେ କହିଛନ୍ତି ଯେ ଟ୍ରମ୍ପ ଇରାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନକୁ ତୀବ୍ର କରିବା ପାଇଁ ହଜାର ହଜାର ସେନା ପଠାଇବାକୁ ଗମ୍ଭୀରତାର ସହିତ ବିଚାର କରୁଛନ୍ତି । ତେବେ ଆମେରିକା ମଧ୍ୟପ୍ରାଚ୍ୟ ଅଭିମୁଖେ ନିଜ ଯୁଦ୍ଧପୋତ ପଠାଇବା ପଛରେ ଦୁଇଟି ପ୍ରମୁଖ କାରଣ ଅଛି । ପ୍ରଥମ କାରଣ ହେଉଛି ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା । ଏବଂ ଦ୍ୱିତୀୟ କାରଣ ହେଉଛି, ଇରାନର ଅତ୍ୟଧିକ ସମୃଦ୍ଧ ୟୁରାନିୟମ୍ ଉପରେ କବ୍‌ଜା କରିବା । ଗୋଟିଏ ପଟେ ଖାର୍ଗ ଦ୍ୱୀପ ଉପରେ କବ୍‌ଜା କରିବା ସହ ହର୍ମୁଜ୍ ପ୍ରଣାଳୀକୁ ଖୋଲିବା ପ୍ରୟାସ ସାଙ୍ଗକୁ ଇରାନରେ ଥିବା ପ୍ରାୟ ୯୫୦ ପାଉଣ୍ଡ ୟୁରାନିୟମ୍ (ପରମାଣୁ ଅସ୍ତ୍ର ତିଆରି ପାଇଁ ବ୍ୟବହାର କରାଯାଇପାରିବ) ଉପରେ କବ୍‌ଜା କରିବା ଦ୍ୱାରା ଇରାନ୍ ଯେପରି ଆଉ କେବେ ବି ନିଜ ଆଣବିକ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇପାରିବ ନାହିଁ । ମୋଟାମୋଟି ଏହି ଦୁଇଟି କାରଣ ପାଇଁ ହିଁ ଆମେରିକା ଏବେ ସ୍ଥଳ ଏବଂ ସାମୁଦ୍ରିକ ପଥରେ ନିଜ ସୈନିକ ମୁତୟନକୁ ବ୍ୟାପକ କରୁଛି ।

## ୧୩୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ

**ନିଶ୍ଚିନ୍ତକୋଇଲି,୨୦।୩/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅନୁଦାନ ୧୩୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି । ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ପ୍ରୟାସ କ୍ରମେ ଅସୁରେଶ୍ୱର ପୁବଂଶଠାରେ ଲୁଣାନଦୀ ଉପରେ ଏକ ସୁ ଉଚ୍ଚ ସେତୁ, ନିଶ୍ଚିନ୍ତକୋଇଲି ଥାନା ଛକରୁ ନଗସପୁର ଦେଇ ନରେନ୍ଦ୍ରପୁର ପର୍ଯ୍ୟନ୍ତ ରାସ୍ତାକୁ ୧୦ ମିଟର ଓସାର କରାଯିବା ଏବଂ କଟିକଟା ଛକରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ରାସ୍ତାକୁ ୭ ମିଟର ଓସାର କରିବା ପାଇଁ ସମସ୍ତ କାର୍ଯ୍ୟ ଶେଷ ହେବା ପରେ ଏହି ଶୁଭଶିଳାନ୍ୟାସ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ରାଜ୍ୟ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆସି ପ୍ରଥମେ ଥାନା ଛକଠାରେ




ନିଶ୍ଚିନ୍ତକୋଇଲି -ନରେନ୍ଦ୍ରପୁର ରାସ୍ତାକୁ ଶିଳାନ୍ୟାସ କରିଥିଲେ । ଏହାପରେ କଟିକଟା ଛକରେ କଟିକଟା-ଜୟପୁର ରାସ୍ତାର ଉନ୍ନତିକରଣ ପାଇଁ ମଧ୍ୟ ଶୁଭଶିଳାନ୍ୟାସ କରି ଅସୁରେଶ୍ୱର ପୁବଂଶଠାରେ ହେବାକୁ ଥିବା ସୁଉଚ୍ଚ ସେତୁର ଶୁଭଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଅସୁରେଶ୍ୱର ଖେଳ ପଡିଆରେ ଆୟୋଜିତ ଏକ ସାଧାରଣ ସଭାରେ ବିଧାୟକ ଶ୍ରୀ ପ୍ରଧାନଙ୍କ ସଂଯୋଜନାରେ ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଯୋଗଦେଇ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଯୋଗଦେଇ ଗୋଟିଏ ଅଞ୍ଚଳର ବିକାଶ ପାଇଁ ଗମନା ଗମନର ଆବଶ୍ୟକତା ରହିଥିବାରୁ ଏ ଅଂଚଳରେ ସେତୁ ଓ ରାସ୍ତା ଗୁଡିକ ନିର୍ମାଣ ହେବା ପରେ ଏହା ସମୃଦ୍ଧିର ସମସ୍ତ ଦିଗକୁ ସ୍ପର୍ଶ କରିବ ବୋଲି ମତ ପ୍ରକାଶ କରିଥିଲେ । ଏହାଛଡା ଜଗତପୁର-ଚାନ୍ଦବାଲି ରାଜ୍ୟ ରାଜପଥକୁ ଖୁବ୍‌ଶୀଘ୍ର ଚାରି ଥାକିଆ ରାସ୍ତା କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲ୍ଲାପାଳ ଦତ୍ତାତ୍ରୟଭାଉ ସାହେବ ସିନ୍ଧେ, ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ଧ୍ୟାନଚାନ୍ଦ ନାୟକ, ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ ।

## ସାମନ୍ତ ଚନ୍ଦ୍ରଶେଖର କଲେଜ୍ ଫାଇନାନ୍ସ ଓ କଣ୍ଟ୍ରୋଲ୍ ବିଭାଗ ଛାତ୍ରଛାତ୍ରୀଙ୍କ ବାର୍ଷିକ ସାଂସ୍କୃତିକ ମହୋତ୍ସବ




**ପୁରୀ,୨୦।୩/ଏନ୍‌ଏନ୍‌ଏସ୍:** ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟର ବି.ବି.ଏ, ଏମ୍.ବି.ଏ. ଏବଂ ଏମ୍.କମ୍. (ଫାଇନାନ୍ସ ଓ କଣ୍ଟ୍ରୋଲ) ବିଭାଗର ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀ ମାନଙ୍କର ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ଅଭିନନ୍ଦନ-୨୦୨୬' ତା ୨୦/୦୩/୨୦୨୬ ରିଖ (ଶୁକ୍ରବାର) ଦିନ ପୁରୀ ଟାଉନ୍ ହଲ୍ ରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଚିତ୍ତରଞ୍ଜନ ଦ୍ୱିବେଦୀ ଉଦଘାଟିତ କରି, ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରତିପାଦିତ କରିବା ପାଇଁ ଏହା ଏକ ପ୍ରକୃଷ୍ଟ କାର୍ଯ୍ୟକ୍ରମ ବୋଲି ମତ ପୋଷଣ କରିଥିଲେ । ଏମ୍. ବି.ଏ., ଏମ୍.ଏଫ୍.ସି. ଓ ବି.ବି.ଏ. ବିଭାଗର ସଂଯୋଜକ ଡ଼ଃ ମହେନ୍ଦ୍ର କୁମାର ମିଶ୍ର ପାଠପଢ଼ା ବ୍ୟତୀତ ଏଭଳି କାର୍ଯ୍ୟକ୍ରମ ଜୀବନ ବଞ୍ଚିବାକୁ ସାବଳୀଳ କରେ ବୋଲି ମତ ପ୍ରକାଶ କରିଥିଲେ । ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ଼ଃ ଗୁରୁ ଚରଣ ନାୟକ ଓ ବିଭାଗୀୟ ମୁଖ୍ୟ ଡ଼ଃ ସତ୍ୟ ପ୍ରକାଶ ମିଶ୍ର କାର୍ଯ୍ୟକ୍ରମଟିକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ଉତ୍ସବ ରେ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପ୍ରାରମ୍ଭରେ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ସନ୍ତୋଷିନୀ, ରାଜଲକ୍ଷ୍ମୀ ଏବଂ ସୋନମ୍ ଭାଗ ନେଇଥିଲେ । ଏହା ପରେ ଓଡ଼ିଶୀ ନୃତ୍ୟ ରେ ଧନଶ୍ରୀ ଓ ଅନନ୍ୟା ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହାପରେ ପୂର୍ବ ଶିକ୍ଷା ବର୍ଷରେ ଏମ୍.ବି.ଏ.(ଆଦିତ୍ୟ ଛାଟୋଇ), ଏମ୍.ଏଫ୍.ସି.(ଅର୍ପିତା ରାଉତରାୟ) ଓ ବି.ବି.ଏ.ର (ପାଓ୍ୱନୀ) ଟପ୍ପରମାନଙ୍କ ସହିତ, ୨୦୨୫-୨୬ରେ କ୍ରୀଡା ଓ କଳା କ୍ଷେତ୍ରରେ ସଫଳତା ହାସଲ କରିଥିବା ବିଭାଗୀୟ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା । ଏହା ବ୍ୟତୀତ ବର୍ତ୍ତମାନ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ, ବିଭାଗର ପୂର୍ବତନ ବିଦ୍ୟାର୍ଥୀମାନଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା । ଏହା ପରେ ଅନେକ ଗ୍ରୁପ୍ ଡ୍ୟାନସ ପରିବେଷିତ ହୋଇଥିଲା ଯେଉଁଥିରେ ଗରିମା, ସମୀକ୍ଷା, ସୈତିକା, ଶିବାଲିକା, ଅନ୍ୱେଶା, ସୋନମ୍, ପାୟଲ, ଅଙ୍କିତା, ଇପ୍ସିତା, ଭାବନା, ପୂଜା, ରୁତୁପୂର୍ଣ୍ଣା, ବିଷ୍ଣୁ, ଆଲୋକ, ଅଶ୍ୱିନୀ, ଆଶୀର୍ବାଦ, ଅଭିଜିତ, ଅନୁମାନ, ଆକାଶ, ସତ୍ୟଜିତ୍, ଓମ୍, ସାହିଲ, ଶୁଭମ୍, ପ୍ରତିଭା, ସୁହାନା, ଶୁଭଶ୍ରୀ, ପ୍ରୀତି, ସାଇ ଲୀଭିଶା, ଆଦ୍ୟାସା, ଆର୍ଯ୍ୟା, ଦୁର୍ଗା, ମାନଭି, ଅନ୍ୱେଶା, ସ୍ନେହା, ସୁଚିତ୍ରା, ସାଗରିକା, ସୋବିତା, ପ୍ରୀତିନନ୍ଦା, ପ୍ରୀତି ପାୟଲ, ସ୍ମୃତି, ଆଦ୍ୟାସା, ଖିରାଦ୍ଧି ଆଦି ଭାଗ ନେଇଥିଲେ । ଏହା ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ରାମ୍ପ ଶୋ' ପ୍ରଦର୍ଶିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ କୁ ସୁନ୍ଦର ଭାବରେ ପରିଚାଳନା କରିବାରେ ସତ୍ୟଜିତ, ଜ୍ଞାନ, ଓମ୍, ଅମିତ୍, ଦିବ୍ୟାଂଶ, ଅବିନାଶ, ଅଂଶୁଲ୍, ଆଶୀର୍ବାଦ, ଆଦିତ୍ୟ, ଆଲୋକ, ସମୀକ୍ଷା, ଇପ୍ସିତା, ସନ୍ତୋଷିନୀ, ଅନ୍ୱେଷା, ପାୟଲ, ଯାଶମିନ୍, ଗୋଶାଳା, କ୍ଷିରାବ୍ଧୀ ଆଦି ଛାତ୍ରଛାତ୍ରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବିଭାଗୀୟ ବରିଷ୍ଠ ଅଧ୍ୟାପକ ଡଃ ଶିବପ୍ରସନ୍ନ ପଟ୍ଟନାୟକ, ଡଃ ଅଭିଷେକ ଶତପଥି, ପ୍ୟାରୀମୋହନ ଜେନା, ବିଷ୍ଣୁ ପ୍ରସାଦ ସାମନ୍ତରାୟ ଏବଂ ବରିଷ୍ଠ ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ, ସୌମ୍ୟା ମହାନ୍ତି ଓ ମଧୁସ୍ମିତା ଦାସ କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗିତା ପ୍ରଦାନ କରିଥିଲେ ।

## ବିଏଚ୍‌ପି ପକ୍ଷରୁ ଶ୍ରୀରାମ ରଥ ପରିକ୍ରମା ଶୁଭାରମ୍ଭ

**ଖୋର୍ଦ୍ଧା,୨୦।୩/ଏନ୍‌ଏନ୍‌ଏସ୍:** ବିଶ୍ୱ ହିନ୍ଦୁ ପରିଷଦ, ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ଚୈତ ଶୁକ୍ଳ ପ୍ରତିପଦାରୁ ଶ୍ରୀରାମ ନବମୀ ପଯ୍ୟନ୍ତ ସପ୍ତାହ ବ୍ୟାପୀ ଶ୍ରୀରାମ ରଥ ଉତ୍ସବ ଶୁଭାରମ୍ଭ ହୋଇଛି । ଖୋର୍ଦ୍ଧା ଉପକଣ୍ଠ ପୁରୁ ସାହି ସ୍ଥିତ ଶ୍ରୀରାମକୃଷ୍ଣ ଗୋଶାଳା ପରିସରରୁ ଏହି ରଥ ଉଦ୍‌ଘାଟନ ହୋଇଥିଲା । ଏକ ସୁସଜ୍ଜିତ ରଥରେ ଶ୍ରୀରାମ ଲାଲା



ବିଜେ କରିଛନ୍ତି । ଏହି ରଥ ସପ୍ତ ଦିନ ବ୍ୟାପୀ ବେଗୁନିଆ, ବୋଲଗଡ, ବାଙ୍କି, ରଣପୁର ଦେଇ ଟାଙ୍ଗି, ବାଣପୁର, ଚିଲିକା ବ୍ଲକର ପ୍ରଭୃତି ଅଞ୍ଚଳର ଶହେରୁ ଉର୍ଦ୍ଧ ଗ୍ରାମରେ ଏହି ରଥ ପରିକ୍ରମା କରିବ । ଶ୍ରୀରାମ ନବମୀରେ ଖୋର୍ଦ୍ଧା ପ୍ରବେଶ କରିବ । ଗୁରୁଜଙ୍ଗ ପତୀତପାବନ ଛକରେ ରଥକୁ ସାଗତ କରାଯାଇ ସେଠାରୁ କୁମାରବସ୍ତ, ପିତାପଲ୍ଲୀ ଜଟଣା ବାଇପାସ, ମୁକୁନ୍ଦପ୍ରସାଦ ଦେଇ ସହର ପରିକ୍ରମା କରି ଜରିପୁଟ ସ୍ଥିତ ଶ୍ରୀ ସଙ୍କଟମୋଚନ ହନୁମାନ ମନ୍ଦିରରେ ସମାପ୍ତ ଘଟିବ ବୋଲି ବୋଲି ବିଏଚପି ପକ୍ଷରୁ କୁହାଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଜିଲା ସହ ସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ, ପ୍ରଭାତ ପାଣିଗ୍ରାହୀ, କୋଷାଧକ୍ଷ ଅଭିମନ୍ୟୁ ଘଟୁଆଳ, ରଞ୍ଜନ ବରାଳ, ସାମାଜିକ କର୍ମୀ ସୁଚିସ୍କତା ବଡ଼ଜେନା, ବିଏଚପି ଖୋର୍ଦ୍ଧା ପ୍ରଖଣ୍ଡ କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମିଶ୍ର, ସମ୍ପାଦକ କିତେନ୍ଦ୍ର ବେହେରା, ବଜରଙ୍ଗ ଦଳ ଜିଲା ସଂଯୋଜକ ଉଦିତ ନାରାୟଣ ପହରାଜ, ସହ ଜିଲା ସଂଯୋଜକ ଏସ୍‌ଏମ୍ ଦିବ୍ୟପ୍ରକାଶ, ଚନ୍ଦନ ମହାରଣା, ଶୁଭଙ୍କର ପାଉଜରାୟ, ବିକାଶ ସ୍ୱାଇଁ, ବିକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

**ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ**

## ସଭ୍ୟତା ଓ ସଂଘର୍ଷର ଅପୂର୍ବ ସମନ୍ୱୟରେ ଜୀବନ୍ତହେଲା ସମ୍ବଲପୁରୀ ନାଟକ 'ସମୁଦ୍ର'

**ନୟାଗଡ଼,୨୦।୩/ଏନ୍‌ଏନ୍‌ଏସ୍:** ନାଟ୍ୟଧାରା ପକ୍ଷରୁ ଚାଲିଥିବା ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ୬ଷ୍ଠ ଦିବସରେ 'ସୁର, ସମ୍ବଲପୁର' ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ସମ୍ବଲପୁରୀ ନାଟକ 'ସମୁଦ୍ର' ସଫଳତାର ସହ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ମଞ୍ଚସ୍ଥ ହୋଇଯାଇଛି । ଡକ୍ଟର ପ୍ରସନ୍ନ କୁମାର ସାହୁଙ୍କ ଲିଖିତ ଏହି ନାଟକଟି ନିଜର ନିଆରା କଥାବସ୍ତୁ ଓ ଜୀବନ୍ତ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇଛି ।ନାଟକର କାହାଣୀ ଜଣେ ଜଙ୍ଗଲୀ ଯୁବକ 'କମ୍ବୁ' ଓ ଜାହାଜ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା 'କ୍ୟାପଟେନ କିଶନ'ଙ୍କ ସଂଘର୍ଷମୟ ଜୀବନକୁ ନେଇ ଗତିଶୀଳ ହୋଇଥିଲା । ଏକ ନିଛାଟିଆ ଦ୍ୱୀପରେ ପ୍ରକୃତିର ନିର୍ମମତା ଏବଂ ମାନବିକତାର ପରୀକ୍ଷାକୁ ମଞ୍ଚରେ ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଥିଲା । ବିଶେଷ କରି ମହାଭାରତର ପ୍ରସଙ୍ଗ ମାଧ୍ୟମରେ ନୈତିକତାର ବାର୍ତ୍ତା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ନାଟ୍ୟଶ୍ରୀ ମାନସ ରଞ୍ଜନ ମିଶ୍ର ନାଟକର ପରିକଳ୍ପନା ଓ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବା ସହ 'କମ୍ବୁ' ଭୂମିକାରେ ଏକ ଦମଦାର ଅଭିନୟ ପ୍ରଦର୍ଶନ କରିଥିଲେ । ଅନ୍ୟ ପ୍ରମୁଖ କଳାକାରଙ୍କ ମଧ୍ୟରେ ?ସପନୀ ଭୂମିକାରେ ଦିବ୍ୟାନି ଚଇନିଙ୍କ ଭାବପୂର୍ଣ୍ଣ ଅଭିନୟ ତଥା କ୍ୟାପଟେନ କିଶନ ଭାବେ



ସତ୍ୟନାରାୟଣ ସାହୁଙ୍କ ପରିପକ୍ୱ ଅଭିନୟ ଦର୍ଶକ ମାନଙ୍କୁ ବେଶ ବିମୋହିତ କରିଥିବା ବେଳେ କେତନ ଭୂମିକାରେ ସତୀନ୍ଦ୍ର ନାୟକଙ୍କ ଅଭିନୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା ।ନାଟକଟିକୁ ସଫଳ କରିବାରେ ବୃନ୍ଦାବନ ମିଶ୍ରଙ୍କ ଚମତ୍କାର ଆଲୋକ ସମ୍ପାଦନା ଓ ଶିବସାୟୀ ମିଶ୍ରଙ୍କ ହୃଦୟସ୍ପର୍ଶୀ ସଙ୍ଗୀତ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ପୁଷ୍ପାଞ୍ଜଳି ଦାଶ, ଜନାର୍ଦ୍ଦନ ପ୍ରଧାନ ଓ ବିକାଶ ଧ୍ରୁବଙ୍କ ଦ୍ୱାରା ପ୍ରସ୍ତୁତ ମଞ୍ଚ ସଜ୍ଜା ଦର୍ଶକଙ୍କୁ ପ୍ରକୃତ ଦ୍ୱୀପର ଅନୁଭୂତି ପ୍ରଦାନ କରିଥିଲା । 'ସମୁଦ୍ର କେବଳ ଦୁଇଟି କୂଳକୁ ପୃଥକ୍ କରେନାହିଁ, ବରଂ ସଂଘର୍ଷ ଓ ସହନଶୀଳତା ମାଧ୍ୟମରେ ମଣିଷକୁ ଯୋଡ଼ିଥାଏ' ଏହି ବାର୍ତ୍ତା ସହ ନାଟକଟି ଶେଷ ହୋଇଥିଲା । ଆଜିର ନାଟକକୁ ଉଦଘାଟକ ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ ଏବଂ ଯୁବ ଶିଳ୍ପଦ୍ୟୋଗୀ ତାପସ କୁମାର ପାଢ଼ୀ ଉପସ୍ଥିତ ଥିଲେ । ଏହି ଅବସରରେ ନାଟକର ନିର୍ଦ୍ଦେଶକ ମାନସ ରଞ୍ଜନ ମିଶ୍ରଙ୍କୁ ନାଟ୍ୟଧାରା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ନାଟ୍ୟଧାରା ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଏବଂ ନିର୍ଦ୍ଦେଶକ ଡ. ବିଜୟ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଦର୍ଶନ ଶେଷରେ ଉପସ୍ଥିତ ଅତିଥି ଓ ନାଟ୍ୟ ପ୍ରେମୀମାନେ କଳାକାରଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ସମ୍ବଲପୁରୀ ନାଟକ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ବୋଲି ମତପ୍ରକାଶ କରିଛନ୍ତି ।

### ମହାନଦୀ ରିଭର୍ ଫ୍ରଣ୍ଟ୍ ...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରକଳ୍ପକୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ଜାତୀୟ ସ୍ତରର ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଗୁଜରାଟର ସାବରମତୀ ଡିଜାଇନକୁ ଅନୁଧ୍ୟାନ କରାଯିବ । ମହାନଦୀ କୂଳ ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି, ସେହି ପ୍ରକଳ୍ପ ଗୁଡ଼ିକର ମଧ୍ୟ ସୌନ୍ଦର୍ଯ୍ୟକରଣ ହେବ । ଏହାଦ୍ୱାରା ଏହି ପ୍ରକଳ୍ପଗୁଡ଼ିକ ନଦୀତଟକୁ ସୁରକ୍ଷା ଦେବା ସହିତ ପର୍ଯ୍ୟଟକମାନଙ୍କ ପାଇଁ ମଧ୍ୟ ଆକର୍ଷଣର କେନ୍ଦ୍ର ହୋଇପାରିବ । ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ଦ୍ୱିତୀୟ ପର୍ଯ୍ୟାୟ କାମବେଳେ ଧବଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ନିକଟସ୍ଥ ପଠାକୁ ବିକଶିତ କରାଯିବ । ଅଧିକ ଆକର୍ଷଣୀୟ କରିବା ପାଇଁ ମହାନଦୀ ମଧ୍ୟରେ କ୍ରୁଜ ଚଳାଚଳ ବ୍ୟବସ୍ଥା ହେବ । ଏସବୁ ସୌନ୍ଦର୍ଯ୍ୟକରଣ କାମ ପାଇଁ ଆବଶ୍ୟକ ହେଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜିବ ମିଶ୍ର, ନିର୍ଦ୍ଦେଶକ ପୌର ପ୍ରଶାସନ ଅରିନ୍ଦମ ଡାକୁଆ, କଟକ ମହାନଗର ନିଗମ ଆୟୁକ୍ତ କିରଣଦୀପ୍ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ ।

## ନାଟୋ ହେଉଛି କାଗଜ ବାଘ: ଟ୍ରମ୍ପ୍

**ୱାଶିଙ୍ଗଟନ୍,୨୦।୩/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଜି ଇରାନ୍ ଯୁଦ୍ଧ ପ୍ରସଙ୍ଗରେ ନାଟୋ ଦେଶଗୁଡ଼ିକୁ ତୀବ୍ର ଭର୍ତ୍ସନା କରିଛନ୍ତି । ଟ୍ରମ୍ପ୍ ନାଟୋ ସଦସ୍ୟ ରାଷ୍ଟ୍ର ମୁଖ୍ୟଙ୍କୁ କାପୁରୁଷ ବୋଲି ଅଭିହିତ କରିବା ସହ କହିଛନ୍ତି ଯେ, 'ଆମେରିକା ବିନା, ଏମାନେ ସବୁ କାଗଜ ବାଘ । ସେମାନେ ମନେ ରଖିବେ ଯେ ସେମାନେ ଯୁଦ୍ଧରେ ଆମକୁ ସମର୍ଥନ କରିନଥିଲେ । ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ଟ୍ରୁଥ୍' ସୋସିଆଲ୍‌ରେ ଉଲ୍ଲେଖ କରିଛନ୍ତି ଯେ, ବିଶ୍ୱର ମହାନ୍ ଦେଶ ଆମେରିକାକୁ କୌଣସି ପ୍ରକାର ଯୁଦ୍ଧ ଲଢ଼ିବା ପାଇଁ କାହାର ସାହାଯ୍ୟ ସହଯୋଗର କଦାପି ଆବଶ୍ୟକ ନାହିଁ । ଆମେରିକା ସେନା ନିଜ ସାମର୍ଥ୍ୟ ବଳରେ ହିଁ ନିଜ ବିଜୟ ସୁନିଶ୍ଚିତ କରିଥାଏ । ଇରାନ୍ ବିପକ୍ଷ ଯୁଦ୍ଧରେ ମଧ୍ୟ ତାହାହିଁ ହୋଇଆସୁଛି ଏବଂ ପରିଣାମ ମଧ୍ୟ ଆମେରିକା ସପକ୍ଷରେ ହିଁ ରହିବ । କିନ୍ତୁ ଏହି ସମୟରେ ହର୍ମୁଜ୍ ପ୍ରଣାଳୀକୁ ଖୋଲିବା ପାଇଁ ସେ (ନିଜେ ଟ୍ରମ୍ପ୍) ବାରମ୍ବାର ଆହ୍ୱାନ କରିବା ସତ୍ତ୍ୱେ ନାଟୋ ମେଣ୍ଟ କିମ୍ବା କୌଣସି ପାଶ୍ଚାତ୍ୟ ଦେଶ ସହଯୋଗ କରିବାକୁ ଆଗଭର ହୋଇନାହାନ୍ତି । ଆମେରିକା ଏହାକୁ ସବୁଦିନ ପାଇଁ ମନେ ରଖିବ । ପ୍ରକାଶ, ଏହା ପୂର୍ବରୁ ମଧ୍ୟ ଟ୍ରମ୍ପ୍ ଅନେକ ଥର ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ନିନ୍ଦା କରିବା ସହ ଧମକପୂର୍ଣ୍ଣ ଚେତାବନୀ ମଧ୍ୟ ଦେଇସାରିଛନ୍ତି । ଟ୍ରମ୍ପ୍ କିଛି ଦିନ ପୂର୍ବେ କହିଥିଲେ ଯେ, ଠିକଣା ସମୟରେ ସହଯୋଗ କରିବାକୁ ପଛଘୁଞ୍ଚା ଦେଉଥିବା ନାଟୋ ଠାରୁ ଆମେରିକା ଏଣିକି ଦୂରତା ରକ୍ଷା କରିବ । ଏପରିକି ସେ ସେ ଏହାକୁ ନଷ୍ଟ କରିଦେବେ ବୋଲି ମଧ୍ୟ ଧମକ ଦେଇଥିଲେ । ଟ୍ରମ୍ପ ବରାବର କହିଆସୁଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀକୁ ଖୋଲିବା ଅତ୍ୟନ୍ତ ସହଜ ସାମରିକ ପଦକ୍ଷେପ । କିନ୍ତୁ ଏହା ସତ୍ତ୍ୱେ ଅନେକ ଦେଶ ଏଠାକୁ ନିଜ ନିଜ ଯୁଦ୍ଧପୋତ ପଠାଇବାକୁ ଅସ୍ୱୀକାର କରିଛନ୍ତି । ନାଟୋ ମଧ୍ୟ ଏହି ପ୍ରସଙ୍ଗରୁ ବର୍ତ୍ତମାନ ସୁଦ୍ଧା ଦୂରେଇ ରହିଛି ।

## ୨୭ରୁ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରା

**ଓଡ଼ଗାଁ,୨୦।୩/ଏନ୍‌ଏନ୍‌ଏସ୍:** ସ୍ୱର୍ଣ୍ଣ କଳସୀ କ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରା ଚଳିତ ମାର୍ଚ୍ଚ ମାସ ୨୭ତାରିଖରୁ ୯ଦିନ ବ୍ୟାପି ଅନୁଷ୍ଠିତ ହେବ । ଏହି ଯାତ୍ରାକୁ ସୁରୁଖୁରୁରେ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି । ପୁରୁଣା କଥାବସ୍ତୁ ଅନୁସାରେ ଓଡ଼ଗାଁରେ ଅତ୍ରୀମୁନିଙ୍କ ଆଶ୍ରମ ରହିଥିଲା । ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ, ମାତା ସୀତା ଅତ୍ରିମୁନିଙ୍କ ଅନୁରୋଧ ରକ୍ଷାକରି ଆତିଥ୍ୟ ଗ୍ରହଣ କରିବାକୁ ଓଡ଼ଗାଁ ଆସିଥିଲେ ।କିଛିଦିନପରେ ରାଜା ବୈରାଗୀ ପଟ୍ଟନାୟକଙ୍କୁ ସ୍ୱପ୍ନାଦେଶ ହେବାପରେ ଓଡ଼ଗାଁରେ ତିନିବିଗ୍ରହଙ୍କ ମନ୍ଦିର ନିର୍ମାଣ ହେଲା । ରଘୁନାଥ ଜିଉଙ୍କ ମନ୍ଦିର ନିର୍ମାଣ ପରେ ଏଠାକୁ ଦେଶର କୋଣ ଅନୁକୋଣରୁ ହଜାର ହଜାର ଭକ୍ତଙ୍କ ସୁଅ ଛୁଟିଲା । ପ୍ରଭୁଙ୍କ ଦର୍ଶନ ପରେ ଅନେକ ଲୋକଙ୍କ ଦୁର୍ଦ୍ଦଶା ଦୂରହେଲା ଓ ଦିନକୁ ଦିନ ଠାକୁରଙ୍କ ଉପରେ ବିଶ୍ୱାସ ବଢିଲା । ଏଠି ୧୨ ମାସରେ ୧୩ ପର୍ବ ଅନୁଷ୍ଠିତ ହୋଇଥାଏ । ଶ୍ରୀରଘୁନାଥ ଜିଉଙ୍କ ବଡ଼ପର୍ବ ହେଉଛି ଶ୍ରୀରାମ ନବମୀ ଯାତ୍ରା ।ପ୍ରଭୁ ବିଭିନ୍ନ ଅବତାର ବେଶରେ ଭକ୍ତଙ୍କୁ ୯ ଦିନଧରି ଦର୍ଶନ ଦେଇଥାନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ରାମତାରକା ମନ୍ତ୍ର ଜପକରି କବିତ୍ୱ ଲାଭ କରିଛନ୍ତି । ସେ ୫୨ ଖଣ୍ଡ ପୁସ୍ତକ ରଚନା କରିଥିଲେ । ଠାକୁରଙ୍କ ଏହି ଅପୂର୍ବ ଲୀଳା ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ । ମନ୍ଦିରକୁ ପ୍ରତିବର୍ଷ ଭଳି କଲର ଦିଆଯାଇ ଆଲୋକମାଳାରେ ସୁସଜ୍ଜିତ କରାଯାଇଥାଏ ଓ ଏହି ୯ଦିନ ଓଡ଼ଗାଁ ଚଳଚଞ୍ଚଳ ହୋଇଉଠେ । ଆସନ୍ତା ୨୭ ତାରିଖ ଶୁକ୍ରବାର ଜନ୍ମନାରାୟଣ ବିଧାନ ରାମଜନ୍ମ, ୨୮ତାରିଖ ଶନିବାର ତାଡ଼କା ବଧ, ୨୯ତାରିଖ ରବିବାର ଅହଲ୍ୟା ଉଦ୍ଧାରଣ, ୩୦ ତାରିଖ ସୋମବାର ଗଙ୍ଗାପାର, ୩୧ ତାରିଖ ମଙ୍ଗଳବାର ଧନୁ ଭଗ୍ନ ଓ ସୀତା ବିବାହ, ଏପ୍ରିଲ ୧ତାରିଖ ବୁଧବାର ବନବାସ, ୨ ତାରିଖ ଗୁରୁବାର ସାଧାରଣ ଦର୍ଶନ, ୩ତାରିଖ ଶୁକ୍ରବାର ଚିତ୍ରକୁଟ, ୪ତାରିଖ ଶନିବାର ଅଷ୍ଟାବଧାନ, ୫ତାରିଖ ରବିବାର ଯୁଦ୍ଧଯାତ୍ରା, ୬ତାରିଖ ସୋମବାର ଦିନ ଅଭିଷେକ ଓ ୭ତାରିଖ ମଙ୍ଗଳବାର ପାଣିଖେଳ ଏବଂ ରାବଣ ପୋଡ଼ି ଅନୁଷ୍ଠିତ ହେବବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।



ମାନବତା ପାଇଁ ଅହିଂସା ହିଁ ସବୁଠାରୁ ବଡ ଶକ୍ତି । ଏହା ମନୁଷ୍ୟ ଦ୍ୱାରା ପ୍ରସ୍ତୁତ ବିନାଶକାରୀ ହତିଆର ଠାରୁ ଅଧିକ ଶକ୍ତିଶାଳୀ ।
- ଗାନ୍ଧୀ ବାଣୀ

ନିତିଦିନ NITIDIN

## ଆସିଲା ଫଗୁଣ ମାସ



ଭୁବନାନନ୍ଦ ପାଣିଗ୍ରାହୀ

ଆମ୍ବ ବଉଳର ବାସ
ଚହଟାଇ ଦେଲା ଗାଆଁ ମୁଣ୍ଡ ତୋଟା
ଆସିଲା ଫଗୁଣ ମାସ ।
ମଳୟ ମଧୁର ବାଆ
ଦକ୍ଷିଣ ଦିଗରୁ ସୁଲୁସୁସଲୁ ବହି
ଶୀତଳ ଲାଗିଲା ଆହା ।
କଅଁଳ ପତର ଧରି
ଗଛବୃଛ ସବୁ ବଢ଼ିବଢ଼ି ଗଲେ
ସୁନ୍ଦର ଦିଶିଲେ ଭାରି ।
ଫୁଟିଲା ପଲାଶ ଫୁଲ
ନାଲି ଚହଚହ ଦିଶେ ବାଟଘାଟ
ସତେ ବଣ ନିଆଁ ଝୁଲ ।
ହଳଦୀ ବସନ୍ତ ଆସି
ସଜନା ଡାଳରେ ଥିଇରି ବସିଲା
ଟିକି ଥଣ୍ଟ ତା'ର ଘଷି ।
କୋଇଲି ଗାଇଲା କୁହୁ
ବସନ୍ତ ଆସିଲା ଧରାକୁ ଓହ୍ଲେଇ
କହିଦେଲା ଗାଉ ଗାଉ ।

ଭାରତୀୟ ଷ୍ଟେଟ ବ୍ୟାଙ୍କ
**ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ, ଭୁବନେଶ୍ୱର-୧**
**ମୋ: ୯୯୩୭୭୨୪୩୧୨**

## ପୁଷି ମାଉସୀ ଓ ଚୁଟିଆ ମୂଷା



ରଶ୍ମି ରଞ୍ଜନ ସାହୁ

ପୁଷି ମାଉସୀ ପୁଷି ମାଉସୀ
ଏପଟେ ଟିକେ ଆସ
ଦେଖ କେମିତି ଚୁଟିଆ ମୂଷା
ମୋଡୁଛି ବସି ନିଶ ।
ଚଟର ଚଟ ଦାନ୍ତ ଚଲେଇ
କାଟୁଛି ମୋର ବହି
ଧାନ, ଚାଉଳ, ପନିପରିବା
ଯାଉଛି ସବୁ ଖାଇ ।
ନିଜକୁ ପରା ମଣୁଛି ରାଜା
ଦେଖାଏ କେତେ ଠାଣି
ଦେଉନି ଧରା ମାରୁଛି ଡିଆଁ
ଧରାକୁ ସରା ମଣି ।
ଆସନ୍ତ ଯଦି ଘରକୁ ଆମ
ଯାଆନ୍ତା ସିଏ ଡରି
ଛାଡ଼ନ୍ତା ଘର ଲୁଚିଲୁଚିକା
ଜିନିଷ ତା'ର ଧରି ।
ମୋ କଥା ଶୁଣି 'ମିଆଉଁ' କହି
ଆସିଲା ପୁଷି ଧାଇଁ
କୁଆଡ଼େ ଗଲା ଚୁଟିଆ ମୂଷା
ସେବେଠୁ ଦେଖା ନାହିଁ ।

**କଳିଙ୍ଗ ବିହାର, ସାକ୍ଷୀଗୋପାଳ, ପୁରୀ**
**ମୋ: ୮୨୪୯୯୧୦୧୩୮**



## ଆମ ଗର୍ବ, ଆମ ଗୌରବ



### ସୁଧାକର ରାଉତ

ଜନ୍ମ ତାରିଖ: ୧୦ ନଭେମ୍ବର ୧୯୫୫
ଜନ୍ମସ୍ଥାନ: ପ୍ରତାପ ନଗରୀ, ଭାଣପୁର, ଜି: କଟକ
ମୋ: ୮୨୪୯୯୩୨୭୯୨

ଓଡ଼ିଆ ଶିଶୁସାହିତ୍ୟର ଏକ ପରିଚିତ ନାମ । ବିଶେଷକରି କବିତା ଲେଖନ୍ତି । ଲେଖକୀୟ କୃତି ପାଇଁ ରେବାରାୟ ଫାଉଣ୍ଡେସନ, ଅମୃତ ଦୁନିଆ, ନବ ଉନ୍ମେଷ ଆଦି ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନିତ । ଜଣେ କୃତୀ ଶିକ୍ଷକ ରୂପେ ମଧ୍ୟ ସୁନାମ ଅର୍ଜନ କରିଛନ୍ତି । ଏବେ ଅବସରନେବା ପରେ ଶିଶୁସାହିତ୍ୟ ରଚନା ଓ ସାଂଗଠନିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଛନ୍ତି ।

**ଆମ ପ୍ରଶ୍ନ:** ଶିଶୁସାହିତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ଶିକ୍ଷକମାନେ କି ପ୍ରକାର ଭୂମିକା ଗ୍ରହଣ କରିପାରିବେ ?

**ଆପଣଙ୍କ ଉତ୍ତର:** ବର୍ତ୍ତମାନ ସମୟରେ ଶିଶୁସାହିତ୍ୟ ପଠନ ପ୍ରତି ପିଲାମାନଙ୍କର ଆଗ୍ରହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଅଭିଭାବକମାନଙ୍କ ସହ ଶିକ୍ଷକମାନଙ୍କର ମଧ୍ୟ ଗୁରୁ ଦାୟିତ୍ୱ ରହିଛି । ବିଦ୍ୟାଳୟରେ ସେମାନେ ସପ୍ତାହରେ ଅନ୍ୟୁନ ଗୋଟିଏ ପିରିୟଡ଼ ଗଳ୍ପ, କବିତା, ଲିଖନ ଆଦି ପ୍ରତିଯୋଗିତା କରି ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରାଇ ପାରିବେ । ଏଥି ସହିତ ଶିକ୍ଷକମାନେ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ଶିଶୁ ଉପଯୋଗୀ ଗଳ୍ପ ଓ କବିତା ମଧ୍ୟ ସେମାନଙ୍କ ଦ୍ୱାରା ପଠନ କରାଇବାର ବ୍ୟବସ୍ଥା କରିପାରିବେ । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରମାନଙ୍କୁ ଶିକ୍ଷକମାନେ ନିଜେ ପଢ଼ିଥିବା ଗପ ଶୁଣାଇପାରିଲେ, ଶିଶୁସାହିତ୍ୟ ପ୍ରତି ସେମାନଙ୍କର ଆଗ୍ରହ ବଢ଼ିବ । ଏ ସବୁକୁ ବାସ୍ତବ ରୂପ ଦେବା ପାଇଁ ଶିକ୍ଷକମାନଙ୍କର ଆନ୍ତରିକତା ଏକାନ୍ତ ଅପରିହାର୍ଯ୍ୟ ।

## ପ୍ରାର୍ଥନା



ପ୍ରତିଦିନ ପିଲା ସକାଳେ ଓ ସଞ୍ଜେ
ନିଶ୍ଚୟ ପ୍ରାର୍ଥନା କର
ସୃଷ୍ଟିକର୍ତ୍ତାଙ୍କ ଅଭିନବ ସୃଷ୍ଟିର
ମହତ୍ତ୍ୱ ଟିକିଏ ସ୍ମର ।
ବିଭୁଙ୍କ ଅଶେଷ କୃପା ବଳରେ
ମନରେ ଆସିବ ଶାନ୍ତି
ଅଫୁରନ୍ତ ସାହସ ଆସିବ ମନେ
ଦୂର ହେବ ଭୟ ଭ୍ରାନ୍ତି ।
ଶାନ୍ତ ସ୍ୱଭାବର ଅଧିକାରୀ ହୋଇ
ରାଗ ରୋଷ ହେବ ଦୂର
ପାଠ ପଢ଼ାରେ ତ ଆସିଯିବ ଲୟ
ହଟିଯାଇ ସବୁ ଡର ।
ମିଛ କହିବାକୁ ହେବ ନାହିଁ ଇଚ୍ଛା
ସତ ପଥେ ଯିବ ମନ
ଭୁଲ କାମ ପ୍ରତି ଇଚ୍ଛା ନ ବଳିବ
ରହି କର୍ମ ପ୍ରତି ଧ୍ୟାନ ।
କାହା ମନେ କଷ୍ଟ ଦେବାକୁ ବିବେକ
ବାରଣ କରିବ ପରା
ଈଶ୍ୱର ଅଛନ୍ତି ସବୁ ହୃଦେ ଭାବ
ସୁନ୍ଦର ଲାଗିବ ଧରା ।
ଭକ୍ତି ଭାବ ରଖି ନିଜକୁ ସମର୍ପି
ଅରଜି ଧରମ-ଧନ
ନିଜ ବ୍ୟବହାର ମାର୍ଜିତ କରିବା
ପ୍ରାର୍ଥନାରେ ଢାଳି ମନ ।
ଆସ ପିଲାମାନେ ନିୟମିତ ଭାବେ
ଭକ୍ତିରେ ପ୍ରାର୍ଥନା କରି
ଭଲ ମଣିଷଟେ ହୋଇବା ଜୀବନେ
ଲଭି ହରି କୃପା ବାରି ।

**ନୀତିକଥା**

## ନିଜ ଭୁଲକୁ ପରଖ



ପ୍ରଭାତ କୁମାର ମହାପାତ୍ର

ଏକଦା ଜଣେ ଗୁରୁ ଜଣେ ଶିଷ୍ୟଙ୍କ ସେବାରେ ଗଭୀର ଭାବରେ ପ୍ରଭାବିତ ହେଲେ । ଯେତେବେଳେ ସେହି ଶିଷ୍ୟ ଜଣକ ତାଙ୍କ ପାଠପଢ଼ା ସମାପ୍ତ କରି ପ୍ରସ୍ଥାନ କରିବାକୁ ନିଜ ଘରକୁ ବାହାରିଲେ, ସେତେବେଳେ ଗୁରୁ ତାଙ୍କୁ ଆଶୀର୍ବାଦ ସ୍ୱରୂପ ଏକ ଦର୍ପଣ ଦେଇଥିଲେ କିନ୍ତୁ ତାହା କୌଣସି ଏକ ସାଧାରଣ ଦର୍ପଣ ନଥିଲା । ଏହି ଦିବ୍ୟ ଦର୍ପଣରେ ଯେକୌଣସି ବ୍ୟକ୍ତିଙ୍କ ମନର ଚିନ୍ତାଧାରା ସଙ୍ଗେ ସଙ୍ଗେ ପ୍ରତିଫଳିତ ହେବା କ୍ଷମତା ଥିଲା । ସେ ମନେ ମନେ ଭାବିଲେ, 'ଯିବା ପୂର୍ବରୁ, ଦର୍ପଣର କ୍ଷମତା ପରୀକ୍ଷା କଲେ ବହୁତ ଭଲ ହୁଅନ୍ତା ?' ଅନ୍ୟମାନଙ୍କୁ ପରଖିବା ପାଇଁ ଶିଷ୍ୟ ପାଖରେ ଉପକରଣ ଥିଲା । ତେଣୁ, ସେ ଯାହାକୁ ଭେଟୁ ଥିଲେ ତାକୁ ପ୍ରଥମେ ପରୀକ୍ଷା କରୁଥିଲେ । ସେ ତାଙ୍କର ଅନେକ ଘନିଷ୍ଠ ବନ୍ଧୁ ଏବଂ ଅନ୍ୟାନ୍ୟ ପରିଚିତ ଲୋକଙ୍କ ସମ୍ମୁଖରେ ସେହି ଦର୍ପଣ ଧରି ସେମାନଙ୍କୁ ମଧ୍ୟ ପରୀକ୍ଷା କରି ସବୁବେଳେ କିଛି ନା କିଛି ଖରାପ ଗୁଣ ଲକ୍ଷ୍ୟ କରୁଥିଲେ । ଶିଷ୍ୟଟିର ପ୍ରତ୍ୟେକ ଅଭିଜ୍ଞତା ଦୁଃଖଦାୟକ ଥିଲା । ସେ ମନେମନେ ଭାବୁଥିଲେ, ଦୁନିଆର ସମସ୍ତେ କାହିଁକି ଏତେ ଖରାପ ? ସେମାନେ ଯେପରି ଦେଖାଯାଉଥିଲେ ସେହିପରି ବିଲକୁଲ ନଥିଲେ । ଏହି ହତାଶାଜନକ ଚିନ୍ତାଧାରା ମଧ୍ୟରେ ବୁଡ଼ି ସେ କୌଣସି ପ୍ରକାରେ ଦୁଃଖିତ ହୃଦୟରେ ଘରକୁ ଫେରି ଆସିଲେ ।

ହଠାତ୍ ତାଙ୍କ ମନକୁ ପିତାମାତାଙ୍କ କଥା ଆସିଲା । ତାଙ୍କ ପିତା ସମାଜରେ ବହୁତ ସମ୍ମାନିତ ବ୍ୟକ୍ତି ଥିଲେ । ଲୋକମାନେ ତାଙ୍କ ମାତାଙ୍କୁ ଦେବୀ ବୋଲି କହୁଥିଲେ, ସେ ନିଷ୍ପତ୍ତି ନେଲେ ଯେ, ତାଙ୍କୁ ମଧ୍ୟ ପରୀକ୍ଷା କରିବାକୁ ହେବ । ସେ ତାଙ୍କ ପିତାମାତାଙ୍କୁ ପରୀକ୍ଷା କରିବା ପାଇଁ ପୁଣି ସେହି ଦର୍ପଣ ବ୍ୟବହାର କରିବାକୁ ଲାଗିଲେ । ସେ ଜାଣିଥିଲେଯେ ତାଙ୍କ ପିତାମାତାଙ୍କ ହୃଦୟରେ ମଧ୍ୟ କିଛି ନା କିଛି ତ୍ରୁଟି ନିହାତି ଥାଇ ପାରେ । ସେମାନେ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଦୁରାଚାରରୁ ମୁକ୍ତ ନୁହଁନ୍ତି; ସମଗ୍ର ବିଶ୍ୱ- ମିଥ୍ୟା ଉପରେ ଆଧାରିତ । ଶିଷ୍ୟର ଅସ୍ଥିରତା ମଧ୍ୟ ବେଳକୁ ବେଳ ଅସହ୍ୟ ହୋଇପଡୁଥିଲା । ସେ ଘୋର ବିଷାଦ ମନରେ ଦର୍ପଣ ଉଠାଇ ପୁନଶ୍ଚ ଗୁରୁକୁଳ ଆଡକୁ ଚାଲିବାକୁ ଲାଗଲେ । ସେ ଗୁରୁକୁଳରେ ପହଞ୍ଚି ସିଧାସଳଖ ତାଙ୍କ ଗୁରୁଙ୍କ ସମ୍ମୁଖରେ ଠିଆ ହୋଇଗଲେ । ତାଙ୍କର ଅସ୍ଥିରତା ଦେଖୁ ଦେଖୁ, ଗୁରୁଦେବ ସବୁକିଛି ଅନୁମାନ କରିସାରିଥିଲେ । ଶିଷ୍ୟଟି ତାଙ୍କ ଗୁରୁଙ୍କୁ ନମ୍ରତାର ସହିତ କହିଲେ, 'ଗୁରୁଦେବ, ଆପଣ ମୋତେ ଦେଇଥିବା ଦର୍ପଣ ସାହାଯ୍ୟରେ ମୁଁ ଦେଖିଲି ଯେ ସମସ୍ତଙ୍କ ହୃଦୟ ବିଭିନ୍ନ ତ୍ରୁଟିରେ ପରିପୂର୍ଣ୍ଣ । ମୁଁ ଏପର୍ଯ୍ୟନ୍ତ କାହିଁକି ଜଣେ ବି ତ୍ରୁଟିହୀନ ଭଦ୍ରଲୋକଙ୍କୁ ଦେଖି ପାରିଲି ନାହିଁ ? ମୁଁ କ୍ଷମା ପ୍ରାର୍ଥନା କରୁଛି ମୁଁ ଅନେକଙ୍କ ମଧ୍ୟରେ ଅନେକ ତ୍ରୁଟି ଦେଖିବାକୁ ପାଇଲି । ଏହା ମୋତେ ଗଭୀର ଭାବରେ ଚିନ୍ତିତ କରିଛି ।'



ଗୁରୁ ସବୁ ଶୁଣି ସାରି ମୃଦୁ ହସରେ ଶିଷ୍ୟ ଧରିଥିବା ଦର୍ପଣଟିକୁ ହଠାତ୍ ଶିଷ୍ୟଙ୍କ ଆଡ଼କୁ ହିଁ ବୁଲାଇ ଦେଲେ । ଶିଷ୍ୟଟି ଆଶ୍ଚର୍ଯ୍ୟ ହୋଇଗଲା । ତାଙ୍କ ମନରେ ମଧ୍ୟ ପ୍ରତ୍ୟେକ କୋଣ ଅନୁକୋଣ ଘୃଣା, ଅହଂକାର ଏବଂ କ୍ରୋଧ ପରି ଦୁର୍ଗୁଣରେ ପରିପୂର୍ଣ୍ଣ ଥିଲା ।

ଗୁରୁଜୀ କହିଲେ, 'ପୁତ୍ର ! ମୁଁ ତୁମକୁ ଏହି ଦର୍ପଣ ଦେଇଥିଲି ନିଜ ଦୋଷ ଦେଖି ତୁମର ଜୀବନକୁ ସୁଧାରିବା ପାଇଁ, ଅନ୍ୟମାନଙ୍କ ଦୋଷ ଖୋଜିବା ପାଇଁ ନୁହେଁ । ତୁମେ ଯେତିକି ସମୟ ଅନ୍ୟମାନଙ୍କ ଦୋଷ ଦେଖି ସମୟ ନଷ୍ଟ କରିଛ । ସେହି ସମୟ ଯଦି ନିଜକୁ ସୁଧାରିବାରେ ବିତାଇଥାନ୍ତ, ତେବେ ତୁମର ବ୍ୟକ୍ତିତ୍ୱ ଏବେ ବଦଳି ଯାଇଥାନ୍ତା । ମଣିଷର ସବୁଠାରୁ ବଡ଼ ଦୁର୍ବଳତା ହେଉଛି ଯେ ସେ ନିଜକୁ ସୁଧାରିବା ଅପେକ୍ଷା ଅନ୍ୟମାନଙ୍କ ଦୋଷ ଦେଖିବାକୁ ଅଧିକ ଆଗ୍ରହୀ । ଏହି ଦର୍ପଣର ଶିକ୍ଷା ଯାହା ତୁମେ ବୁଝିପାରିଲ ନାହିଁ । ତେଣୁ ଅନ୍ୟକୁ ଦୋଷ ଦୋଷ ଦେଖିବା ପୂର୍ବରୁ ନିଜ ଭୁଲକୁ ପରଖିବା ଉଚିତ୍ ।

**ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ**
**ମୋ: ୭୮୯୪୦୦୫୪୫୫**

**ଆମ ଐତିହ୍ୟ**

## ମିନି କୋଣାର୍କ



ରଘୁନନ୍ଦନ ମହାପାତ୍ର

ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ବୟାଳିସି ବାଟି ଗ୍ରାମ । ଗ୍ରାମୀଣ ପରିବେଶ । ସେହି ଗ୍ରାମରେ ଅବସ୍ଥିତ ମା' ଗଙ୍ଗେଶ୍ୱରୀ ଦେବୀଙ୍କ ମନ୍ଦିର ରହିଛି । ସେହି ମନ୍ଦିରର କାରୁକାର୍ଯ୍ୟ ଶୋଭିତ ମୁଖାଶାଳା ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ସଦୃଶ । ଦେବୀ ଗଙ୍ଗେଶ୍ୱରୀଙ୍କ ମୁଖ୍ୟ ମନ୍ଦିରର ଉଚ୍ଚତା ପ୍ରାୟ ଚାଳିଶି ଫୁଟ ଏବଂ ମୁଖଶାଳାର ଉଚ୍ଚତା ପ୍ରାୟ ତିରିଶି ଫୁଟ୍ ହେବ । ମୁଖଶାଳା ମନ୍ଦିରର ପଶ୍ଚିମ ଦିଗକୁ ଛାଡ଼ି ଅନ୍ୟ ତିନି ଦିଗରେ ରହିଛି ତିନିଗୋଟି ଆକର୍ଷଣୀୟ ପଥର ତୋରଣ । ପୂର୍ବଦିଗର ତୋରଣ ମନ୍ଦିର ପ୍ରବେଶ ପଥରେ ରହିଛି । ଦେବୀଙ୍କ ମନ୍ଦିର ଗର୍ଭଗୃହରେ ଦେବୀ ଗଙ୍ଗେଶ୍ୱରୀ ପୂଜା ପାଉଛନ୍ତି । ସେଠାରେ ମାଧବଙ୍କ ବିଗ୍ରହ ମଧ୍ୟ ପ୍ରତିଷ୍ଠିତ । ମନ୍ଦିର ମୁଖଶାଳାରେ ପଥର ଦେହରେ ସ୍ୱକ୍ଷ୍ମ କାରୁକାର୍ଯ୍ୟ ଦର୍ଶକଙ୍କୁ ଅଭିଭୂତ କରେ । କେଉଁଠି ହାତୀ ଉପରେ ବସି ରାଜାଙ୍କ ଯାତ୍ରା, ସଖିମାନଙ୍କ ମୂର୍ତ୍ତି, ନର୍ତ୍ତକୀମାନଙ୍କ ମୂର୍ତ୍ତି, ପାର୍ଶ୍ୱଦେବ ଶ୍ରୀ ଗଣେଶଙ୍କ ବିଗ୍ରହ ଇତ୍ୟାଦି ସୂକ୍ଷ୍ମ କାରୁକାର୍ଯ୍ୟ ଭରା ପଥର ଗାତ୍ରରେ ଚିତ୍ର ପ୍ରସିଦ୍ଧ କୋଣାର୍କ ମନ୍ଦିରର ଅବିକଳ ନମୁନା ପରି ଲାଗେ ।



କିମ୍ବଦନ୍ତୀ ଅନୁସାରେ ଗଙ୍ଗବଂଶର ରାଜତ୍ୱ କାଳରେ ଲାଙ୍ଗୁଳା ନରସିଂହ ଦେବ ପ୍ରସିଦ୍ଧ କୋଣାର୍କଠାରେ ସୂର୍ଯ୍ୟମନ୍ଦିର ନିର୍ମାଣ ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଆଉ ଉତ୍କଳର ଶିଳ୍ପୀକୁଳ ରାଜାଙ୍କ ଆଦେଶ ଗ୍ରହଣ କରିଥିଲେ । ଏବର ବୟାଳିସି ବାଟି ଗ୍ରାମରେ ରାଜ୍ୟର ଶିଳ୍ପୀଗଣ ବାସ କରି ଏକ ନମୁନା ମନ୍ଦିର ନିର୍ମାଣ କରାଇଥିଲେ । ଗଙ୍ଗବଂଶର କୁଳଦେବୀ ଗଙ୍ଗେଶ୍ୱରୀ ସେହି ମନ୍ଦିରରେ ଅଧିଷ୍ଠିତ ଥିଲେ । ଦେବୀ ଗଙ୍ଗେଶ୍ୱରୀଙ୍କ ମନ୍ଦିର ଓ ତାହାର ମୁଖଶାଳାର କାରୁକାର୍ଯ୍ୟ ବେଶ୍ ଆକର୍ଷଣୀୟ । ତାହା ଦେଖିଲେ ପ୍ରସିଦ୍ଧ କୋଣାର୍କ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ମନେ ପଡ଼ିଯାଏ । ଦେବୀ ଗଙ୍ଗେଶ୍ୱରୀଙ୍କ ମନ୍ଦିର ମୁଖଶାଳାର ଉତ୍ତର ପାର୍ଶ୍ୱରେ ଶିଳ୍ପୀଗଣଙ୍କ ମୁଖିଆ ଅନ୍ୟ ଶିଳ୍ପୀଙ୍କ ସହିତ ଆଲୋଚନା କରୁଥିବାର ଏକ ଦୃଶ୍ୟ ପଥର କାନ୍ଥରେ ଖୋଦିତ ହୋଇଛି । ସମୁଦ୍ରର ଲୁଣି ପବନ ପ୍ରବାହ ଯୋଗୁଁ ଦେବୀ ଗଙ୍ଗେଶ୍ୱରୀଙ୍କ ମନ୍ଦିର କାରୁକାର୍ଯ୍ୟ କ୍ଷୟ ହେବାକୁ ଲାଗିଛି । ମନ୍ଦିରର ମୁଖଶାଳା ଉପରେ ଦଧିନଉତି ରହିଛି । 'ମିନି କୋଣାର୍କ' ବା ସାନ କୋଣାର୍କ ଭାବରେ ପରିଚୟ ପାଇଥିବା ବୟାଳିସି ବାଟି ଗ୍ରାମଟି ଗୋପଠାରୁ ପ୍ରାୟ ତିନି କି.ମି. ଦୂର । ମନ୍ଦିରଟି ଆମ ରାଜ୍ୟର ଗର୍ବ ଓ ଗୌରବ । ଏହା ମଧ୍ୟ ବେଶ୍ ଦର୍ଶନୀୟ ।

**ଡାକବଙ୍ଗଳା ଛକ, ପୁରୁଣା ଭୁବନେଶ୍ୱର-୨**
**ମୋ- ୯୪୩୯୭୧୯୮୭୯**

## ଶିଶୁ



ଡ଼ ଧୀରେନ୍ଦ୍ର କୁମାର ମଲ୍ଲିକ

ଜାଣେନି ଶିଶୁ କପଟ ଛନ୍ଦ
ଜାଣେନି ହିଂସା ବାଦ,
ଜାଣେନି ପାପ ଛଳନା ନିନ୍ଦା
ଜାଣେନି ଜାତି ଭେଦ ।
ଯେମିତି ଶିକ୍ଷା ଦେବାଟି ତାକୁ
ସେମିତି ହେବ ଗଢି,
ସମୟ ସାଥେ ତାଳ ଦେଇକି
ଆଗକୁ ଯିବ ବଢି ।
କହିବା ନାହିଁ ତାହାରି ପାଖେ
କଦାପି ମନ୍ଦ ଭାଷା,
କରିବା ନାହିଁ ତାହାରି ଆଗେ
କାହାକୁ ଲୋକହସା ।
ନହେଲେ ଆମ ଠାରୁ ଶିଖିକି
ଖରାପ ସିଏ ହେବ,
ବଡ଼ ହୋଇକି ଆମରି ମୁହେଁ
ଯବାବ ପରା ଦେବ ।
ତେଣୁ ଶିଶୁକୁ କରିବା ସ୍ନେହ
ଶିଖାଇ ଭଲ କଥା,
ଦିନେ ସେ ଭଲ ମଣିଷ ହୋଇ
ଉଚ୍ଚା କରିବ ମଥା ।

**ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର**
**ମୋ: ୭୯୦୪୩୯୨୬୮୬**

## ମାଙ୍କଡ଼



ଦିବାକର ରାଉତ

ଡାଳରୁ ଡାଳ ଡାଳରୁ ଡାଳ
ଡେଇଁ ଡେଇଁ ମୁହିଁ କରଇ ଖେଳ ।
ବାଡ଼ି ବଗିଚାରେ ଯାଏ ମୁଁ ପଶି
ଛିଣ୍ଡାଇ ଖାଏ ମୁଁ କାକୁଡ଼ି କଷି ।
ବଗିଚା ମାଲିକ ଆସିଲେ ଧାଇଁ
ଦାନ୍ତ ଦେଖେଇ ପଳାଏ ଡେଇଁ ।
କୁକୁରଗୁଡ଼ିକ ଦେଖି ଭୁକନ୍ତି
ଛୋଟ ବଡ଼ ପିଲା ଟେକା ପକାନ୍ତି ।
ବଣ ଜଙ୍ଗଲରେ ରାତିରେ ରହୁ
ଦିନ ହେଲେ ଖାଦ୍ୟ ସନ୍ଧାନେ ଯାଉ ।
ଗଛ କଟା ସଙ୍ଗେ ଜଙ୍ଗଲ ପୋଡ଼ି
ସହର ଆସଇ ଏଠାକୁ ମାଡ଼ି ।
ଜଙ୍ଗଲରେ ନାହିଁ ଆମରି ସ୍ଥାନ
କିପରି କାଟିବୁ ଆଗାମୀ ଦିନ ।
ମାଙ୍କଡ଼ରେ ଆମ ବହୁତ ଜାତି
ତା ମଧ୍ୟରେ ଅଛୁ ହନୁ ଓ ପାତି ।
ତ୍ରେତୟାରେ ଥିଲୁ ରାମ ଭକତ
ହନୁମାନ ରୂପେ ଆମେ ପୂଜିତ ।

**ପ୍ଲଟ ନଂ- ୫୦୯-ଏ, କାନନ ବିହାର ଫେଜ୍-୨, ଭୁବନେଶ୍ୱର**
**ମୋ: ୯୪୩୭୬୪୫୧୫୩**



## ତୁମ ପାଇଁ ବହି



### ଶୁଭ ସକାଳ

ମୁଖ୍ୟ ସମ୍ପାଦକ: ଡ. ରାଜକିଶୋର ପାଢ଼ୀ
ସଂପାଦକ: ବ୍ରଜବନ୍ଧୁ ଶତପଥୀ
ଠିକଣା: ଜାରକା, ଧର୍ମଶାଳା, ଯାଜପୁର
ମୂଲ୍ୟ: ୫୦ ଟଙ୍କା

ଏହା ଏକ ଶିଶୁ କିଶୋର ପତ୍ରିକା । ଯାଜପୁର ଜିଲ୍ଲାର ଶିଶୁ ସାହିତ୍ୟିକମାନେ ଏକତ୍ର ହୋଇ ଏହି ପତ୍ରିକାଟିର ପ୍ରକାଶନ ଆରମ୍ଭ କରିଛନ୍ତି । ଏଥିରେ ରହିଛି ରାଜ୍ୟର ପ୍ରତିଷ୍ଠିତ ଲେଖକମାନଙ୍କ କବିତା ଓ ଗଳ୍ପ । ଚିତ୍ର ସହ ପରିଚ୍ଛନ୍ନ ମୁଦ୍ରଣ ପରିପାଟି ଏହାକୁ ବେଶ୍ ସରସ ସୁନ୍ଦର କରିଛି । ପିଲାମାନଙ୍କ ପାଇଁ ପତ୍ରିକାଟି ଖୁବ୍ ଶିକ୍ଷଣୀୟ ।

## କୁନାକୁନିଙ୍କ ଚିତ୍ର





ସ୍ୱସ୍ତିତପା ମେକାପ,
କ୍ଲାସ୍-୪,
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,
ନିମାପଡ଼ା



ସାନ୍ୱୀ ନାୟକ,
କ୍ଲାସ୍-୮,
ସେଣ୍ଟ ଜାଭିୟର ହାଇସ୍କୁଲ,
କେଦାର ଗୌରୀ, ଭୁବନେଶ୍ୱର



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

## ଆଇପିଏଲ୍ ଇତିହାସରେ ପ୍ରଥମ

# ସମସ୍ତ ୧୦ ଟିମ୍‌ର କ୍ୟାପ୍‌ଟେନ୍ ଭାରତୀୟ

**ନୂଆଦିଲ୍ଲୀ, ୨୦।୩/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ୧୯ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ସମସ୍ତ ୧୦ ଟିମ୍‌ର କ୍ୟାପ୍‌ଟେନ୍ ଭାରତୀୟ ହେବେ। ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏସ୍)ର ନିୟମିତ କ୍ୟାପ୍‌ଟେନ୍ ପ୍ୟାଟ୍ କମିନ୍ସ ପ୍ରାରମ୍ଭିକ ମ୍ୟାଚ୍‌ଗୁଡ଼ିକରୁ ବାଦ୍ ପଡ଼ିବା ପରେ ଫ୍ରାଞ୍ଚାଇଜି ତାଙ୍କ ସ୍ଥାନରେ ଈଶାନ୍ କିଶନ୍‌ଙ୍କୁ ନେତୃତ୍ୱ ପ୍ରଦାନ କରିଛି। ଏହା ସହିତ ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ ମୁକାବିଲାଗୁଡ଼ିକରେ ସମସ୍ତ ଟିମ୍‌ର ନେତୃତ୍ୱ ଭାରତୀୟ ଖେଳାଳିଙ୍କ ହାତରେ ହେବ। ଗତ ସିଜନ୍‌ରେ ମଧ ହାଇଦ୍ରାବାଦର ପ୍ୟାଟ୍ କମିନ୍ସଙ୍କ ବ୍ୟତୀତ ବାକି ସମସ୍ତ ଟିମ୍‌ର କ୍ୟାପ୍‌ଟେନ୍ ଭାରତୀୟ ହିଁ ଥିଲେ।

ଈଶାନ୍ କିଶନ୍‌ଙ୍କୁ ପ୍ରଥମ ଥର କ୍ୟାପ୍‌ଟେନ୍ ଭୂମିକାରେ ଦେଖିବାକୁ ମିଳିବ। ବର୍ତ୍ତମାନର ୧୦ କ୍ୟାପ୍‌ଟେନ୍‌ଙ୍କ ମଧ୍ୟରୁ ୬ ଜଣ ଏପରି ଅଛନ୍ତି, ଯେଉଁମାନେ ନିଜର ପ୍ରଥମ ଟ୍ରଫି ସନ୍ଧାନରେ ରହିବେ। ଏହା ମଧ୍ୟରେ ଋତୁରାଜ ଗାଏକ୍‌ୱାଡ୍, ରିୟାନ୍ ପରାଗ, ଶୁଭମନ୍ ଗିଲ୍, ଆଜିଙ୍କ୍ୟ ରାହାଣେ, ଈଶାନ୍ କିଶନ୍ ଏବଂ ଋଷଭ ପନ୍ତ ସାମିଲ। ଅନ୍ୟପକ୍ଷରେ ୪ କ୍ୟାପ୍‌ଟେ୍ ପୂର୍ବରୁ ଟାଇଟଲ୍ ଜିତିସାରିଛନ୍ତି। ଶ୍ରେୟସ୍ ଆୟର୍ ୨୦୨୪ରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)କୁ ଚାମ୍ପିଅନ୍ କରାଯାଇଥିବା ବେଳେ ରଜତ ପାଟିଦାର ୨୦୨୫ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଟାଇଟଲ୍ ଜିତାଇଥିଲେ।



ସେହିପରି ହାର୍ଦ୍ଦିକ ପାଣ୍ଡ୍ୟା ୨୦୨୨ରେ ଗୁଜରାଟ ଟାଇଟନ୍ସକୁ ପ୍ରଥମ ଥର ଟ୍ରଫି ଦେଇଥିଲେ।

ଏହା ମଧ୍ୟରେ ଶ୍ରେୟସ୍ ଆୟର୍ ଏକମାତ୍ର କ୍ୟାପ୍‌ଟେନ୍, ଯିଏ ତିନି ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜିଙ୍କୁ ଫାଇନାଲ୍‌ରେ ପହଞ୍ଚାଇଛନ୍ତି। ସେ ୨୦୨୦ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଫାଇନାଲ୍ ପର୍ଯ୍ୟନ୍ତ ନେଇଥିଲେ। ତେବେ ଟିମ୍‌କୁ ଫାଇନାଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ହାତରୁ ପରାଜିତ ହେବାକୁ ପଡ଼ିଥିଲା। ଏହାପରେ ୨୦୨୪ରେ ସେ କେକେଆର୍‌କୁ ଚାମ୍ପିଅନ୍ କରାଇଥିଲେ ଏବଂ ୨୦୨୫ରେ ପଞ୍ଜାବ କିଙ୍ଗ୍‌ସକୁ ଫାଇନାଲ୍‌ରେ ପହଞ୍ଚାଇଥିଲେ। ମାତ୍ର ଟିମ୍ ଆର୍‌ସିବି ଠାରୁ ହାରିଯାଇଥିଲା। ଆଇପିଏଲ୍‌ରେ ସବୁଠୁ ସଫଳ କ୍ୟାପ୍‌ଟେନ୍‌ଙ୍କ କଥା ବିଚାରକୁ ନେଲେ ମହେନ୍ଦ୍ର ସିଂହ ଧୋନି (ସିଏସ୍‌କେ) ଏବଂ ରୋହିତ ଶର୍ମା (ଏମ୍‌ଆଇ) ଶୀର୍ଷରେ ରହିଛନ୍ତି। ଦୁହେଁ: ନିଜ ନିଜ ଟିମ୍‌କୁ ୫-୫ ଥର ଚାମ୍ପିଅନ୍ କରାଇଛନ୍ତି। ଧୋନିଙ୍କ ନାମରେ ସର୍ବାଧିକ ମ୍ୟାଚ୍ (୨୨୯) ଏବଂ ବିଜୟ (୧୩୪) ରହିଥିବା ବେଳେ ରୋହିତ ମୁମ୍ବାଇ ଇଣ୍ଡିଆନ୍ସକୁ ପାଞ୍ଚଟି ଟାଇଟଲ୍ ଦେଇଛନ୍ତି। ବର୍ତ୍ତମାନର ଟିମ୍ ଇଣ୍ଡିଆ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର କେକେଆର୍‌କୁ ଦୁଇଥର (୨୦୧୨, ୨୦୧୪) ଚାମ୍ପିଅନ୍ କରାଇଛନ୍ତି।

## ଆଇପିଏଲ୍ ପାଇଁ ମଥିସା ପଥିରାଣା ଫିଟ୍

**କୋଲକାତା, ୨୦।୩/ଏଜେନ୍ସି:** ଆଇପିଏଲ ୨୦୨୬ ଆରମ୍ଭ ହେବାକୁ ଆଉ ଏକ ସପ୍ତାହ ଥିବାବେଳେ ବିଭିନ୍ନ ଟିମ୍‌ରେ ଆହତ ସମସ୍ୟା ଦେଖାଦେଇଛି। ବିଶେଷକରି କୋଲ୍‌କାତା ନାଇଟ୍‌ରାଇଡର୍ସ (କେକେଆର୍) ଏହା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛି। ବାଂଲାଦେଶୀ ବୋଲର୍ ମୁସ୍ତାଫିଜୁର ରହମାନଙ୍କୁ ଟିମ୍ ରିଲିଜ୍ କରିବା ପରେ ହର୍ଷିତ ରାଣା ମଧ୍ୟ ଆହତ ହୋଇ ପୂରା ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଇତି ମଧ୍ୟରେ ଟିମ୍ ପାଇଁ ଏକ ଖୁସି ଖବର ମିଳିଛି। 'ବେବି ମାଲିଙ୍ଗା' ଭାବେ ପରିଚିତ ମଥିସା ପଥିରାଣା ଫିଟ୍ ହୋଇଛନ୍ତି ଏବଂ ଆଇପିଏଲ୍ ଖେଳିବା ପାଇଁ ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ (ଏସ୍‌ଏଲ୍‌ସି) ତାଙ୍କୁ ଏନ୍‌ଓସି ପ୍ରଦାନ କରିଛି।

ଏସ୍‌ଏଲ୍‌ସି ସମ୍ପାଦକ ବାନ୍ଦୁଲା ଦିଶାନାୟକେ କହିଛନ୍ତି, ମଥିସାଙ୍କ ଆହତ ସମସ୍ୟାର ଉପସମ ହୋଇଥିବା ବେଳେ ସେ ଖେଳିବାକୁ ସଂପୂର୍ଣ୍ଣ ଫିଟ୍ ହୋଇଛନ୍ତି। କେକେଆର୍‌କୁ ସେ ଫେରିବା ପରେ ଜିମ୍ବାୱେ ବୋଲର୍ ବ୍ଲେସିଂ ମୁଜରବାନିଙ୍କ ସହ ଟିମ୍‌ର ପେସ୍ ଆକ୍ରମଣର ନେତୃତ୍ୱ ନେବେ। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌ର ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର୍ ଜ୍ୟାକ୍ ଏଡୱାର୍ଡସ୍ ଆହତ କାରଣରୁ ଆଗାମୀ ଟୁର୍ଣ୍ଣାମେଣ୍ଟରୁ ପଡ଼ିଛନ୍ତି।



## ବିସିସିଆଇ କମେଣ୍ଟ୍ରି ପ୍ୟାନେଲ୍ ଛାଡ଼ିଲେ ଶିବରାମକୃଷ୍ଣନ୍

**ନୂଆଦିଲ୍ଲୀ, ୨୦।୩/ଏଜେନ୍ସି:** ପୂର୍ବତନ ଭାରତୀୟ କ୍ରିକେଟର୍ ଏବଂ ବରିଷ୍ଠ କମେଣ୍ଟେଟର୍ ଲକ୍ଷ୍ମଣ ଶିବରାମକ୍ରିଷ୍ଣନ୍ ରଙ୍ଗଭେଦ ଅଭିଯୋଗ ଆଣିବା ସହିତ ବିସିସିଆଇ କମେଣ୍ଟ୍ରି ପ୍ୟାନେଲ୍ ଛାଡ଼ିଛନ୍ତି। ଶିବରାମକୃଷ୍ଣନ୍ ଶୁକ୍ରବାର ସୋସିଆଲ୍ ମିଡିଆ 'ଏକ୍ସ'ରେ ଏହି ସୂଚନା ଦେଇଛନ୍ତି। ୬୦ ବର୍ଷୀୟ ପୂର୍ବତନ କ୍ରିକେଟର୍ କହିଛନ୍ତି, ୨୩ ବର୍ଷର କ୍ୟାରିୟର୍‌ରେ ତାଙ୍କୁ ଟସ୍ ଏବଂ ପ୍ରେଜେଣ୍ଟେସନ୍ ପରି ପ୍ରମୁଖ ଅବସରରେ ପାଇଁ ବ୍ୟବହାର କରାଯାଇ ନାହିଁ, ଯାହାକୁ ନେଇ ସେ ନିରାଶ ଥିଲେ। ପୂର୍ବତନ ଲେଗ୍ ସ୍ପିନର୍ ପୋଷ୍ଟରେ ଲେଖିଛନ୍ତି ଯେ ନୂଆ କମେଣ୍ଟେଟର୍‌ଙ୍କୁ ସୁଯୋଗ ମିଳିଚାଲିଥିବା ବେଳେ ତାଙ୍କୁ ଦୀର୍ଘ ସମୟ ଧରି ଅଣଦେଖା କରାଯାଇଛି। ଏପରିକି ରବି ଶାସ୍ତ୍ରୀ କୋଚ୍ ଥିବାବେଳେ ମଧ ତାଙ୍କୁ ଏଥିପାଇଁ ପଠାଯାଇ ନଥିଲା। ଏହାର କ'ଣ ଅର୍ଥ ହୋଇପାରେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଏହା ମଧ କହିଛନ୍ତି ଯେ ତାଙ୍କ ଅବସର ଗ୍ରହଣ ପଛରେ ଟିଭି ପ୍ରଡକ୍ସନ୍ ସହିତ ଜଡ଼ିତ ଏକ ବଡ଼ କାହାଣୀ ରହିଛି, ଯାହା ଶୀଘ୍ର ସାମ୍ନାକୁ ଆସିବ। ଜଣେ ୟୁଜର୍ ରଙ୍ଗଭେଦ ପ୍ରସଙ୍ଗ ଉଠାଇବାରୁ ସେ ଏହାକୁ ଠିକ୍ ବୋଲି କହିଥିଲେ, ଯାହାକୁ ନେଇ ବିବାଦ ଆହୁରି ଗମ୍ଭୀର ହୋଇଛି।



୨୦୦୦ରୁ କମେଣ୍ଟ୍ରି କରିଆସୁଥିବା ଶିବରାମକ୍ରିଷ୍ଣନ୍ ନିଜର ନିର୍ଭୀକ ରାୟ ପାଇଁ ଜଣାଶୁଣା। ସେ ଆଇସିସି କ୍ରିକେଟ୍ କମିଟିରେ ଖେଳାଳି ପ୍ରତିନିଧି ମଧ ରହିଆସିଛନ୍ତି। ୧୯୮୩ରୁ ୧୯୮୬ ପର୍ଯ୍ୟନ୍ତ ଭାରତ ପାଇଁ ୯ ଟେଷ୍ଟ ଏବଂ ୧୬ ଦିନିକିଆ ଖେଳିଥିବା ଶିବରାମକୃଷ୍ଣନ୍ ୧୯୮୪ରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ୧୨ ୱିକେଟ୍ ନେଇ ଚର୍ଚ୍ଚାକୁ ଆସିଥିଲେ। ୧୯୮୫ରେ ଅଷ୍ଟ୍ରେଲିଆରେ ଆୟୋଜିତ ବିଶ୍ୱ ଚାମ୍ପିଅନ୍‌ଶିପ୍‌ର ପାକିସ୍ତାନ ବିପକ୍ଷ ଫାଇନାଲ୍‌ରେ ତାଙ୍କ ବୋଲିଂ ଭାରତକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

## ଇରାନୀ ମହିଳା ଫୁଟ୍‌ବଲ୍ ଟିମ୍‌କୁ ତେହରାନ୍‌ରେ ଭବ୍ୟ ସ୍ୱାଗତ



**ତେହରାନ୍, ୨୦।୩/ଏଜେନ୍ସି:** ଏସୀୟ କପ୍‌ରୁ ବାଦ୍ ପଡ଼ିବା ପରେ ଇରାନୀ ମହିଳା ଫୁଟ୍‌ବଲ୍ ଟିମ୍ ଅଷ୍ଟ୍ରେଲିଆରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ତେହରାନ୍ ପହଞ୍ଚିବା ପରେ ଟିମ୍‌କୁ ଭବ୍ୟ ସ୍ୱାଗତ କରାଯାଇଛି। ଦର୍ଶକମାନେ ଏହି ଅବସରରେ ଜାତୀୟ ପତାକା ଉଡ଼ାଇ ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ମିଡ୍‌ଫିଲ୍ଡର୍ ଫାତିମ ଶବାନ୍ କହିଛନ୍ତି, 'ମୁଁ ଭାବି ନଥିଲି କି ଏତେ ଲୋକ ଆମର ସ୍ୱାଗତ କରିବାକୁ ଆସିବେ। ସ୍ୱଦେଶ ପହଞ୍ଚି ମୁଁ ବହୁତ ଖୁସି। ଇରାନ୍‌ର କନ୍ୟା ହୋଇଥିବାରୁ ମୁଁ ଗର୍ବିତ।' ଦୁଇଜଣ ଖେଳାଳି ଫାତିମା ପସନ୍ଦିଦେହ ଏବଂ ଆତିଫା ରମେଜାନିସାଦେହ ଏବେ ବି ଅଷ୍ଟ୍ରେଲିଆରେ ରହିଛନ୍ତି ଏବଂ ବ୍ରିସ୍‌ବେନ୍ ରୋର୍ କ୍ଲବ୍ ସହ ଅଭ୍ୟାସ କରୁଛନ୍ତି। ଇରାନ୍ ମହିଳା ଟିମ୍ ଏସୀୟ କପ୍‌ରୁ ବାଦ୍ ପଡ଼ିବା ପରେ କେତେକ ଖେଳାଳି ଅଷ୍ଟ୍ରେଲିଆରେ ଶରଣ ମାଗିଥିଲେ। କିନ୍ତୁ ପରେ ମନ ପରିବର୍ତ୍ତନ କରି ଇରାନ୍ ଫେରିବାକୁ ଚାହିଁଥିଲେ। ଟିମ୍ ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଟୁର୍ଣ୍ଣାମେଣ୍ଟ୍ ଖେଳିବା ପାଇଁ ଫେବୃଆରୀ ୨୮ରେ ଅଷ୍ଟ୍ରେଲିଆ ପହଞ୍ଚିଥିଲା।

## ଏଲ୍‌ଏଲ୍‌ସିସି କପ୍: କ୍ୱାର୍ଟର୍‌ରେ ରାମେଶ୍ୱର ସ୍ପୋର୍ଟିଂ

**ଭୁବନେଶ୍ୱର, ୨୦।୩/ଏଜେନ୍ସି:** କଟକର ନିମପୁର କ୍ରିକେଟ୍ କ୍ଲବ୍‌କୁ ୯୨ ରନ୍‌ରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ୧୪ ବର୍ଷରୁ କମ୍ ଏଲ୍‌ଏଲ୍‌ସିସି କପ୍ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ରାମେଶ୍ୱର ସ୍ପୋର୍ଟିଂ କୁର୍ତ୍ତି କୁମାର ବରାଳଙ୍କ ୭୨ ରନ୍, ମୁସ୍ତାନା ସାଇ କୌଶିକ୍‌ଙ୍କ ଅପରାଜିତ ୭୦ ରନ୍ ଏବଂ ବିଭୁ ପ୍ରସାଦ ପ୍ରଧାନଙ୍କ ୪୧ ରନ୍‌ର ଇନିଂସ୍ ବଳରେ ନିର୍ଦ୍ଧାରିତ ୩୫ ଓଭରରେ ୩ ୱିକେଟ ହରାଇ ୨୭୧ ରନ କରିଥିଲା। ନିମପୁରର ତ୍ରିଲୋଚନ ମହାରଣା, ଯୁଦ୍ଧଜିତ ସ୍ୱାଇଁ ଓ ଅନୀଲ ମହାରଣା ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ୨୭୨ ରନର ଟାର୍ଗେଟ ପାଇଥିବା ନିମପୁର ଆଦୌ ଆଶା ଅନୁସାରେ ପ୍ରଦର୍ଶନ କରି ପାରି ନଥିଲା। ଶେଷରେ ଦଳ ନିର୍ଦ୍ଧାରିତ ୩୫ ଓଭର୍‌ରେ ୯ ୱିକେଟ୍ ହରାଇ କେବଳ ୧୭୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ଓପ୍ନର ପ୍ରତ୍ୟୁଶ ଦିବ୍ୟଜ୍ୟୋତି ସ୍ୱାଇଁ ୪୬ ବଲ୍‌ରେ ୫୭ ଓ ଯୁଦ୍ଧଜିତ ସ୍ୱାଇଁ ୩୩ ବଲ୍‌ରେ ୩୯ ରନ୍ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂ ପାଇଁ ବିମଳଜ୍ୟୋତି ବେହେରା ୭ ଓଭର୍‌ରେ ୬ଟି ମେଡେନ ସହ ୪ ରନ୍ ବ୍ୟୟରେ ୩ଟି ୱିକେଟ ଦଖଲ କରିଛନ୍ତି। ତାଙ୍କ ବ୍ୟତୀତ ଗିରିଶ ଚନ୍ଦ୍ର ବିଶ୍ୱାଳ ଓ ମୋହନ ସାହୁଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଅପରାଜିତ ୭୦ ରନ୍ ଓ ଗୋଟିଏ ୱିକେଟ ନେଇଥିବା ମୁସ୍ତାନାଙ୍କୁ ଏଲ୍‌ଏଲ୍‌ସିସି ସମ୍ପାଦକ ପଙ୍କଜ କୁମାର ଦାସ ଓ ଯୁବ ବ୍ୟବସାୟୀ ଚନ୍ଦନ ମୁଦୁଲି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।



## ଫିଫା ମ୍ୟାଚ୍‌ରେ ମହିଳା କୋଚ୍ ବାଧ୍ୟତାମୂଳକ

**ମାଞ୍ଚେଷ୍ଟର, ୨୦।୩/ଏଜେନ୍ସି:** ବିଶ୍ୱ ଫୁଟ୍‌ବଲ୍‌ର ସର୍ବୋଚ୍ଚ ସଂସ୍ଥା ଫିଫା ଏକ ନୂଆ ନିୟମ ଲାଗୁ କରିଛି। ଏଣିକି ମହିଳା ପ୍ରତିଯୋଗିତା ଖେଳୁଥିବା ଟିମ୍‌ଗୁଡ଼ିକରେ ଅତିକମ୍‌ରେ ଜଣେ ମୁଖ୍ୟ କିମ୍ବା ସହକାରୀ ମହିଳା କୋଚ୍ ରହିବେ। ଗୁରୁବାର ଫିଫା ପରିଷଦ ପକ୍ଷରୁ ଏହି ନୂଆ ନିୟମକୁ ମଞ୍ଜୁରୀ ଦିଆଯାଇଛି। ଏହା ଚଳିତ ବର୍ଷର ୧୭ ବର୍ଷରୁ କମ୍, ୨୦ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌ରେ ଲାଗୁ ହେବ। ସେହିପରି ଆସନ୍ତା ବର୍ଷ ବ୍ରାଜିଲ୍‌ରେ ହେବାକୁ ଥିବା ମହିଳା ବିଶ୍ୱକପ୍‌ରେ ବି ଏହି ନିୟମ ଲାଗୁ ହେବ। ଫିଫ୍ର ମୁଖ୍ୟ ଫୁଟବଲ୍ ଅଧିକାରୀ ଜିଲ୍ ଏଲିସ୍ କହିଛନ୍ତି ଯେ ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ୍‌ରେ ଏବେ ଯଥେଷ୍ଟ ସଂଖ୍ୟକ ମହିଳା ପ୍ରଶିକ୍ଷକ ନାହାନ୍ତି।



# ଦ୍ୱୈତ ସଦସ୍ୟତା ଚିନ୍ତାରେ ନୀତୀଶ-ନୀତିନ୍

**ସଂକଟରେ ରାଜ୍ୟସଭା ସଦସ୍ୟତା, ୧୦ ଦିନରେ ନେବାକୁ ହେବ ନିଷ୍ପତ୍ତି**



**ନୂଆଦିଲ୍ଲୀ, ୨୦।୩/ଏଜେନ୍ସି:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନଙ୍କ ପାଇଁ ଟେନ୍‌ସନ୍ ବଢ଼ିବାରେ ଲାଗିଛି। ଉଭୟଙ୍କ ପାଇଁ ଦ୍ୱୈତ ସଦସ୍ୟତା ହିଁ ମୁଖ୍ୟ ଚିନ୍ତାର ବିଷୟ ପାଲଟିଛି। ପ୍ରକାଶ, ଉଭୟ ନେତା ମାର୍ଚ୍ଚ ୧୬ରେ ରାଜ୍ୟସଭାକୁ ନିର୍ବାଚିତ ହୋଇସାରିଛନ୍ତି। ସୁତରାଂ ସେମାନଙ୍କୁ ଏବେ 'ଦ୍ୱୈତ ସଦସ୍ୟତା' ସମ୍ପର୍କିତ ନିୟମ ଅନୁଯାୟୀ ନିଷ୍ପତ୍ତି ନେବାକୁ ପଡିବ। ଯଦି ସମୟ ଥାଉ ଥାଉ ଏମାନେ ନିଜ ଦ୍ୱୈତ ଭୂମିକା ବା ସଦସ୍ୟତା ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନନିଅନ୍ତି ତେବେ ଉଭୟଙ୍କ ରାଜ୍ୟସଭା ସଦସ୍ୟତା ବିପଦରେ ପଡ଼ିବା ଅବସମ୍ଭାବୀ। ଏହି ପ୍ରସଙ୍ଗ ରାଜନୈତିକ ମହଲରେ ନୂତନ ଆଲୋଚନା ଆରମ୍ଭ କରିଛି। ସମ୍ବିଧାନ ଅନୁଯାୟୀ, ଜଣେ ନିର୍ବାଚିତ ସଦସ୍ୟଙ୍କୁ ନିଜ ଦ୍ୱୈତ ଭୂମିକା ସମ୍ପର୍କରେ ୧୪ ଦିନ ମଧ୍ୟରେ ନିଷ୍ପତ୍ତି ନେବାକୁ ପଡିବ। ଫଳସ୍ୱରୂପ, ଉଭୟ ନେତା ମାର୍ଚ୍ଚ ୩୦ ସୁଦ୍ଧା ସେମାନଙ୍କର ନିଷ୍ପତ୍ତି ନେବା ବାଧ୍ୟତାମୂଳକ। ସୁତରାଂ ଉଭୟ ନୀତୀଶ କୁମାର ଏବଂ ନୀତିନ ନବୀନଙ୍କୁ ବିଧାନସଭା କିମ୍ବା ବିଧାନସଭା ପରିଷଦରୁ ଇସ୍ତଫା ଦେବାକୁ ପଡିବ। ନଚେତ, ସେମାନଙ୍କର ରାଜ୍ୟସଭା ସଦସ୍ୟତା ସ୍ୱୟଂକ୍ରିୟ ଭାବେ ନିଷ୍ପ୍ରଭ ହୋଇଯିବ। ଏହି ନିୟମ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ। ଭାରତୀୟ ସମ୍ବିଧାନର ଧାରା ୧୦୧(୨)ରେ ଏସମ୍ପର୍କୀତ ପ୍ରାବଧାନ ରହିଛି। ଏହି ବ୍ୟବସ୍ଥା ଅନୁଯାୟୀ, କୌଣସି ବ୍ୟକ୍ତି ଏକକାଳୀନ ସଂସଦ ଏବଂ ରାଜ୍ୟ ବିଧାନସଭା ଉଭୟରେ ସଦସ୍ୟତା ଧାରଣ କରିପାରିବେ ନାହିଁ। ଏହାର ଉଦ୍ଦେଶ୍ୟ ହେଉଛି କ୍ଷମତାର ଦ୍ୱନ୍ଦ୍ୱକୁ ରୋକିବା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାର ସ୍ୱଚ୍ଛତା ସୁନିଶ୍ଚିତ କରିବା। ସୁତରାଂ ଏପରି ପରିସ୍ଥିତିରେ, କୌଣସି ଅତିରିକ୍ତ ନିର୍ଦ୍ଦେଶ ଆବଶ୍ୟକ ନାହିଁ। ନିୟମ ସ୍ୱୟଂଚାଳିତ ଭାବରେ କାର୍ଯ୍ୟକାରୀ ହୁଏ। ତେଣୁ, ଏକ ସମୟୋଚିତ ନିଷ୍ପତ୍ତି ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ସମ୍ବିଧାନର ଧାରା ୯୯ ଅନୁଯାୟୀ, ଶପଥ ଗ୍ରହଣ କରିବା ବାଧ୍ୟତାମୂଳକ। ଶପଥ ଗ୍ରହଣ ନକରି, ଜଣେ ସଦସ୍ୟ ଗୃହରେ ବସିପାରିବେ ନାହିଁ କିମ୍ବା ଭୋଟ ଦେଇପାରିବେ ନାହିଁ।

**ଇସ୍ରାଏଲ ପଟୁ ଆକ୍ରମଣ ଜାରି**

# ପ୍ରାଣ ହରାଇଲେ ଇରାନ୍‌ର ଆଉ ୨ ପ୍ରମୁଖ ବ୍ୟକ୍ତି

**ତେହରାନ୍, ଜେରୁଜେଲମ୍, ୨୦।୩/ଏଜେନ୍ସି:** ଇରାନ୍ ବିପକ୍ଷ ଯୁଦ୍ଧରେ ଯେଉଁଠି ଆମେରିକା କିଛି ମାତ୍ରାରେ ଏବେ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିବାର ଦେଖିବାକୁ ମିଳୁଥିବା ବେଳେ ଇସ୍ରାଏଲ୍ ପଟୁ କିନ୍ତୁ ଇରାନ୍ ଉପରେ ନିରନ୍ତର ଆକ୍ରମଣ ଜାରି ରହିଛି। ରିପୋର୍ଟ ଅନୁସାରେ ଇସ୍ରାଏଲ୍ ପଟୁ ଗୁରୁବାର

**ସମୁଦ୍ର ତଳେ ବିଛାଯାଇଥିବା ଇଣ୍ଟରନେଟ୍ କେବୁଲ୍ କାଟିବାକୁ ଧମକ ଦେଲା ଆଇଆର୍‌ଜିସି**

ବିଳମ୍ବିତ ରାତିରେ ହୋଇଥିବା ଆକ୍ରମଣରେ ଇରାନ୍‌ର ଅନେକ କ୍ଷତି ଘଟିଛି। ବିଶେଷକରି ଇରାନ୍ ଆଉ ୨ ପ୍ରମୁଖ ନେତୃତ୍ୱଙ୍କୁ ହରାଇବାକୁ ବାଧ ହୋଇଛି। ଇରାନ୍ ମଧ ଏନେଇ ସ୍ପଷ୍ଟ କରିଛି। ଇରାନୀ ସେନା ଆଇଆର୍‌ଜିସି କହିଛି ଇସ୍ରାଏଲ୍ ପଟୁ ହୋଇଥିବା ସଦ୍ୟ ଆକ୍ରମଣରେ ଏହାର ମୁଖପାତ୍ର ଅଲି ମହମ୍ମଦ ନାଇନିଙ୍କ ମୃତ୍ୟୁ ହୋଇଛି। ସେହିପରି ଆକ୍ରମଣରେ ଇରାନର ବାସିଜ୍ ଫୋର୍ସର ଗୁପ୍ତଚର ମୁଖ୍ୟ ଇସମାଇଲ୍ ଅହମଦୀ ଖତିବ୍ ମଧ ବିମାନ ଆକ୍ରମଣରେ ନିହତ ହୋଇଥିବା ଇସ୍ରାଏଲ ଦାବି କରିଛି। ଇସ୍ରାଏଲୀ ସେନା ଅନୁଯାୟୀ, ଏହି ଆକ୍ରମଣ କେନ୍ଦ୍ରୀୟ ତେହେରାନରେ ଥିବା ବାସିଜ୍ କମାଣ୍ଡ ସେଣ୍ଟରକୁ ଟାର୍ଗେଟ କରି କରାଯାଇଥିଲା। ତେବେ ଅହମଦୀ ଖତିବ୍‌ଙ୍କ ମୃତ୍ୟୁ ସମ୍ପର୍କରେ ଇରାନ ପଟୁ କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ। ଗୁରୁବାର ଭୋର ସମୟରେ ଇରାନ୍ ପଟୁ ଇସ୍ରାଏଲ୍‌ର ହାଇଫା ସହର ଉପରେ ଭୟଙ୍କର ଆକ୍ରମଣ ହୋଇଥିଲା। ଏହାର ଜବାବରେ ଏପ୍ରକାର ଆକ୍ରମଣ କରାଯାଇଥିବା ଇସ୍ରାଏଲ କହିଛି।



ଏସବୁ ମଧ୍ୟରେ ଆଉ ଏକ ବଡ଼ ଖବର ମଧ ସାମ୍ନାକୁ ଆସିଛି। ପୂର୍ବରୁ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରି ବିଶ୍ୱସ୍ତରରେ ତୈଳ ଏବଂ ଗ୍ୟାସ ସଂକଟ ଉପୁନ୍ନ କରିବାରେ ସଫଳ ହୋଇଥିବା ଇରାନ୍ ଏବେ ସମୁଦ୍ର ଶଯ୍ୟାରେ ବିଛାଯାଇଥିବା ଅପ୍ଟିକାଲ୍ ଫାଇବର ଲାଇନ୍ (ଇଣ୍ଟରନେଟ୍ କେବୁଲ୍)ଗୁଡ଼ିକୁ ମଧ ନଷ୍ଟ କରିଦେବାର ଧମକ ଦେଇଛି। ଫଳରେ ବିଶ୍ୱବ୍ୟାପୀ ଏବେ ଇଣ୍ଟରନେଟ୍ ସମସ୍ୟା ଆଉ ଏକ ବଡ଼ ତଥା ବିକଟ ପରିସ୍ଥିତି ଉପୁନ୍ନ କରିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। କାରଣ ଯଦି ଏହି କେବୁଲ କ୍ଷତିଗ୍ରସ୍ତ ହୁଏ, ତେବେ ଏହା ଇଣ୍ଟରନେଟଜନିତ ବ୍ୟାଙ୍କିଙ୍ଗ, ଡିଜିଟାଲ ପେମେଣ୍ଟ, ଅନଲାଇନ ବ୍ୟବସାୟିକ କାର୍ଯ୍ୟ ଏବଂ ଏଆଇ ସେବାଗୁଡ଼ିକୁ ମଧ ଗୁରୁତର ଭାବେ ପ୍ରଭାବିତ କରିବ। ଏହାର ପ୍ରଭାବ ଭାରତ ସମେତ ସମଗ୍ର ବିଶ୍ୱରେ ଅନୁଭୂତ ହେବ। ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଦୁଇଟି ସ୍ଥାନ ସର୍ବାଧିକ ବିପଦରେ ଅଛି। ପ୍ରଥମତଃ ହର୍ମୁଜ ଷ୍ଟ୍ରେଟ୍ ଏବଂ ଦ୍ୱିତୀୟରେ ବାବ୍ ଅଲ୍-ମଣ୍ଡେବ ଷ୍ଟ୍ରେଟ୍, ଯାହାକି ଲୋହିତ ସାଗରରେ ଅବସ୍ଥିତ। ଏହି ଉଭୟ ଜଳପଥ ତଳେ ଫାଇବର-ଅପ୍ଟିକ କେବୁଲର ଏକ ବିଶାଳ ନେଟୱାର୍କ ରହିଛି। ଇରାନ୍ ପକ୍ଷରୁ ହୁଏତ ହର୍ମୁଜ ଅଞ୍ଚଳରେ ପାଣି ତଳେ ସୁଡ଼ଙ୍ଗ କିମ୍ବା ବିପଦପୂର୍ଣ୍ଣ ବସ୍ତୁ ନିୟୋଜିତ କରାଯାଇଛି ଯାହାକୁ ଆଳ କରି ଇରାନ୍ ଏପ୍ରକାର ଧମକ ଦେଉଥିବା ଅନୁମାନ କରାଯାଉଛି।

ଏସିଆ-ୟୁରୋପ-ଆଫ୍ରିକା ମଧ୍ୟରେ ଏହି କେବୁଲଗୁଡିକ ଗୁରୁତ୍ୱପୂର୍ଣ୍ଣ ଇଣ୍ଟରନେଟ ଟ୍ରାଫିକ୍ ବ୍ୟବସ୍ଥାକୁ ସମ୍ଭାଳି ଆସୁଛନ୍ତି। ଗୁଗଲ୍, ଆମାଜନ ଓ ମାଇକ୍ରୋସଫ୍ଟ ଭଳି ନାମୀ କମ୍ପାନୀଗୁଡିକ ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଭଳି ଦେଶରେ କୋଟି କୋଟି ଟଙ୍କା ବ୍ୟୟ କରି ଡାଟା ସେଣ୍ଟର ସ୍ଥାପନ କରିଛନ୍ତି। ୨୦୨୪ରେ ୟେମେନ୍‌ରେ ସକ୍ରିୟ ଥିବା ହୁତି ଆତଙ୍କବାଦୀମାନେ ଲୋହିତ ସାଗର ଶଯ୍ୟାରେ ବିଛାଯାଇଥିବା ଇଣ୍ଟରନେଟ କେବୁଲଗୁଡ଼ିକୁ ନଷ୍ଟ କରିଦେଇଥିଲେ। ଫଳରେ ଦୀର୍ଘ ଦିନ ଧରି ଏସିଆ ଓ ଆଫ୍ରିକାରେ ଇଣ୍ଟରନେଟ ସ୍ପିଡ୍ ହ୍ରାସ ପାଇଥିଲା।

## ୩୦୦ ବେଆଇନ ଜୁଆ, ବେଟିଂ ଆପ୍ ନିଷିଦ୍ଧ

**ନୂଆଦିଲ୍ଲୀ, ୨୦।୩/ଏଜେନ୍ସି:** କେନ୍ଦ୍ର ସରକାର ପୁଣିଥରେ ଅବୈଧ ଆପ୍ ଉପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ରିପୋର୍ଟ ଅନୁସାରେ ଶୁକ୍ରବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ୩୦୦ ଅନଲାଇନ୍ ଜୁଆଖେଳ ଓ ବେଟିଂ ଆପ୍ ଓ ୱେବସାଇଟ୍‌ଗୁଡ଼ିକୁ ନିଷିଦ୍ଧ କରିଛନ୍ତି। ଆଇନ ଉଲ୍ଲଂଘନ କରିଥିବା ଅନଲାଇନ୍ କ୍ରୀଡ଼ା ବେଟିଂ ୱେବସାଇଟ୍, ଡିଜିଟାଲ କାସିନୋ ଆଦିକୁ ବନ୍ଦ କରାଯାଇଛି। ସଟ୍ଟା ଓ ମଟ୍‌କା ଜୁଆ ଖେଳ ଉପରେ ମଧ ରୋକ୍ ଲଗାଯାଇଛି। ଅନଲାଇନ୍ ଗେମିଂ ନିୟମ ଅଧୀନରେ ବର୍ତ୍ତମାନ ସୁଦ୍ଧା ୮୪୦୦ ପାଖାପାଖି ୱେବସାଇଟ୍ ନିଷିଦ୍ଧ କରାଯାଇଛି। ସେଥିରୁ ୪୯୦୦ ୱେବସାଇଟ୍‌କୁ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଛି।

**ମଧ୍ୟପ୍ରାଚ୍ୟରେ ସ୍ଥିତି ସୁଧୁରିବାର ନାଁ ଧରୁନି**

## ଆଡ୍‌ଭାଇଜରି ଜାରି କଲା ଡିଜିସିଏ

**ନୂଆଦିଲ୍ଲୀ, ୨୦।୩/ଏଜେନ୍ସି:** ମଧ୍ୟପ୍ରାଚ୍ୟ ଯୁଦ୍ଧ ବିଭୀଷିକା ଦିନକୁ ଦିନ ବ୍ୟାପକ ହେଉଥିବା ବେଳେ ଏହାରି ମଧ୍ୟରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଆଡଭାଇଜାରି ଜାରି କରିଛି। ଯୁଦ୍ଧଗ୍ରସ୍ତ ଉପସାଗରୀୟ ଅଞ୍ଚଳରେ ୯ଟି ଦେଶର ଆକାଶମାର୍ଗକୁ ଏଡ଼ାଇବା ପାଇଁ ଡିଜିସିଏ ପରାମର୍ଶ ଦେଇଛି। ଏହି ଅଞ୍ଚଳରେ ଚାଲିଥିବା ସଂଘର୍ଷ ପରେ ବୃଦ୍ଧି ପାଇଥିବା ବିପଦକୁ ଦୃଷ୍ଟିରେ ରଖି ହଠାତ୍ ଏପରି ଯୋଜନା ପ୍ରସ୍ତୁତ କରାଯାଇଥିବା ଡିଜିସିଏ କହିଛି। ରିପୋର୍ଟ ଅନୁସାରେ ବାହାରିନ୍, ଇରାନ୍, ଇରାକ୍, ଇସ୍ରାଏଲ, ଜୋର୍ଡାନ, କୁଏତ୍, ଲେବାନନ୍, କତାର ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ଆକାଶମାର୍ଗକୁ ଏଡ଼ାଇବା ପାଇଁ ଡିଜିସିଏ ବିଭିନ୍ନ ବିମାନ କମ୍ପାନୀକୁ କହିଛି। ଆସନ୍ତା ୨୮ ତାରିଖ ଯାଏ ଯାତ୍ରା ନ କରିବାକୁ ଡିଜିସିଏ ପରାମର୍ଶ ଦେଇଛି। ତେବେ ସାଉଦିଆରବ ଏବଂ ଓମାନ ପାଇଁ ଡିଜିସିଏ ସର୍ତ୍ତମୂଳକ ଅନୁମତି ଦେଇଛି। ଏହି ଦୁଇ ଦେଶରେ ୩୨ ହଜାର ଫୁଟ୍ ତଳ ସ୍ତରରେ ଉଡାଣ ନକରିବାକୁ ବିମାନ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।




ନିତିଦିନ NITIDIN

NEW AGE MEDIA & PUBLICATIONS PVT. LTD.
Shed No.- TS-2/210/A, Zone-B, Sector-A, Mancheswar Industrial Estate,
Bhubaneswar-751010, Khordha, Odisha

Invite application for the following posts:

| Name of the post | Location | Experience |
|---|---|---|
| Sub-editor | Bhubaneswar | Minimum 2-3 years in Sub-editing |
| Layout Designer | Bhubaneswar | Minimum 2-3 years in Layout designing |

Interested candidates may submit their Resume/CV through email at hr@nitidin.com or Contact : 7681055980

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra